

## ସୀମା ବଦଳି ଭାରତର ହେବ ସିନ୍ଧ୍ ପ୍ରଦେଶ! ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 241 | ଭାଗ ୩୩ | ସଂଖ୍ୟା ୨୪୧ | Monday 24 November 2025 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର ୨୪ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବଢୁଛି ବାତ୍ୟା ଭୟ, ଆଜି ଅବପାତ

- ସମୁଦ୍ର ଭିତରେ ବଳ ଗୋଟାଇ ଶକ୍ତିଶାଳୀ ହେଉଛି
- ୨୬ ତାରିଖରୁ ଦକ୍ଷିଣ ଓଡ଼ିଶାକୁ ବର୍ଷା, ପବନ ଭୟ
- ବାତ୍ୟା ଗତିପଥ ଓ ତୀବ୍ରତା ନେଇ ଆଇଏମଡି ଚୁପ୍

**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ବଢୁଛି ବାତ୍ୟା ଭୟ। ଆସନ୍ତାକାଲି ସୁଦ୍ଧା ଅବପାତରେ ପରିଣତ ହୋଇପାରେ ଲଘୁଚାପ। ଏବେ ସମୁଦ୍ର ଭିତରେ ଆହୁରି ଘନୀଭୂତ ହେବାରେ ଲାଗିଛି ଲଘୁଚାପ। ୨୭ରେ ନେଇପାରେ ବାତ୍ୟାର ରୂପ। ମାଲାକ୍କା ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ଲଘୁଚାପ ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଗତିକରି ୨୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୨୪ ଘଣ୍ଟାରେ ଗଭୀର ଅବପାତ ରୂପ ନେଇପାରେ। ସମୁଦ୍ର ଭିତରେ ବଳ ଗୋଟାଇ ଏହା ଧୀରେ ଶକ୍ତିଶାଳୀ ହେବ ଓ ୨୭ରେ ବାତ୍ୟାରେ ପରିଣତ ହୋଇପାରେ।

ବାତ୍ୟାର ଗତିପଥ, ତୀବ୍ରତା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ କିଛି ସ୍ପଷ୍ଟ କରାଯାଇନି। କିନ୍ତୁ ଏହାର ପ୍ରଭାବରେ ଆଣ୍ଡାମାନ, ନିକୋବର ଦୀପପୁଞ୍ଜରେ ବର୍ଷା ଆରମ୍ଭ ହୋଇଗଲାଣି। ୨୮ ତାରିଖ ବେଳକୁ ଆନ୍ଧ୍ର ଓ ଓଡ଼ିଶା ଉପକୂଳରେ ବର୍ଷା ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବଡ ବର୍ଷା ଭୟ ରହିଛି। ଏବେଠାରୁ ଏ ସଂକ୍ରାନ୍ତରେ ସତର୍କ କରିଛନ୍ତି ପାଣିପାଗ ବିଜ୍ଞାନୀ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ, ଏଣୁ ସମୁଦ୍ର ଭିତରକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଧାନ ଅମଳ ସମୟ ହୋଇଥିବାରୁ ଅଦିନିଆ ବର୍ଷାକୁ ନେଇ ଚାଷୀଙ୍କୁ ଚିନ୍ତା ଘାରିଛି। ପାଚିଲା ଧାନ ନଷ୍ଟ ହେବାର ଆଶଙ୍କା ଥିବାରୁ ତରତର ହୋଇ ଜମିରୁ ଧାନ କାଟି ନେଉଛନ୍ତି ଚାଷୀ।

ସ୍କାଏମେଟର ଆକଳନ କରିଛି ଯେ, ୨୫ କିମ୍ବା ୨୬ରେ ବାତ୍ୟା ସୃଷ୍ଟି ହୋଇପାରେ। ଏହା ୩୦ ଓ ୧ ତାରିଖ ବେଳକୁ ଓଡ଼ିଶାରେ ଘସି ହୋଇ ପଶ୍ଚିମବଙ୍ଗ ଓ ବାଂଲାଦେଶ ➭ପୃଷ୍ଠା-୬





### ମୁକାବିଲା ପାଇଁ ସରକାର ପ୍ରସ୍ତୁତ



ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରାଜ୍ୟ ସରକାର। ବାତ୍ୟା ମୁକାବିଲାର ପ୍ରସ୍ତୁତି ନେଇ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବଙ୍ଗୋପସାଗରରେ ବାତ୍ୟା ହେବା ସମ୍ଭାବନା ରହିଛି। ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇସାରିଛି। ଏଥର ଦୁଇଟି ଲଘୁଚାପ ସୃଷ୍ଟି ହୋଇଛି। ଗୋଟିଏ ବଙ୍ଗୋପସାଗରରେ ଅନ୍ୟଟି ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଛି। ଉଭୟ ଲଘୁଚାପ ମିଳିତ ହୋଇ ଆଗକୁ ବଢ଼ିବା ଆଶଙ୍କା ରହିଛି।ତାମିଲନାଡ୍ର, ଆନ୍ଧ୍ର ଓ ପରେ ଓଡ଼ିଶା ପ୍ରଭାବିତ ➭ପୃଷ୍ଠା-୬

---

ବିମାନବନ୍ଦରରୁ ଲୋକସେବା ଭବନ ଆସିଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟବାସୀଙ୍କ ସେବାରେ ଉତ୍ସର୍ଗୀକୃତ



**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ତିନିଦିନିଆ ବ୍ୟସ୍ତବହୁଳ ଦିଲ୍ଲୀ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନକୁ ଆସି ସରକାରୀ କାର୍ଯ୍ୟରେ ଯୋଗଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଅବସରରେ ଦୁଇଟି କାର୍ଯ୍ୟକ୍ରମ ଏବଂ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ରାତିରେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ କରିଥିଲେ। ଶନିବାର ଦିଲ୍ଲୀରେ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗଦେବା ସହିତ କେନ୍ଦ୍ରମନ୍ତ୍ରୀମାନଙ୍କୁ ଭେଟି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ମଧ୍ୟ କରିଛନ୍ତି। ଆଜି ସକାଳ ୭ଟା ବେଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ବାହାରି ବିନା ବିଶ୍ରାମରେ ଭୁବନେଶ୍ୱର ବିମାନବନ୍ଦରରୁ ସିଧାସଳଖ ଲୋକସେବା ଭବନକୁ ଆସି ସରକାରୀ କାର୍ଯ୍ୟ କରିଛନ୍ତି। ଆଜି ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର କେନ୍ଦୁଝର ଜିଲ୍ଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ରହିଛି। ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଦୈନନ୍ଦିନ ➭ପୃଷ୍ଠା-୬

---

## ନିଶାଦେଇ ଗଣଦୁଷ୍କର୍ମ

### କ୍ୟାପିଟାଲ ହସ୍ପିଟାଲରେ ବଞ୍ଚିବାକୁ ସଂଘର୍ଷ

**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ଗୋପାଳପୁର, ବ୍ରହ୍ମଗିରି ଦୁଷ୍କର୍ମ ଘଟଣା ମନରୁ ନଯାଉଣୁ ଖୋର୍ଦ୍ଧାରୁ ଆସିଛି ଛାତି ଥରାଇ ଦେବା ଭଳି ଘଟଣା। ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇ କ୍ୟାପିଟାଲ ହସ୍ପିଟାଲରେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ଅଭିଯୋଗ ହୋଇଛି। ଖୋର୍ଦ୍ଧାରେ ଦୁଷ୍କର୍ମ ପରେ, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ବେଡରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି ପୀଡିତା। ବାଘମାରି ପୁଲିସ ଭୁବନେଶ୍ୱର ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ ବେଳେ ସାମାନକୁ ଆସିଛି ସାଙ୍ଘାତିକ ସତ। କେମିତି ଘଟିଲା ଏ ଲୋମଟାଙ୍କୁରା କାହାଣୀ। ଗୋଟି ଗୋଟି କରି କହିଛନ୍ତି ପୀଡିତା। ବୟାନ ରେକର୍ଡ ବେଳେ ଏହି ବର୍ବରୋଚିତ କାହାଣୀ ସାମାନକୁ ଆସିଛି। ପ୍ରେମରେ ବିଫଳ ହେବା ପରେ ହତାଶ ପ୍ରେମିକ ନେଇଛି ପ୍ରତିଶୋଧ। ଭୁଲେଇ ଭାଲେଇ ନାବାଳିକାଙ୍କୁ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ପାଖକୁ ଡାକିଥିଲା। କାରରେ ବସିବାକୁ କହି ରୁମାଲରେ ନିଶା ଦେଇ ଅଚେତ କରିଥିଲା। ପୀଡିତା ଆଖି ଖୋଲି ଦେଖିବା ବେଳକୁ ତାଙ୍କ ହାତ ଗୋଡ ବନ୍ଧା ଯାଇଥିବା ବେଳେ ସେ ଉଲଗ୍ନ ଅବସ୍ଥାରେ ଏକ ଘର ଭିତରେ ନିଜକୁ ପାଇଥିଲେ। ଚିତ୍କାର କରିବାରୁ ପୁଣି ଥରେ ଅଚେତ୍ କରାଇ ଦେଇଥିଲେ ଦୁଷ୍କର୍ମକାରୀ। ➭ପୃଷ୍ଠା-୬

---

● ଏକାଠି ହେଲେ ତିନି ମହାଶକ୍ତି: ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା

## ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଜରୁରୀ: ମୋଦି

**ଜୋହାନ୍ସବର୍ଗ, ୨୩।୧୧:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଭାରତ-ବ୍ରାଜିଲ-ଦକ୍ଷିଣ ଆଫ୍ରିକା (ଆଇବିଏସ୍ଏ)

### ଆତଙ୍କବାଦ ବିରୋଧୀ ଲଢ଼େଇରେ ଦ୍ୱୈତ ମାନଦଣ୍ଡର ସ୍ଥାନ ନାହିଁ



ନେତାମାନଙ୍କ ବୈଠକରେ ଅଂଶଗ୍ରହଣ କରିଛନ୍ତି। ଏହି ବୈଠକ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସାଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଦା ସିଲଭା ଏଥିରେ ଯୋଗ ଦେଇଥିଲେ। ଏହି ବୈଠକକୁ ସମୟୋଚିତ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଏହା ଆଫ୍ରିକା ମାଟିରେ ପ୍ରଥମ ଜି-୨୦ ଶିଖର ସମ୍ମିଳନୀ ସହିତ ହୋଇଛି ଏବଂ ଗ୍ଲୋବାଲ ସାଉଥ ଦେଶମାନଙ୍କ ଦ୍ୱାରା ଲଗାତାର ଚାରୋଟି ଜି-୨୦ ଅଧ୍ୟକ୍ଷତାର ସମାପନକୁ ଚିହ୍ନିତ କରୁଛି, ଯାହା ମଧ୍ୟରୁ ଶେଷ ତିନୋଟି ଆଇବିଏସ୍ଏ ସଦସ୍ୟ ଦେଶଙ୍କ ଦ୍ୱାରା ହୋଇଥିଲା। ଏହାର ପରିଣାମସ୍ୱରୂପ ମାନବ-କୈନ୍ଦ୍ରିକ ବିକାଶ, ବହୁପାକ୍ଷିକ ସଂସ୍କାର ଏବଂ ସ୍ଥାୟୀ ଅଭିବୃଦ୍ଧି ଉପରେ କେନ୍ଦ୍ରିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଆଇବିଏସ୍ଏ କେବଳ ତିନୋଟି ଦେଶର ଏକ ଗୋଷ୍ଠୀ ନୁହେଁ ବରଂ ତିନୋଟି ପ୍ରମୁଖ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ତିନୋଟି ପ୍ରମୁଖ ଅର୍ଥନୀତିକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ।

ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ବିଶ୍ୱ ଶାସନ ପ୍ରତିଷ୍ଠାନଗୁଡିକ ୨୧ ଶତାବ୍ଦୀର ବାସ୍ତବତାଠାରୁ ବହୁ ଦୂରରେ ଅଛନ୍ତି। ସେ ଆଇବିଏସ୍ଏକୁ ଦୃଢ଼ ବାର୍ତ୍ତା ଦେବାକୁ ଆହ୍ୱାନ କରିଥିଲେ ଯେ, ବିଶ୍ୱସ୍ତରୀୟ ଶାସନ ପ୍ରତିଷ୍ଠାନ, ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦର ସଂସ୍କାର ଏବେ ଏକ ବିକଳ୍ପ ନୁହେଁ ବରଂ ଜରୁରୀ। ଆତଙ୍କବାଦ ବିରୋଧୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଘନିଷ୍ଠ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆତଙ୍କବାଦ ବିରୋଧରେ ଲଢ଼ିବା ସମୟରେ ଦ୍ୱୈତ ମାନଦଣ୍ଡ ପାଇଁ କୌଣସି ସ୍ଥାନ ରହିବା ଉଚିତ ➭ପୃଷ୍ଠା-୬

---

## ଆଇପିଏସ୍‌ଙ୍କୁ ପାଇବା ପାଇଁ...




### ଡିଏସପିଙ୍କ ଚୁଟି ଝିଙ୍କିଦେଲେ ଇନ୍ସପେକ୍ଟର

ମୋ ଧନ ସୁନା, ଗେଲୁ ପୁରୁ ରୁସି ଯାଆନା.. ଧାନ ଉସାଂ ହାଣ୍ଡି ପରି ଆଉ ମୁହଁ ଫୁଲାନା। ଏହି ହିଟ୍ ଗୀତ ଗାଇଥିଲେ ଚର୍ଚ୍ଚିତ ଦିବଂଗତ ଗୀତିକାର ହ୍ୟୁମାନ ସାଗର। ଆଉ ଏବେ ହ୍ୟୁମାନଙ୍କ ଏହି ଗୀତକୁ ହେଡକ୍ୱାର୍ଟରରେ ଗାଇ ହରଡ଼ଘଣାରେ ପଡିଛନ୍ତି ଶାଢ଼ି ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏକ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ବା ଏସପି। ଗୀତ ଗାଇଲେ ପୁଣି ଅଡୁଆ କଣ ? ଆପଣଙ୍କ ମନରେ ସାଧରଣତଃ ଏହା ଉଙ୍କି ମାରୁଥିବ। କିନ୍ତୁ ଆଇପିଏସ୍ ଜଣଙ୍କ ଅଡୁଆରେ ପଡ଼ିଛନ୍ତି ସମାନ ଗୀତ ଦୁଇ ଜଣଙ୍କ ପାଇଁ ଗାଇ। ଅର୍ଥାତ ସାରଙ୍କର ଏବେ 'ଦୋ ଫୁଲ୍, ଏକ ମାଲି' ଅବସ୍ଥା। ଡିପାର୍ଟମେଣ୍ଟର ଦୁହିଁଙ୍କୁ ପ୍ରେମ କରି ଭାରି ଦହଗଞ୍ଜ ହେଉଛନ୍ତି ସାହେବ। ଜଣେ ପ୍ରେମିକା ଡିଏସପି ଓ ଆଉ ଜଣେ ହେଉଛନ୍ତି ଆଇଆଇସି। ଜଣଙ୍କ ନାଁ ପ୍ରିୟଙ୍କା ଓ ଆଉ ଜଣଙ୍କ ନାଁ ସୃଷ୍ଟି। ଏଥର ଆସନ୍ତୁ ପୂରା ଘଟଣା ବୁଝିବା। ଜିଲ୍ଲା ଦାୟିତ୍ୱରେ ବର୍ଷେରୁ ଅଧିକ ସମୟ ଧରି ଥିବା ଜଣେ ଯୁବ ଆଇପିଏସ୍ ଙ୍କର ଗତ କିଛି ମାସ ହେଲା ଜଣେ ଇନ୍ସପେକ୍ଟରଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପ୍ରେମ ପରେ ବନ୍ଧ ବାଡ଼ ମାନି ନଥିଲା। ଆଇପିଏସ୍ ଜଣଙ୍କ ବଡ଼ି ବିଲ୍ଡର ହୋଇଥିବାରୁ ଇନ୍ସପେକ୍ଟର ମ୍ୟାଡାମ ମଧ୍ୟ ତାଙ୍କ ପ୍ରେମରେ ପୂରା ପାଗଳ ହୋଇଯାଇଥିଲେ। କିନ୍ତୁ କିଛିଦିନ ପରେ ଇନ୍ସପେକ୍ଟରଙ୍କ ପ୍ରେମରେ ଭଙ୍ଗା ପକାଇଥିଲେ ଜଣେ ମହିଳା ଡିଏସ୍‌ପି। ଆଇପିଏସ୍ ଜଣଙ୍କ ମଧ୍ୟ ସେତବେଳକୁ ନୂଆ ସନ୍ଧାନରେ ଥିଲେ। ମଲୁ ଖୋଜୁଥିଲା ଯାହା, ବଇଦ ବି ବତାଇଲା ତାହା। ଇନ୍ସପେକ୍ଟରଙ୍କୁ ଛାଡି ଆଇପିଏସ୍‌ଙ୍କ ଘନିଷ୍ଠତା ମହିଳା ଡିଏସପିଙ୍କ ସହ ବଢି ଚାଲିଥିଲା। କବାଟ କିଳା ରୁମରେ ଦୁହିଙ୍କ ଘଣ୍ଟା ଘଣ୍ଟା ସମୟ ବିତିବା ପରେ କଥା ଯାଇ ପହଞ୍ଚିଥିଲା ପୁରୁଣା ପ୍ରେମିକା ବା ଇନ୍ସପେକ୍ଟରଙ୍କ ପାଖରେ। ତା ପରେ କଥା ସରିଲା। ଦୁଇ ଦିନ ତଳେ ଆଇପିଏସ୍‌ଙ୍କୁ ନିଜର କରିବା ପାଇଁ ଇନ୍ସପେକ୍ଟର ଓ ଡିଏସପିଙ୍କ ମଧ୍ୟରେ ଗଡାତଡା ହେବା ସହ ଚୁଟି ଝିଙ୍କା ଝିଙ୍କି ହୋଇଥିବା ଜଣାପଡିଛି। ଏପରିକି ତାଙ୍କୁ ବିବାହ ନକଲେ ଆଇପିଏସ ଜଣଙ୍କ ବିରୋଧରେ ଡିଜି ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ବୋଲି ଧମକ ଦେଇଛନ୍ତି ମହିଳା ଇନ୍ସପେକ୍ଟର ଜଣଙ୍କ। ଆଉ ଏବେ ଆଇପିଏସ୍ କହୁଛନ୍ତି 'ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି'।

---

ମହଙ୍ଗା ପଡ଼ିଲା ବିଭୀଷଣ ମନ୍ତବ୍ୟ

## ବିରୋଧ ପରେ ଭକ୍ତଙ୍କ ୟୁ-ଟର୍ଣ୍ଣ



**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ଭକ୍ତଙ୍କୁ ମହଙ୍ଗା ପଡିଲା ବିଭୀଷଣ ମନ୍ତବ୍ୟ। ବିଭିନ୍ନ ମହଲରୁ ବିରୋଧ ପରେ ଶେଷରେ ୟୁ-ଟର୍ଣ୍ଣ ମାରିଛନ୍ତି ପିସିସି ସଭାପତି ଭକ୍ତ ଦାସ। ଛେପ ଢୋକିବାକୁ ଯାଇ ସେ ଗଣମାଧ୍ୟମ ଆଡକୁ ଦୋଷ ଠେଲି ଦେଇଛନ୍ତି। କହିଛନ୍ତି, ମୁଁ କହିନି, ଗଣମାଧ୍ୟମ ବିଭୀଷଣ କଥା ଉଠାଥିଲା। ତେବେ ସେ ଯହାବି ହେଉନା କାହିଁକି, ଦଳରେ ବିଦ୍ରୋହକୁ ପ୍ରଶମିତ କରିବାକୁ ଭକ୍ତ ନିଜ ଉକ୍ତି ଫେରାଇ ନଥିବା କହିଛନ୍ତି।

ନୂଆପଡା ପରାଜୟ ପାଇଁ କଂଗ୍ରେସରେ କିଛି ବିଭୀଷଣ ଦାୟୀ ବୋଲି କହିଥିଲେ ଭକ୍ତ ଦାସ। ଏଥରେ ସେ ଏଆଇସିସି ସଦସ୍ୟ ମହମ୍ମଦ ମୋକିମଙ୍କୁ ଇଙ୍ଗିତ କରିଥିବା କହି ପୂର୍ବତନ ବିଧାୟକ ତାଙ୍କ ବିରୋଧରେ ଶୃଙ୍ଖଳା କମିଟିରେ ଫେରାଦ ହୋଇଥିଲେ। ମୋକିମ ଲଗାଇବା ନିଆଁରେ ଘିଅ ଢାଳିଲେ କିଛି ବରିଷ୍ଠ କଂଗ୍ରେସ ନେତା ଓ ପୂର୍ବତନ ପିସିସି ସଭାପତି। ପରାଜୟର କାରଣ ଅନୁଧ୍ୟାନ କରିବା ପୂର୍ବରୁ ସଭାପତି କିଛି ଲୋକଙ୍କୁ ଇଙ୍ଗିତ କରିବା କଂଗ୍ରେସର ପରାମ୍ପରା ବିରୋଧୀ ବୋଲି ବରିଷ୍ଠ ନେତାମାନେ କହିଛନ୍ତି। ଏମିତି ବି ଏହି ଉପନିର୍ବାଚନ ପିସିସି ସଭାପତିଙ୍କ ପାଇଁ ଥିଲା ସମ୍ମାନର ପ୍ରଶ୍ନ। କାରଣ ସେ ପିସିସି ଦାୟିତ୍ୱ ନେବା ପରେ ଏହା ଥିଲା ତାଙ୍କର ପ୍ରଥମ ନିର୍ବାଚନ। ସେ ନିଜେ ମଧ୍ୟ ନିର୍ବାଚନ ପରିଚାଳନାର ପୂରା ଦାୟିତ୍ୱ ନେଇଥିଲେ, ହେଲେ ଫେଲା ମାରିଲେ।

ନୂଆପଡାରେ କଂଗ୍ରେସ ନିଜର ୫୦ ହଜାର ଭୋଟ ବ୍ୟାଙ୍କ ବି ରକ୍ଷା କରିପାରିଲାନାହିଁ। ଏହା ସଭାପତିଙ୍କ ନିର୍ବାଚନ ପରିଚାଳନାଗତ ବିଫଳତା ➭ପୃଷ୍ଠା-୬

---

▶ ପଛୁଆ ବର୍ଗ ଆୟୋଗଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଖଣ୍ଡାୟତଙ୍କୁ ଓବିସି ତାଲିକାଭୁକ୍ତ କରିବାକୁ ଅପିଲ



**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଛୁଆ ବର୍ଗ ଆୟୋଗଙ୍କୁ ଚିଠି କରିଛନ୍ତି। ଓଡ଼ିଶାର ୧୪ଟି ସମ୍ପ୍ରଦାୟ ଯେଉଁଥିରେ ପ୍ରମୁଖ ଖଣ୍ଡାୟତ ଜାତି ଅନ୍ତର୍ଭୁକ୍ତ ରହିଛି ସେମାନଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଜାତୀୟ ପଛୁଆ ବର୍ଗ କମିଶନ (ଏନସିବିସି) ଅଧ୍ୟକ୍ଷ ହଂସରାଜ ଅହିରଙ୍କୁ ଚିଠି ଲେଖିଛନ୍ତି।

ଓଡ଼ିଶା ସରକାରଙ୍କ ଏସଇବିସି ତାଲିକାରେ ଥିବା ଖଣ୍ଡାୟତ, ପାଇକ, ଚଷା ପାଇକ, ଆଳିଆ, ପାଇକାଳି, କଳିଙ୍ଗୀ ଶୂଦ୍ର ଖଣ୍ଡାୟତ, ମହାନାୟକ ଶୂଦ୍ର, ଓଡ଼-ଖଣ୍ଡାୟତ, ବୟାଳିଶା, ଓଡ଼, ଓଡ଼ ପାଇକ, ଓଡ଼ ପାଇକୋ, ହଳଦିଆ ତେଲି ଏବଂ ରାଜଶ୍ରୀ ବଳାସୀ/ବଳାସୀ ଜାତିକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ ପାଇଁ ସେ ଚିଠି କରିଛନ୍ତି।

ଓଡିଶା ରାଜ୍ୟର ଏସଇବିସି ତାଲିକାରେ ଥିବା ଅନେକ ସମ୍ପ୍ରଦାୟ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ଓବିସି ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ। ଯେଉଁଥିପାଇଁ ଲୋକମାନେ କେନ୍ଦ୍ର ସରକାରୀ ଚାକିରି, କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଏବଂ ବୈଷୟିକ/ବୃତ୍ତିଗତ ଶିକ୍ଷା ପ୍ରତିଷ୍ଠାନରେ ପ୍ରବେଶ ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ସଂରକ୍ଷଣ ଲାଭରୁ ବଞ୍ଚିତ ହେଉଥିବା ନେଇ ଚିଠିରେ ଲେଖିଛନ୍ତି। ତେଣୁ ଏହି ସମ୍ପ୍ରଦାୟଗୁଡ଼ିକୁ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ର କେନ୍ଦ୍ରୀୟ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରିଛନ୍ତି।

ରାଜ୍ୟରେ ସରକାରୀ ଚାକିରି ଏବଂ ଉଚ୍ଚଶିକ୍ଷାରେ ଓଡ଼ିଶା ଏସଇବିସିଙ୍କ ପାଇଁ ୧୧.୨୫% ସଂରକ୍ଷଣ ପ୍ରଦାନ କରୁଥିବା ବେଳେ କେନ୍ଦ୍ର ସରକାର ଏହାର ସେବା ଏବଂ ପ୍ରତିଷ୍ଠାନରେ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ପ୍ରଦାନ କରୁଛନ୍ତି। ଏହି ୧୪ଟି ସମ୍ପ୍ରଦାୟକୁ କେନ୍ଦ୍ରୀୟ ତାଲିକାରେ ଯୋଡିବା ଦ୍ୱାରା ସେମାନେ ଜାତୀୟ ସ୍ତରରେ ଏହି ସୁବିଧା ପାଇପାରିବେ ବୋଲି ମଧ୍ୟ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ତେବେ କେନ୍ଦ୍ରୀୟ ଓବିସି ତାଲିକାରେ ଏହି ବର୍ଗର ଜାତିଙ୍କୁ ସାମିଲ କରାଗଲେ ସେମାନଙ୍କର ସାମାଜିକ-ଅର୍ଥନୈତିକ ବିକାଶ ଘଟିବ । ଓଡ଼ିଶାର ଏହି ବୃହତ୍ ସମାଜକୁ ସେମାନଙ୍କର ଅଧିକାର ଦେବା ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ ପ୍ରକାଶ କରିଛନ୍ତି।

---



### କାନ ଡେରିଥା

ନିଶା ଖାଇଖାଇ କିଛି
କଳାକାର
ଜୀବନକୁ ବାଜି ଲଗାନ୍ତି
ଅର୍ଥ ରୋଜଗାର ପ୍ରବଳ
ହୋଇଲେ
ନିଶାଶକ୍ତ ସିଏ ହୁଅନ୍ତି
ମେଡିକାଲ ଖାଲି ଧାଆନ୍ତି...
ବଞ୍ଚିଗଲେ ସିଏ ଜଗା
ରକ୍ଷାକର୍ତ୍ତା
ମରିଗଲେ ଦୋଷ ଢାଳନ୍ତି ।

■ ଦେବାଶିଷ

---

## ଶୀତ ଅଧିବେଶନକୁ ଉଷ୍ମ କରିବ ନୂଆପଡ଼ା ଫଳାଫଳ

**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ) :** ଆସନ୍ତା ୨୭ ତାରିଖରୁ ଆରମ୍ଭ ହୋଇଥିବା ବିଧାନସଭାର ଶୀତ ଅଧିବେଶନକୁ ଗରମ କରିବ ନୂଆପଡା ନିର୍ବାଚନ ଫଳାଫଳ। ନିର୍ବାଚନୀ ଫଳ ପ୍ରକାଶ ପରେ ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ଯେଉଁଭଳି ଭାବେ ଅସନ୍ତୋଷ ପ୍ରକଟ ସହିତ ସରକାରଙ୍କୁ

### ମୁଖ୍ୟ ପ୍ରସଙ୍ଗ କରିବାକୁ ବିରୋଧୀ ତତ୍ପର

### ଭାରି ପଡ଼ିବ ସରକାରୀ ଦଳ

ସମାଲୋଚନା କରିଛନ୍ତି, ତାହା ବିଧାନସଭା ଭିତରେ ପ୍ରତିଫଳନ ହେବା ନେଇ ଜଳ ଜଳ ଦିଶିଲାଣି।

ବିଜେପି ସପକ୍ଷରେ ନୂଆପଡା ଫଳାଫଳ ଯିବା ପରେ ବିଜେଡି ତତ୍କାଳ ସାମ୍ବାଦିକ ସମ୍ମିଳନୀ କରି ୪୧ଟି ବୁଥ୍‌ରେ କିଭଳି ଭାବେ ୯୦ ପ୍ରତିଶତରୁ ଅଧିକ ଭୋଟ ପଡିଲା ତାହାକୁ ନେଇ ପ୍ରଶ୍ନ ଉଠାଇଥିଲା। ଏହାଛଡା ଭୋଟ ପ୍ରଚାର ପରେ ନିରବ ଅବଧି ସମୟରେ ଶାସକଦଳ ନେତାମାନେ ନୂଆପଡା ନିର୍ବାଚନମଣ୍ଡଳୀ ଭିତରେ ରହିବା, ନିର୍ବାଚନ ସମୟରେ ବିରୋଧୀ ଦଳ ସଦସ୍ୟଙ୍କ ଘର ଉପରେ ଆଇଟି ରେଡ୍ ହେବା, ବିରୋଧୀ ଦଳ କର୍ମୀଙ୍କୁ ପୁଲିସ୍ ବାନ୍ଧିବାକୁ ନେଇ ମଧ୍ୟ ବିଜେଡି ଏକାଧିକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛି।



ବିଜେଡି ସହିତ ତାଳ ଦେଇ କଂଗ୍ରେସ ବି ମତଦାନର ହାର ଏବଂ ଶାସକ ଦଳକୁ ସୁହାଇଲା ଭଳି ପୁଲିସର ପଦକ୍ଷେପକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛି। ସେହିଭଳି ଉଭୟ ଦଳ ବିଜେପି ବିରୁଦ୍ଧରେ ମାଳ ମାଳ ଅଭିଯୋଗ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବି ଫେରାଦ ହୋଇଥିଲେ। ଏହିସବୁ ଅଭିଯୋଗ ନେଇ କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି ତାହାର ହିସାବ ବି ବିରୋଧୀ ବିଧାନସଭାରେ ମାଗିବାର ସମ୍ଭାବନା ରହିଛି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜେପିର ନବ ନିର୍ବାଚିତ ବିଧାୟକ ଜୟ ଢୋଲକିଆ ଜଣେ ବରିଷ୍ଠ ପୁଲିସ୍ ଅଫିସରଙ୍କ ପାଦ ଛୁଇଁବାକୁ ନେଇ ମଧ୍ୟ ଦୁଇ ବିରୋଧୀ ଦଳ ପ୍ରସଙ୍ଗ କରିଥିବାରୁ ତାହାକୁ ମଧ୍ୟ ବିଧାନସଭାରେ ଉଠାଇ ପାରନ୍ତି।

ତେବେ ଶାସନ କ୍ଷମତାକୁ ଆସି ପ୍ରଥମ ଥର ପାଇଁ ସାମ୍ନା କରିଥିବା ଉପନିର୍ବାଚନରେ ରେକର୍ଡ ବିଜୟ କରିଥିବା ବିଜେପି ଏମାନଙ୍କ ଉପରେ ଭାରି ପଡିବା ଜଳ ଜଳ ହୋଇ ଦିଶୁଛି। କାରଣ କଂଗ୍ରେସର ଜଣେ ହେଲେ ଜାତୀୟ ନେତା ନିର୍ବାଚନ ପ୍ରଚାରକୁ ନଆସିବା ଏବଂ ଏବେ ବି ଲୋକପ୍ରିୟତା ଅଛି ବୋଲି ଦାବି କରୁଥିବା ନବୀନ ଦୁଇ ଦୁଇ ଥର ପ୍ରଚାରକୁ ଯିବା ପରେ ବି ବିଜେଡି ତୃତୀୟ ସ୍ଥାନରେ ରହିଥିବାରୁ ଏହାର ଭରପୂର ଫାଇଦା ବିଜେପି ଉଠାଇବ। ଦୁଇ ବିରୋଧୀଙ୍କୁ ମୁକାବିଲା ପାଇଁ ବିଜେପି ନିକଟରେ ବିଜୟ ଅସ୍ତ୍ର ରହିଥିବା ସୂଚନା ମିଳୁଛି।

ଚଳିତ ବିଧାନସଭାର ଅଧିବେଶନ ଅତ୍ୟନ୍ତ ଲମ୍ବା ହୋଇଥିବାରୁ ନୂଆପଡା ଫଳାଫଳ ସହିତ ଆଇନ୍‌ଶୃଙ୍ଖଳା, ମହିଳା ସୁରକ୍ଷା, ବିଭିନ୍ନ ବିଭାଗରେ ପଦବୀ ଖାଲି, ମଣ୍ଡି ଖୋଲିବାରେ ବିଳମ୍ବ, ବାଂଲାଦେଶୀ ଅନୁପ୍ରବେଶକାରୀ ସମସ୍ୟା, ଏଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ଆଦି ଏକାଧିକ ପ୍ରସଙ୍ଗ ଅଧିବେଶନକୁ ବେଶ୍ ସରଗରମ କରିବ। ଏଥିପାଇଁ ଉଭୟ କଂଗ୍ରେସ ଓ ବିଜେଡି ରଣନୀତି ପ୍ରସ୍ତୁତ କରୁଥିବା ବେଳେ ଶାସକ ବିଜେପି ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି।

---

## ତିନି ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନ୍‌କାଉଣ୍ଟର

- ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି
- ୫ ଗିରଫ, ୩ ପିସ୍ତଲ ଓ ଗୁଳି ଜବତ

**ରାଉରକେଲା, ୨୩।୧୧(ସଂଚାର ବ୍ୟୁରୋ) :** ରବିବାର ଭୋର ସମୟରେ ଲାଠିକଟା କୁଚେଇତା ନିକଟରେ ତିନି ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି। ରାଉରକେଲାର ସ୍ୱତନ୍ତ୍ର ପୁଲିସକୁ ଚକମା ଦେଇ ଖସି ପଳାଉଥିଲା ବେଳେ ପୁଲିସ ଗୁଳି ଚଳାଇଥିଲା। ତିନି ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ପାଞ୍ଚ ଜଣଙ୍କୁ ପୁଲିସ ଘଟଣାସ୍ଥଳରୁ ଗିରଫ କରିଛି। ଏହି ଅପରାଧୀମାନେ କୋଇଡା ଓ ଅନ୍ୟାନ୍ୟ ଅଞ୍ଚଳରେ ଡକାୟତି କରି ଫେରାର ହୋଇ ଯାଉଥିଲେ। ନିକଟରେ ଲହୁଣୀପଡ଼ା ବରସୁଆଁ ଟ୍ରାନ୍ସପୋର୍ଟ ଅଫିସ ଓ କୋଇଡାର ଅନ୍ୟ ଏକ ଟ୍ରାନ୍ସପୋର୍ଟରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟକରି ଚମ୍ପଟ ମାରିଥିଲେ। ସେମିତି ବଣାଇରେ ଜଣେ ବ୍ୟବସାୟୀଙ୍କ ପରିବାରଙ୍କୁ ବାନ୍ଧି ଲୁଟପାଟ ଘଟଣାରେ ଏମାନେ ଜଡିତ ଥିବା ଜଣାପଡିଛି। ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଲହୁଣିପଡ଼ା ଥାନା ଅନ୍ତର୍ଗତ ବରସୁଆଁ ସାଇଡିଂ ➭ପୃଷ୍ଠା-୬



# ସମ୍ପର୍କ ମୋବାଇଲର



ଜୟଶ୍ରୀ ପଟ୍ଟନାୟକ

ଛୋଟ ଝିଅଟିଏ ସିଲୁ। ପିଲାଟି ଦିନରୁ ବଢ଼ିଛି ମାମୁଁଘରେ। କାରଣ ତା ବାବା ମାଆ ଚାକିରି କରୁଥିଲେ ତେଣୁ ସେ ପିଲାଟି ଦିନରୁ ମାମୁଁଘରର ଗେଲବସର ଭାଣିଜୀ। ପିଲାଟି ଦିନରୁ ଖୁବ ଭଲ ପାଠ ପଢ଼େ, ଚିତ୍ରାଙ୍କନ କରେ ଏବଂ ଗୀତ ବି ଗାଏ। ଦଶମ ଶ୍ରେଣୀ ଯାଏଁ ପ୍ରାୟ ମାମୁଁଘର ସହିତ ତାର ସବୁ ପର୍ବ ପର୍ବାଣିରେ ଭେଟ ହୁଏ। ନୂଆ ଜାମା ପିନ୍ଧିବା ଠାରୁ ଗୋଡ଼ରେ ପାଉଁଜି ନାଇବା ଯାଏଁ ଟିକିନିଖି ପରଖି ଦେଖେ ବଡ଼ମାଉସୀ। ନିଜେ ଅବିବାହିତ ଥିଲେ ବି ସବୁବେଳେ ନଜର ଥାଏ ସିଲୁ ଉପରେ। ଚୁଡ଼ି ଠାରୁ ଟିକିଲି, ମେହେନ୍ଦି ସବୁ କିଣିଆଣେ ମାଉସୀ, ଆମ ଟିକି ଝିଅ ପିନ୍ଧିବ ନାଇବ, ଖୁସି ହେବ ବୋଲି। ଦିନେ ବଦଳି ହୋଇଗଲା ବାପାଙ୍କର ଅନ୍ୟ ଗୋଟିଏ ସହରକୁ। ମାମୁଁଘର ସହିତ ଆଉ ଆଗଭଳି ଦେଖା ହୋଇ ପାରିଲାନି। ପ୍ରଥମାଷ୍ଟମୀ କି ଜନ୍ମଦିନ ଆସିଲେ ସିଲୁ ଆଗ ଗୋଡ଼ କାଢ଼ି ବସିଥାଏ ତା ମାମୁଁ ଆସିବେ ଆଉ ମାମୁଁଘର ଜାମା ପିନ୍ଧି ସାହି ପଡ଼ିଶା ସମସ୍ତଙ୍କୁ ମୁଣ୍ଡିଆ ମାରି ଯିବ ବୋଲି। ଦୂରରୁ ମାମୁଁଙ୍କର କାର ଆସିବା ଦେଖି ଦୌଡ଼ି ଯାଏ କାର ପାଖକୁ। ମାମୁଁ ମାଈ କେତେ ଗେଲ କରି ପକାନ୍ତି ତାକୁ ଦେଖିବା ମାତ୍ରକେ। ମୁଣ୍ଡିଆ ମାରିଲା ବେଳକୁ କୁହନ୍ତି ବୁଢ଼ୀଟା ହୋଇଥା। ତାଙ୍କ ସହିତ ମିଶିକି ଆସି ଡାକ ପକାଏ ମାଆ ଦେଖିଲୁ ମୁଁ କାହାକୁ ସାଙ୍ଗରେ ନେଇକି ଆସିଛି। ମାମୁଁ ମାଈ ବି ଦୁଇ ପରିବାର ମାନେ ଅଜାଘର ଆଉ ଜେଜେଘରର ଗୋଟିଏ ଝିଅ ବୋଲି ଢେର ଗେଲା କରନ୍ତି ତା ପାଇଁ ବିସ୍କୁଟ, ମିକ୍ଚର, ଚକୋଲେଟ, ରବର, ପେନସିଲ, କାହାଣୀ ଭଲପାଏ ପଢ଼ିବାକୁ ବୋଲି କିଛି ବହି ସାଥିରେ ନେଇକି ଆସିଥାନ୍ତି। ବହୁତ ଖୁସିହୁଏ ସିଲୁ। ତା ପାଦ ଭୂଇଁରେ ଲାଗେନା ମାମୁଁ ମାଈ ଘରକୁ ଆସିବା ଦିନ। ଏବେ ବଦଳିଛି ସମୟ। ଗାଁ ଛାଡ଼ି ସହରକୁ ଲୋକମାନେ ଆସିବା ଦିନରୁ ସମ୍ପର୍କର ସ୍ୱାଦ ବି ଧିରେ ଧିରେ ମଉଳିବାକୁ ଲାଗିଲାଣି। ଆଗଭଳି ଆଉ ସେତେଟା ଚିଠିରେ ଭଲ ମନ୍ଦ କଥା ଲେଖିକି ଡାକବାକ୍ସରେ ପକାଉନାହାନ୍ତି କି ସକାଳ କୁଣିଆ ହୋଇ ଘରକୁ ବି ଆସୁନାହାନ୍ତି। କି ବୋଲି ମୋବାଇଲ ର ଯୁଗ ହେଲା ଖାଲି ହେଲୋ ହାଏ ରେ ସମ୍ପର୍କ ତିଷ୍ଠି ରହିଲା। ତାକୁ ତାଳ ଦେଇକି ଟଙ୍କା ପଇସା ବି ଘରେ ବସିକି ପଠାଇଦେଇ ଗୋଟେ ଫୋଟୋ ପଠେଇଦେଲେ ତାର ପ୍ରମାଣ ବି ମିଳିଯାଉଛି। ଆଗଭଳି କେହି ଆଉ କାହା ଘରକୁ କୁଣିଆ ହୋଇ ଆସୁନାହାନ୍ତି କି କାହାକୁ ପିଢ଼ା ପାଣି ଦେଇ ବସ ବୋଲି ବି କୁହାଯାଉନି। ଫୋନ ରେ କଥାବାର୍ତ୍ତା, କୁଶଳତା ପଚାରି ବୁଝିବା, ଟଙ୍କା ପଠାଇବା, ଧନ୍ୟବାଦ ବା କୃତଜ୍ଞତା ଜଣାଇବା ସବୁ ଯେମିତି ଯନ୍ତ୍ରବତ ଘଟି ଯାଉଛି। ସମ୍ପର୍କ କହିଲେ କେବଳ ଗାଁ ରେ ସୀମିତ ରହିଯାଉଛି। ପଡ଼ିଶା ଘର ପୂଜା ପୁନେଇଁ ରେ, ସାବିତ୍ରୀ, ଦଶହରା, କୁଆଁରପୁନେଇଁ ହେଲେ ଗାଁ ରୁ ଗାଡ଼ି ଭଡ଼ା କରି ପହଁଚୁଛନ୍ତି ଭାର ବେଭାର ନେଇକି। କେହି ଦେଖିଲେ ଜାଣିପାରିବେ ଯେ ଆଗକୁ କିଛି ପୁନେଇଁ ପରବ ଆସୁଛି ବୋଲି। ଆଉ କିଛି ଘରେ ଚପଲର ଶବ୍ଦ ବି ଶୁଭୁନି। ଏସବୁ କଥା ସିଲୁ ମନକୁ ଆନ୍ଦୋଳିତ କରୁଥାଏ ବହୁତ। ଅନେକ ସମୟରେ ଭାବେ ଏହି ବିଷୟରେ କିଛି ମୁହଁ ଉଠାଇ କହିବ ବୋଲି ହେଲେ କହିପାରେନାହିଁ କାଳେ ମୋବାଇଲ ସମ୍ପର୍କ କଟିଗଲେ ସୂତାଖିଅର ସମ୍ପର୍କରେ ଭଙ୍ଗା ପଡ଼ିଯିବ ବୋଲି।

ଏଥର କିନ୍ତୁ ତାର ଅଭିମାନୀ ମନ ମାନିଲାନାହିଁ। ସେ ନିଷ୍ପତ୍ତି ନେଲା ଯଦି ମାମୁଁ ମାଈ ଏଥର ନିଜେ ନ ଆସି ଟଙ୍କା ପଠାଇଦେବେ ଫୋନ ପେ ରେ, ତେବେ ସେ ନୂଆ ଜାମା ମାଆ ତାଙ୍କ ଟଙ୍କାରେ ବଜାରରୁ କିଣିକି ଆଣି ଦେଲେ ବି ପିନ୍ଧିବନାହିଁ କି ପ୍ରଥମାଷ୍ଟମୀ

**ଏଥର କିନ୍ତୁ ତାର ଅଭିମାନୀ ମନ ମାନିଲାନାହିଁ। ସେ ନିଷ୍ପତ୍ତି ନେଲା ଯଦି ମାମୁଁ ମାଈ ଏଥର ନିଜେ ନ ଆସି ଟଙ୍କା ପଠାଇଦେବେ ଫୋନ ପେ ରେ, ତେବେ ସେ ନୂଆ ଜାମା ମାଆ ତାଙ୍କ ଟଙ୍କାରେ ବଜାରରୁ କିଣିକି ଆଣି ଦେଲେ ବି ପିନ୍ଧିବନାହିଁ କି ପ୍ରଥମାଷ୍ଟମୀ କରିବନାହିଁ କି ଜନ୍ମଦିନରେ ନୂଆ ଜାମା ପିନ୍ଧି ଫୋଟୋ ଉଠାଇ ମାମୁଁ ପାଖକୁ ପଠାଇବନାହିଁ। ସତକୁ ସତ ସେଇୟା ହେଲା। ମାମୁଁଘର ଟଙ୍କା ଫୋନ ପେ ରେ ପାଇ ମାଆ ଖୁସି ହୋଇ ବଜାରକୁ ଗଲେ ନୂଆ ଜାମା ସଉଦା, ହଳଦୀପତ୍ର ସବୁ କିଣି ଆଣିବାପାଇଁ।**

କରିବନାହିଁ କି ଜନ୍ମଦିନରେ ନୂଆ ଜାମା ପିନ୍ଧି ଫୋଟୋ ଉଠାଇ ମାମୁଁ ପାଖକୁ ପଠାଇବନାହିଁ। ସତକୁ ସତ ସେଇୟା ହେଲା। ମାମୁଁଘର ଟଙ୍କା ଫୋନ ପେ ରେ ପାଇ ମାଆ ଖୁସି ହୋଇ ବଜାରକୁ ଗଲେ ନୂଆ ଜାମା ସଉଦା, ହଳଦୀପତ୍ର ସବୁ କିଣି ଆଣିବାପାଇଁ। ଅଷ୍ଟମୀ ଦିନ ଷଠୀମାଆକୁ ପୂଜା କରିସାରିବା ପରେ ଯେତେବେଳେ ପିଢ଼ାପକାଇ ନୂଆଜାମା ପିନ୍ଧେଇ ବନ୍ଦେଇବାକୁ ଗଲେ ସିଲୁ ସେତେବେଳେ ମନା କରିଦେଲା ନୂଆ ଜାମା ପିନ୍ଧିବାକୁ। ତା ମାଆ କିଣିଥିବା ଫ୍ରକ ମାନଙ୍କ ଭିତରୁ ଗୋଟିଏ ନୂଆ ଫ୍ରକ ବାହାରକରି ପିନ୍ଧିଲା ଆଉ ପିଢ଼ାରେ ଯାଇ ବସିଲା। ତା ମାଆ ଜାଣିପାରିଲେ ତାର ଅଭିମାନ ପଛର କାରଣ କଣ ବୋଲି। କହିଲେ ପାଖରେ ଥିଲେ ବୋଲି ସିନା ମାମୁଁଘର ଆସୁଥିଲେ ଏବେ ତ ଦୂର ହେଲା ବାଟ ତେଣୁ ସେ ଫୋନରେ ଟଙ୍କା ପଠାଇଦେଲେ ସେଥିପାଇଁ ଅଭିମାନ କରିକି ତାଙ୍କ ଟଙ୍କାରେ କିଣିଥିବା ଜାମାପଟା ନ ପିନ୍ଧି ଫୋଟୋ ଉଠାଇ ନ ପଠାଇଲେ ମାମୁଁ ମାଈ ମନ ଖରାପ କରିବେନି ନା ? ସିଲୁ ଉତ୍ତରରେ କହିଲା ମାମା ବର୍ଷକୁ ଥରେ ସବୁ ପର୍ବ ପଡ଼େ ତା ବି ତୁମର ଜ୍ୟେଷ୍ଠ ମାସରେ ସାବିତ୍ରୀ ଆଉ ମୋର ମାର୍ଗଶିର ମାସରେ ପ୍ରଥମାଷ୍ଟମୀ ଆଉ ଜନ୍ମଦିନ। ଯଦି ଏତିକି ଦିନ ବି ମାମୁଁ ମାଈ କି ଅଜା ଆଈର ପାଦ ଝିଅ କି ନାତୁଣୀ ପାଇଁ ପଡ଼ିବନି ତେବେ କଣ ଲାଭ ଏ ଟଙ୍କା ପଠା ଆଉ ଫୋଟୋ ପଠା ସମ୍ପର୍କରେ କହିଲ। ତୁମ ପାଖରେ କଣ ପଇସା ନାହିଁ ନୂଆ ଜାମା କିଣିବାପାଇଁ ଛୁ ମୁଁ ତ ସମସ୍ତଙ୍କ ଠାରୁ ଶୁଣିଛି ଆଉ ଜାଣିଛି ମାମୁଁଘର ଆସିକି ନୂଆ ଜାମାପଟା ଦେବାକଥା ବୋଲି। ମାମୁଁଘର ପୋଢୁଆଁ ଭାର ଆଣି ଆସନ୍ତି ବୋଲି ମାମୁଁଙ୍କୁ ଅଷ୍ଟମୀ ବନ୍ଧୁ କୁହାଯାଏ। ସାହି ପଡ଼ିଶା ସବୁ ଘରେ ମାମୁଁ ଆସି ଗଲେଣି ଅଥଚ ମୋ ମାମୁଁ ଘରକୁ ନ ଆସି ଫୋନ ପେ ରେ ଟଙ୍କା ପଠାଇଦେଲେ। ଜୀବନରେ ସମ୍ପର୍କ ବଡ଼ ନା ଟଙ୍କା ମା' କୁହ। କିଛି କହି ନ ପାରି ନିରବ ରହିଲେ ମା'। କି ଉତ୍ତର ଦେଇ ସିଲୁର ଅଭିମାନୀ ମନକୁ ବୁଝାଇବେ ଜାଣି ପାରିଲେନାହିଁ। ଯଦିବା ଏକଥା ତାର ମାମୁଁ ମାଈ ଜାଣିବେ ସେମାନେ କହିଦେବେ କି ସମୟ ନ ଥିଲା ବୋଲି ହେଲେ ଅଜା ଆଈ ତ ଆସି ପାରିଥାନ୍ତେ ନା ତାଙ୍କ ଝିଅକୁ, ନାତୁଣୀକୁ ଟିକେ ଦେଖିବାକୁ। ସତରେ ସିଲୁ ପରି ତାଙ୍କ ମନ ବି ଅଭିମାନ ରେ ଭାଙ୍ଗିରୁଜି ଯାଉଥିଲା ସେ କେବଳ ସମ୍ପର୍କର ସଞ୍ଜୀଆ ଖୋଜୁଥିଲେ। ଝିଅ ବାହାହୋଇ ବିଦା ହେଲାବେଳେ ବୁଝାଇଦିଅନ୍ତି କାନ୍ଦେନା ଚୁପ ହୋଇଯା ଝିଅ ଜନମ ପରା ପରଘରକୁ। ଭଲ ମନ୍ଦରେ ଆମେ ତୋ ଘରେ ପାଦ ପକାଇବୁ ନିଶ୍ଚୟ। ସେହି ପଦେ କଥାର ଖିଅ ଖୋଜୁଥାଏ ଝିଅ। ମୋ ପାଇଁ ନ ହେଲେ ବି ନାତୁଣୀ ପାଇଁ ତ ଆସିପାରିଥାନ୍ତେ। ଏହି ସମୟରେ ସିଲୁ ମା'କିଣିଥିବା ଫ୍ରକ ଟିଏ ପିନ୍ଧି ସେଲଫି ଉଠାଉଥିଲା ଆଉ କହୁଥିଲା ମା' ମୁଁ ଏହି ଫୋଟୋଟି ମାମୁଁ ପାଖକୁ ପଠାଇବି ଭଲ ହୋଇଛି ନା ଛୁ ଏ ଫ୍ରକକୁ ଦେଖିଲେ ମାମୁଁ ନିଶ୍ଚୟ ଅନୁମାନ କରିନେବେ ଯେ ତାଙ୍କ ଭାଣିଜୀ ଅଭିମାନ କରିକି ନୂଆଜାମା ନ ପିନ୍ଧି ତା ମାମା କିଣିଥିବା ଫ୍ରକ ପିନ୍ଧି ପ୍ରଥମାଷ୍ଟମୀ ପାଳିଛି। ମା' ତାକୁ ଚାହିଁଥିଲେ ସେମିତି। କଣ କହି ସିଲୁର ଅଭିମାନୀ ମନକୁ ସାନ୍ତ୍ୱନା ଦେବେ ବୁଝି ପାରୁନଥିଲେ।

ଗଙ୍ଗନଗର, ଭୁବନେଶ୍ୱର, ମୋବାଇଲ୍: ୭୯୭୮୧୧୦୪୭୪





# ଅନାବିଳ ପ୍ରେମ

ଡଃ ତାନଶ୍ରୀ ପାଣିଗ୍ରାହୀ



ସୂର୍ଯ୍ୟ ଅସ୍ତାଚଳ ହେଲା ପରେ ସନ୍ଧ୍ୟାର ଆଗମନ ହୋଇଛି ଗୋପଦାଣ୍ଡରେ... ଧୀର ପଦକ୍ଷେପରେ ଆସିଛନ୍ତି ଲଳିତା କୃଷ୍ଣଙ୍କ ପାଖକୁ। କୃଷ୍ଣ ଆଶ୍ଚର୍ଯ୍ୟ ହେଲେ ଲଳିତାକୁ ଦେଖି...

ସେ କିପରି ଜାଣିବେ କୃଷ୍ଣଙ୍କର ମନ ବୃନ୍ଦାବନର କେଳି କୁଞ୍ଜରେ ରାଧାଙ୍କ ପାଦର ନୂପୁର ସଦାସର୍ବଦା ଅନୁରଣିତ ହେଉଛି ବୋଲି। ଆକାଶରେ ଅଷ୍ଟମୀ ଜହ୍ନ ର ନିଶିଥ ଅଭିସାର। ଲଳିତା ଆଖିରେ ଅନେକ ପ୍ରଶ୍ନବାଚୀ... କୃଷ୍ଣ କହିଲେ

ଆଗୋ ଲଳିତା କଣ କିଛି କହିବନି... ?

ଲଳିତା କହିଲେ ହଁ ଅନେକ କଥା କହିବା ପାଇଁ ତ ଆସିଛି... ଏବେ ରାଧା ବିବାହିତା... ବାଳିକାବଧୂ। ଏଇ ମାତ୍ର ଧୂଳି ଖେଳ ଛାଡି ପିତୃଗୃହ ତ୍ୟାଗ କରି ସାଂସାରିକ ବନ୍ଧନରେ ବନ୍ଦିନୀ। ଘର ସଂସାର ସମ୍ପର୍କରେ ସମ୍ପୂର୍ଣ୍ଣ ଅନଭିଜ୍ଞ। ମନ ଭିତରେ ଅନେକ ଆଶା ଓ ଆଖିରେ ଅନେକ ସ୍ୱପ୍ନ... ଶାଶୁ ନଣନ୍ଦଙ୍କ ଗଞ୍ଜଣା, ଗାଳି ମାଡ଼ ବିରୋଧରେ କିଛି କହିବାକୁ ତାଙ୍କର ଶକ୍ତି କି ସାହସ ନାହିଁ। ପୌରୁଷତ୍ୱ ବିହୀନ ସ୍ୱାମୀର ନୀରବ ସମର୍ଥନ ତାଙ୍କ ଜୀବନକୁ ଦୁର୍ବିସହ କରି ଦେଉଛି...। କୃଷ୍ଣ ସବୁ ଶୁଣି ଗମ୍ଭୀର ହୋଇ ଗଲେ... ତେବେ ମୁଁ ତାଙ୍କ ପାଇଁ କଣ କରି ପାରିବି ଲଳିତା... ?

ରାଧାଙ୍କୁ ଆପଣଙ୍କ ମୂରଲୀ ଧ୍ୱନିର ସମ୍ମୋହନ ଶକ୍ତିରେ ବଶ କରିବାର କ୍ଷମତା କେବଳ ଆପଣଙ୍କର ଅଛି ସଖା... କିଛି ନ କହିଲେ ବି ଆପଣ କଣ କିଛି ବୁଝି ପାରୁ ନାହାନ୍ତି ନାଁ ସବୁ ବୁଝି ନ ଜାଣିବାର ଅଭିନୟ କରୁଛନ୍ତି ସଖା... ମୋର ଗୋଟିଏ ପ୍ରାର୍ଥନା ଅଛି... କୃଷ୍ଣ ଟିକିଏ ସ୍ମିତ ହାସ୍ୟ ଖେଳାଇ ପଚାରିଲେ କଣ ଲଳିତା କୁହ...

ଲଳିତା ଆଖି ଛଳ ଛଳ କରି କହିଲେ- ମୋର ପ୍ରିୟ ସଖି ରାଧାର ଜୀବନ କଣ ଏମିତି ଅସହାୟ ଯନ୍ତ୍ରଣା ଭିତରେ କଟିବ... ତାକୁ ଯନ୍ତ୍ରଣା ମୁକ୍ତ କରନ୍ତୁ...

ଆଶ୍ଚର୍ଯ୍ୟ ଲଳିତା... ନିଜ ପାଇଁ ନୁହେଁ... ନିଜ ବାନ୍ଧବୀର ସୁଖ ପାଇଁ ତୁମ ଭିତରେ ଏତେ ଆବେଗ... ସତରେ ଧନ୍ୟ ତୁମେ ଲଳିତା... ଧନ୍ୟ ତୁମ ବନ୍ଧୁତ୍ୱ ପ୍ରେମ।

ଭସାମେଘ ଖଣ୍ଡେ ଆସି ଆକାଶର ଅଷ୍ଟମୀ ଜହ୍ନକୁ ଲୁଚାଇ ଦେଲା ତା ପଣତଭିତରେ... ଅନ୍ଧକାର

ଭିତରେ କୃଷ୍ଣ ଓ ଲଳିତା ଦୁହେଁ ବିପରୀତ ଦିଗକୁ ଧୀରେ ଧୀରେ ପାଦ ପକାଇଲେ।

ସତରେ ଦୁଃଖ ଶୋକ,ରୋଗ, ଭୋଗ, କର୍ମ ଓ ପ୍ରେରଣାର ଉତ୍ସ କେବଳ ପ୍ରକୃତ ବନ୍ଧୁ ହିଁ ଦେଇପାରେ...। ପ୍ରକୃତ ବନ୍ଧୁର ପ୍ରେମ ହିଁ ଅନାବିଳ ପ୍ରେମ।

# ଜୀବନର ପର୍ବ ସରଳତାର ଛାୟା



ଡକ୍ଟର ଲକ୍ଷ୍ମଣ ସାହୁ

ସରଳତା ହେଉଛି ଜୀବନର ପ୍ରକୃତ ଶକ୍ତି। ପ୍ରାକୃତିକତା କୌଣସି ଶିଖିଥିବା ଅଭ୍ୟାସ ନୁହେଁ, ବରଂ ଆମ ଭିତରେ ପୂର୍ବରୁ ଥିବା ଏକ ପ୍ରାକୃତିକ ଗୁଣ। ଏହା ଆଭ୍ୟନ୍ତରୀଣ ଶାନ୍ତି ଯାହା ଆମକୁ ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ରଖେ। ଏହା ହେଉଛି ଆଲୋକ ଯାହା ଆମ ବ୍ୟକ୍ତିତ୍ୱକୁ କୋମଳତା ଓ କରୁଣାରେ ପରିପୂର୍ଣ୍ଣ କରେ। ଏହାକୁ ବୁଝିବାର ଯଥେଷ୍ଟ ଆବଶ୍ୟକତା ରହିଅଛି। ସୃଷ୍ଟି ଓ ଦିବ୍ୟତା, ବିଶେଷକରି ଭଗବାନ ଶିବ, ସମାନ ଚେତନାର ଦୁଇଟି ପ୍ରତିଫଳନ। ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ - ଏହି ପାଞ୍ଚଟି ଉପାଦାନ କେବଳ ଭୌତିକ ଗଠନ ନୁହେଁ। ବରଂ ଶିବଙ୍କର ଜୀବନ୍ତ ପ୍ରକାଶ, ଯେଉଁମାନେ ଆମର ସମସ୍ତ ଅଜ୍ଞତା ସତ୍ତ୍ୱେ ଆମକୁ ସହଜରେ ପୋଷଣ କରନ୍ତି। ତାଙ୍କର ଏହି ଧୈର୍ଯ୍ୟ, ଏହି ସହନଶୀଳତା - ପ୍ରକୃତିର ମହାନତା, ପ୍ରକୃତିରେ ଶିବଙ୍କ ବିଶାଳତା ଓ କରୁଣାର ପ୍ରତିଫଳନ।

ଶିବ ବା ମହାଦେବ ଶିବ ହେଉଛନ୍ତି ହିନ୍ଦୁମାନଙ୍କ ଶ୍ରେଷ୍ଠ ଦେବତାତ୍ରୟଙ୍କ ମଧ୍ୟରୁ ଅନ୍ୟତମ ଓ ପରମେଶ୍ୱରଙ୍କ ସଂହାରଶକ୍ତି। ମହାଦେବଙ୍କୁ ଶକ୍ତିନିହିତ ଲିଙ୍ଗମୂର୍ତ୍ତିରେ ପୂଜା କରାଯାଏ। ତିନି ଗୋଟି ଆଖି, ପାଞ୍ଚ ଗୋଟି ମୁଖ, ବୃଷଭ ଏହାଙ୍କର ବାହାନ। ଅତ୍ରିମୁନି ଏହାଙ୍କର ଗୁରୁ। ସବୁପ୍ରକାର ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଦକ୍ଷ। ତ୍ରିଶୁଳ ତାଙ୍କର ପ୍ରଧାନ ଆୟୁଧ। ତାଙ୍କ ଧନୁର ନାମ ପିନାକ। ଡମରୁ ତାଙ୍କର ବାଦ୍ୟ। ତାଙ୍କର ତାଣ୍ଡବ ନୃତ୍ୟ ଅତି ଭୟଙ୍କର। ଶିବଙ୍କ ବାସ କୈଳାଶ ଶିଖର। ତାଙ୍କର ପରିଧାନ ବ୍ୟାଘ୍ରଚର୍ମ। ସର୍ପ ଏହାଙ୍କର କଟିବନ୍ଧ ଓ ଉତ୍ତରୀୟ। ଦେହ ଭସ୍ମ ବୋଳା, ମୁଣ୍ଡରେ ଜଟା ଓ ଜଟାରେ ଗଙ୍ଗା ପ୍ରବହମାନା। ନନ୍ଦୀ ଏହାଙ୍କ ପ୍ରଧାନ ପାର୍ଶ୍ୱଚର। ପ୍ରମଥଗଣ ବା ଭୁତପ୍ରେତ ଏହାଙ୍କର ସହଚର। ପାର୍ବତୀ ହେଉଛନ୍ତି ଶିବଙ୍କ ଶକ୍ତି। ଶିବ ପରାଶକ୍ତି ଦ୍ୱାରା ପ୍ରକାଶିତ ହୁଅନ୍ତି। ଅର୍ଥାତ୍ ଶିବଙ୍କ ଜ୍ୟୋତି ହେଉଛି ପରାଶକ୍ତି।

ତ୍ରିଦେବ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କୁ ହିନ୍ଦୁଧର୍ମ ବିଶ୍ୱାସରେ ସୃଷ୍ଟି, ସ୍ଥିତି ଓ ସଂହାରର ନିୟନ୍ତା ରୂପେ ବିବେଚନା କରାଯାଏ। ମହେଶ୍ୱର ଶିବ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ, ଅପଶକ୍ତି, ଅନ୍ୟାୟ ଓ ଅନୀତିକୁ ସଂହାର କରି ସଂସାରକୁ ସୁଖଶାନ୍ତି ପ୍ରଦାନ କରନ୍ତି। ସେ ଦେବଦେବ ମହାଦେବ-ସତ୍ୟ, ଶିବ, ସୁନ୍ଦର। ସେ ଅକାଳମୃତ୍ୟୁ ହରଣର ମହାଶକ୍ତି ମୃତ୍ୟୁଞ୍ଜୟ। ସାଗର ମନ୍ଥନରୁ ଜାତ ହଳାହଳ ବିଷ ପ୍ରକୋପରୁ ସମଗ୍ର ସୃଷ୍ଟିକୁ ରକ୍ଷା କରିବା ପାଇଁ ଶିବ ସେହି ବିଷ ନିଜେ ପାନ କରିଦେବାରୁ ତାଙ୍କର କଣ୍ଠ ନୀଳବର୍ଣ୍ଣ। ତେଣୁ ତାଙ୍କର ନାମ ନୀଳକଣ୍ଠ ମୃତ୍ୟୁଞ୍ଜୟ। ମନୁଷ୍ୟ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଶିବଙ୍କ କୃପାରୁ ଅକାଳ ମୃତ୍ୟୁକୁ ଜୟ କରିପାରେ। ଶିବ ପଞ୍ଚାକ୍ଷର ମନ୍ତ୍ର " ଓଁ ନମଃ ଶିବାୟ " ଜପର ଫଳ ସ୍ୱରୂପ ମନୁଷ୍ୟ ସଦଜ୍ଞାନ ଲାଭକରି ସାଂସାରିକ ଦୁଃଖ ତାପରୁ ମୁକ୍ତି ପାଏ। ଜୀବ ଜଗତର ଜନ୍ମ ମୃତ୍ୟୁର କାଳ ସ୍ୱରୂପ ଶିବ ହେଉଛନ୍ତି ମହାକାଳେଶ୍ୱର।

ଯେଉଁମାନେ ଶିବଙ୍କର ଭକ୍ତ ସେମାନଙ୍କୁ ଶୈବ କୁହାଯାଏ। ମହାଦେବ ତନ୍ତ୍ର ଶାସ୍ତ୍ରର ପ୍ରଣେତା। ତନ୍ତ୍ର ଶାସ୍ତ୍ରରେ ଶକ୍ତି ପୂଜାହିଁ ପ୍ରଧାନ ଅଙ୍ଗ। ତାନ୍ତ୍ରିକ ମତରେ ଶକ୍ତି ଉପାସନାକାରୀମାନଙ୍କୁ ଶାକ୍ତ କୁହାଯାଏ। ଶିବଲିଙ୍ଗରେ ପାଞ୍ଚଟି ମୁଖଥିଲେ, ତାଙ୍କୁ ପଞ୍ଚାନନ ଶିବ କୁହାଯାଏ। ପଞ୍ଚାନନ ଶିବଙ୍କର ପାଞ୍ଚ ମୁଖର ନାମ ହେଉଛି , ସଦ୍ୟୋଜାତ, ବାମଦେବ, ଅଘୋର, ତତ୍ପୁରୁଷ ଓ ଇଶାନ। ଶିବଙ୍କୁ ଆଶୁତୋଷ କହନ୍ତି। ତାଙ୍କୁ ନିଷ୍ଠାର ସହିତ ପ୍ରାର୍ଥନା କଲେ, ସେ ଅବିଳମ୍ବେ ପ୍ରସନ୍ନ ହୋଇ ବର ପ୍ରଦାନ କରୁଥିବାରୁ ସେ ହେଉଛନ୍ତି ଆଶୁବର ପ୍ରଦାନକାରୀ ଆଶୁତୋଷ। ଶିବଙ୍କୁ ଉପାସନା କରି କରାଯାଉଥିବା ପର୍ବପର୍ବାଣି ମଧ୍ୟରେ ମହା ଶିବରାତ୍ରି ଓ ବୋଲ ବମ୍ ମୁଖ୍ୟ ଅଟେ। ଏତଦବ୍ୟତୀତ ଶିବଙ୍କର ଅନ୍ୟାନ୍ୟ ଓଷାବ୍ରତ ପର୍ବପର୍ବାଣି ମଧ୍ୟରେ ରହିଛି କେଦାରବ୍ରତ, କୁକ୍କୁଟୀବ୍ରତ, ଶୁକୁତୁନୀବ୍ରତ, ସଂକଟ ଚଉଠୀବ୍ରତ, ସୋମନାଥ ବ୍ରତ, ଚାଉଳଭଜା ଓଷା ଇତ୍ୟାଦି।

ଅତଏବ ଯେତେବେଳେ ଆମେ ଶିବଙ୍କୁ ଦେଖୁ ପ୍ରାର୍ଥନା କରୁ , ଆମେ ଜାଣିପାରୁ ଯେ ସେ କେବଳ କୈଳାସରେ ଧ୍ୟାନ କରୁଥିବା ଯୋଗୀ ନୁହଁନ୍ତି। ବରଂ ସେ ପ୍ରତ୍ୟେକ କଣିକାରେ ପରିବ୍ୟାପ୍ତ ଓ ବ୍ରହ୍ମାଣ୍ଡର ପ୍ରତ୍ୟେକ ଗତିରେ ଉପସ୍ଥିତ ଚେତନା। ସେ ଅଦୃଶ୍ୟ, କିନ୍ତୁ ଅଭିଜ୍ଞତାର ସ୍ତରରେ ସବୁଠାରୁ ଘନ। ସେ ମହୁ ଗ୍ରହଣ କରନ୍ତି ଯାହା ଅମୃତ ପରି ଓ ଧାତୁର ମଧ୍ୟ ଯାହା ବିଷର ପ୍ରତୀକ। ଏହି ଗ୍ରହଣ ଏହି ସମନ୍ୱୟ ତାଙ୍କୁ ସବୁଠାରୁ ସରଳ ଓ ସର୍ବାଙ୍ଗୀନ କରିଥାଏ।




ଯଦି ଆମେ ଟିକିଏ ଗଭୀର ଭାବରେ ଦେଖିବା, ତେବେ ଆମେ ବୁଝିପାରୁଛୁ ଯେ ଶିବଙ୍କ ଗଭୀର ସ୍ୱତଃସ୍ଫୂର୍ତ୍ତି। ଏହି ସମନ୍ୱୟ ହେଉଛି ଜୀବନ ଯାପନର କଳା। ସରଳତା କୌଣସି ଭାରୀ ଆଦର୍ଶ ନୁହେଁ, ବରଂ ଆମର ମୌଳିକ ପ୍ରକୃତିର ଏକ ପ୍ରାକୃତିକ ପରିପ୍ରକାଶ। ଯେତେବେଳେ ଆମେ ନିଜ ଭିତରେ ଏହି ପ୍ରକୃତିକୁ ଜାଗ୍ରତ କରୁ, ଜୀବନର ଜଟିଳତା ସ୍ୱୟଂଚାଳିତ ଭାବରେ ସରଳ ହେବାକୁ ଆରମ୍ଭ କରେ। ଦ୍ୱନ୍ଦ୍ୱର ଗଣ୍ଠି ଖୋଲିବାକୁ ଆରମ୍ଭ କରେ ଓ ଆତ୍ମାର ଆଲୋକ ଭିତରେ ବ୍ୟାପିବାକୁ ଆରମ୍ଭ କରେ। ଜୀବନ ଯେପରି ଅଛି ସେହିପରି ଗ୍ରହଣ କର। କେବଳ ମଧୁରତା ନୁହେଁ, ବରଂ ତିକ୍ତତା ମଧ୍ୟ। କାରଣ ଉଭୟର ବିକାଶର ସମ୍ଭାବନା ଅଛି। ପ୍ରକୃତି ଆମକୁ ଏହା ଶିଖାଏ - ସ୍ୱତଃସ୍ଫୂର୍ତ୍ତି, ସହନଶୀଳତା, ସନ୍ତୁଳନ ଓ ପ୍ରେମ। ଶିବ ଓ ପ୍ରକୃତିର ଏହି ମିଶ୍ରଣ ଆମକୁ ମାନବତାର ସର୍ବୋଚ୍ଚ ଶିଖରକୁ ନେଇଯିବାକୁ ସକ୍ଷମ।

ତେଣୁ ଜୀବନ ହେଉଛି ବିଭିନ୍ନ ଅଭିଜ୍ଞତାରେ ପରିପୂର୍ଣ୍ଣ ଏକ ଲମ୍ବା ଯାତ୍ରା। ଏହି ଯାତ୍ରାରେ ଅନେକ ଥର ଏପରି ମୋଡ଼ ଆସେ ଯେଉଁଠାରେ ଆମକୁ ନିଷ୍ପତ୍ତି ନେବାକୁ ପଡ଼ିଥାଏ ଯେ ଆମେ କାହା ସହିତ ଆଗକୁ ବଢ଼ିବା ଉଚିତ। ଜଣେ ବୁଦ୍ଧିମାନ, ଚତୁର ବ୍ୟକ୍ତି ସହିତ ନା ଜଣେ ସରଳ, ସହଜ ବ୍ୟକ୍ତି ସହିତ। ଯଦି ଆପଣ ଆପଣଙ୍କ ହୃଦୟକୁ ପଚାରନ୍ତି, ତେବେ ଉତ୍ତର ସ୍ପଷ୍ଟ ଯେ ଆମେ ସରଳତା ପ୍ରତି ଆକର୍ଷିତ।

ସ୍ୱାଭାବିକତା ଏକ ଶିଖିତ ଅଭ୍ୟାସ ନୁହେଁ, ବରଂ ଆମ ଭିତରେ ପୂର୍ବରୁ ଥିବା ଏକ ପ୍ରାକୃତିକ ଗୁଣ। ଏହା ହେଉଛି ସେହି ଆଭ୍ୟନ୍ତରୀଣ ଶାନ୍ତି ଯାହା ଆମକୁ ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ରଖେ। ଏହା ହେଉଛି ସେହି ଆଲୋକ ଯାହା ଆମର ବ୍ୟକ୍ତିତ୍ୱକୁ କୋମଳତା ଓ କରୁଣାରେ ପରିପୂର୍ଣ୍ଣ କରେ। ଯଦି ଆପଣ ଜଣେ ସ୍ୱାଭାବିକ ବ୍ୟକ୍ତିଙ୍କୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ସେ ଜୀବନର ବ୍ୟସ୍ତବହୁଳତାରେ ମଧ୍ୟ ଚାପରୁ ଦୂରରେ ରହେ। ତାଙ୍କ ଜୀବନରେ ପ୍ରେମ, କରୁଣା, ଦୟା ଓ ସନ୍ତୋଷ ଭଳି ଭାବନା ଉପସ୍ଥିତ ଥାଏ। ସେମାନେ ସହଜରେ ପ୍ରବାହିତ ହୁଅନ୍ତି। ଏପରି ଲୋକମାନେ ପ୍ରତ୍ୟେକ ପରିସ୍ଥିତିରେ ସମାନତା ବଜାୟ ରଖନ୍ତି। ସମୟ ଅନୁକୂଳ ହେଉ କି ପ୍ରତିକୂଳ। ଏହି ସନ୍ତୁଳନ ସେମାନଙ୍କୁ ଆଧ୍ୟାତ୍ମିକ ଭାବରେ ଦୃଢ଼ କରିଥାଏ ଓ ଜୀବନର ପ୍ରକୃତ ବୁଝାମଣା ପ୍ରଦାନ କରିଥାଏ।

ପ୍ରସିଦ୍ଧ ପ୍ରଯୋଜକ ରାମାନନ୍ଦ ସାଗରଙ୍କ ସହ ଏକ ପ୍ରେରଣାଦାୟକ ଘଟଣା ଜଡିତ। ଯେତେବେଳେ ସେ ରାମାୟଣ ଧାରାବାହିକ ନିର୍ମାଣ କରୁଥିଲେ, ସେତେବେଳେ (କାକ) କାକଭୁଶୁଣ୍ଡିର ଏକ ଦୃଶ୍ୟ ସୁଟିଂ କରିବାକୁ ପଡିଥିଲା। ଏଥିପାଇଁ ଦୁଇଟି କାଉ ଅଣାଯାଇଥିଲା। ଗୋଟିଏ




ଉଡ଼ିଗଲା ଓ ଅନ୍ୟଟି ବନ୍ଧା ହେବା ସତ୍ତ୍ୱେ ସହଯୋଗ କରୁନଥିଲା। ତା'ପରେ ରାମାନନ୍ଦ ଜୀ ନୀରବରେ କାକଭୁଶୁଣ୍ଡିଙ୍କୁ ପ୍ରାର୍ଥନା କଲେ ଓ ଆଶ୍ଚର୍ଯ୍ୟଜନକ ଭାବରେ ସେହି ଦୃଶ୍ୟଟି କୌଣସି ବାଧା ବିନା ସୁଟିଂ କରାଯାଇଥିଲା। ଏହା କହିଥାଏ ଯେ ଯେତେବେଳେ ଆମର ପ୍ରାର୍ଥନା ସରଳ, ନିଷ୍ଠାପର ଓ ହୃଦୟରୁ କରାଯାଏ, ସେତେବେଳେ ପ୍ରକୃତି ମଧ୍ୟ ଆମକୁ ସମର୍ଥନ କରେ। ରାମଚରିତମାନସରେ ଏହା ମଧ୍ୟ କୁହାଯାଇଛି ଯେ "ଭୋଲେ ଭାବ ହୀ ମିଲେ ରଘୁରାଇ"। ଏହି ପଂକ୍ତିଗୁଡ଼ିକର ଅର୍ଥ ହେଉଛି ଯେଉଁ ବ୍ୟକ୍ତି ସଚ୍ଚୋଟ ଓ ସରଳ, ସେ ସହଜରେ ଈଶ୍ୱରଙ୍କୁ ପ୍ରାପ୍ତ କରନ୍ତି।

ପ୍ରାକୃତିକତାର ଅର୍ଥ ନୁହେଁ ଯେ ଆମେ ଜୀବନରୁ ଦୌଡୁଛୁ କିମ୍ବା ଚ୍ୟାଲେଞ୍ଜକୁ ଭୟ କରୁଛୁ। ବରଂ ଏହାର ଅର୍ଥ ହେଉଛି ଆମେ ଜୀବନକୁ ଗଭୀର ପ୍ରେମ ଓ ଆତ୍ମବିଶ୍ୱାସ ସହିତ ଗ୍ରହଣ କରୁଛୁ। ଯେତେବେଳେ ଆମେ କରୁଣା ସହିତ ଜୀବନକୁ ଗ୍ରହଣ କରୁ, ଆମେ ଅତୀତର ଭୁଲରେ ଫସି ଯାଉନାହୁଁ କିମ୍ବା ଭବିଷ୍ୟତର ଚିନ୍ତାରେ ଫସିଯାଉନାହୁଁ। ଆମେ ପୂର୍ଣ୍ଣ ଚେତନା ଓ ଶକ୍ତି ସହିତ ବର୍ତ୍ତମାନରେ ବଞ୍ଚୁଛୁ ଓ ବର୍ତ୍ତମାନରେ ବଞ୍ଚିଥିବା ବ୍ୟକ୍ତି ତାଙ୍କ ସମୟ, ଶକ୍ତି ଓ ସମ୍ଭାବନାର ସର୍ବୋତ୍ତମ ଉପଯୋଗ କରନ୍ତି। ସେ ନୂତନ ଜିନିଷ ପରୀକ୍ଷଣ କରିବାକୁ ଭୟ କରନ୍ତି ନାହିଁ ଓ ଜୀବନରେ ସୁଯୋଗକୁ ସକାରାତ୍ମକ ଭାବରେ ଗ୍ରହଣ କରି ଉଚ୍ଚତାରେ ପହଞ୍ଚିଥାଏ। ପ୍ରାକୃତିକତା ଏକ ଦୁର୍ବଳତା ନୁହେଁ, ବରଂ ଏକ ଶକ୍ତି ଯାହା ଆମକୁ ଭିତରୁ ଶକ୍ତିଶାଳୀ କରିଥାଏ।

ଅତଏବ ସରଳତା ହେଉଛି ସେତୁ ଯାହା ଆମକୁ ନିଜ ସହିତ, ଅନ୍ୟମାନଙ୍କ ସହିତ ଓ ଈଶ୍ୱରଙ୍କ ସହିତ ସଂଯୋଗ କରେ। ତେଣୁ ଜୀବନକୁ ଜଟିଳ କରିବା ପରିବର୍ତ୍ତେ, ଆସନ୍ତୁ ଶିବଙ୍କ ପରି ଏହାକୁ ସରଳ, ସ୍ୱାଭାବିକ ଓ ପ୍ରେମରେ ପରିପୂର୍ଣ୍ଣ କରିବା। ଏହା ହିଁ ଜୀବନର ପ୍ରକୃତ ସଫଳତା....!!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪**
**ମୋବାଇଲ୍: ୯୦୪୦ ୧୫୧୪ ୭୫**

# ଚଉଷଠୀ ଯୋଗିନୀ ପୀଠର ବିକାଶ ନେଇ ୨୦ କୋଟି



**ବାଲିଅନ୍ତା, ୨୩।୧୧(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ହୀରାପୁର ସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ଚଉଷଠୀ ଯୋଗିନୀ ପୀଠର ସାମଗ୍ରୀକ ବିକାଶ କାର୍ଯ୍ୟ ନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦ କୋଟି ଟଙ୍କା ମଞ୍ଜୁର ହେବା ଏଥିରେ ଚଉଷଠୀ ଯୋଗିନୀ ପୀଠର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ କରାଯିବ । ଖୁବଶୀଘ୍ର ଏହାର ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ। ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ପୂର୍ବାହ୍ନରେ ଚଉଷଠୀ ଯୋଗିନୀ ପୀଠ ପରିଦର୍ଶନରେ ଆସି ଏହା ଘୋଷଣା କରିଛନ୍ତି ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ସାଢେ ୧୦ଟା ସମୟରେ ଚଉଷଠୀ ଯୋଗିନୀ ପୀଠ ପରିସରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ । ଏହାପରେ ପୀଠ ପରିସରରେ ପର୍ଯ୍ୟଟନ କମିଶନର ରାଜନାଥ ସିଂହ ଓ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ସହ ପୀଠର ବକାଶ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଯୋଗିନୀ ପୀଠ ପରିସରରେ ଆୟୋଜିତ ଆଲୋଚନାରେ ଉମାଦେଈ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ ଓ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର ଓ ଅଙ୍ଗନବାଡି କର୍ମୀ ଉପମୁଖ୍ୟମନ୍ତ୍ରୀଙ୍କୁ ଜଗନ୍ନାଥ ପ୍ରତିମୂର୍ତ୍ତି ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ପ୍ରବେଶ ଫାଟକ ତୋରଣ, ଜବର ଦଖଲ ସମସ୍ୟା ଏବଂ ୩ ଏକର ପରିମିତ ମହାମାୟା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ କିଭଳି କରାଯିବ, ସେ ନେଇ ଅଧଘଣ୍ଟା ସମୟ ଆଲୋଚନା କରିଥିଲେ ।

### ଖରିଫ୍ ମାର୍କେଟିଂ ଋତୁ ନିମନ୍ତେ ଧାନ ସଂଗ୍ରହ କମିଟି ବୈଠକ

# ଧାନ ସଂଗ୍ରହ ସୁବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଖରିଫ୍ ମାର୍କେଟିଂ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂପୃକ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କ ସମନ୍ୱୟରେ ଧାନ ସଂଗ୍ରହ କାର୍ଯ୍ୟକୁ ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ କରାଯିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।

ବୈଠକରେ ରାଜ୍ୟ ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ସଂପୃକ୍ତ ବିଭିନ୍ନ ବିଭାଗର ସଚିବଙ୍କ ସମେତ ଭାରତୀୟ ଖାଦ୍ୟ ନିଗମର ପରିଚାଳକ ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

ବୈଠକରୁ ଜଣାଯାଇଛି ଯେ, ୨୦୨୪-୨୫ ଖରିଫ୍ ମାର୍କେଟିଂ ଋତୁରେ ୭୩ ଲକ୍ଷ ୪୫ ହଜାର ୭୦୭ ମେଟ୍ରିକ୍ ଟନ୍ ଖରିଫ ଧାନ ଏବଂ ରବିରେ ୧୯ ଲକ୍ଷ ୧୮ ହଜାର ୫୨୮ ମେଟ୍ରିକ୍ ଟନ୍ ଧାନ ସଂଗୃହିତ ହୋଇଥିଲା ଏବଂ ସେହି ଅନୁପାତରେ ଯେତେ ପରିମାଣର ଚାଉଳ ସଂଗ୍ରହ ହେବା କଥା, ସେଥିରୁ ୭୨ ପ୍ରତିଶତ ସଂଗ୍ରହ ହୋଇଛି ଓ ଏହି ପ୍ରକ୍ରିୟା ଜାରି ରହିଛି। ଗତ ୨୦୨୩ -୨୪ ବର୍ଷରେ ୮୫ ପ୍ରତିଶତ ଚାଉଳ ସଂଗ୍ରହ ହୋଇଥିଲା। ୨୦୨୫-୨୬ ବର୍ଷ ପାଇଁ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରୟ ପାଇଁ ସେମାନଙ୍କର ନାମ ପଞ୍ଜୀକରଣ କରିଛନ୍ତି। ଗତ ବର୍ଷ ଏହି ସଂଖ୍ୟା ୧୭.୫୦ ଲକ୍ଷ ଥିଲା। ଏ ବର୍ଷ ୯୩ ଲକ୍ଷ ମେଟ୍ରିକ୍ ଟନ ଧାନ ଉଭୟ ଖରିଫ ଓ ରବି ଋତୁ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି। ଗତ ଖରିଫ୍ ଋତୁରେ ଧାନ କ୍ରୟ ବାବଦକୁ ୯୮ପ୍ରତିଶତ ଚାଷୀଙ୍କ ଆକାଉଣ୍ଟକୁ ୪୮ ଘଣ୍ଟା ମଧ୍ୟରେ ଅର୍ଥ ସିଧାସଳଖ ପ୍ରଦାନ କରାଯାଇଛି।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ପାଳିତ



**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶବାଦୀ ଓ ସଫଳ ବ୍ୟକ୍ତିତ୍ୱର ଅଧିକାରୀ। ସେ ସର୍ବଦା ଦରିଦ୍ର ଅବହେଳିତ, ଦଳିତଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିନେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦେଇଥିଲେ। ସେତେବେଳେ ଓଡ଼ିଶାର ଛାତ୍ର ଓ ଯୁବକମାନଙ୍କ ଭିତରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଥିଲା। ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ଆଦର୍ଶ ଦେଶସେବକ ଓ ନିଷ୍ଠାପର କର୍ମୀ ତଥା ଓଡ଼ିଶାର ଦଳିତ, ଅବହେଳିତ, ନିଷ୍ପେଷିତଙ୍କ ପ୍ରକୃତ ବନ୍ଧୁ ଏବଂ ଜଣେ ବିପ୍ଳବୀ ଜନନାୟକ। ଦୀନହୀନ ଅବସ୍ଥାରେ କାଳାତିପାତ କରୁଥିବା ଚାଷୀମୂଲିଆଙ୍କ ସେବା କରି ନିଜକୁ ଧନ୍ୟ ମନେ କରୁଥିଲେ। କ୍ଷମତା ନବକୃଷ୍ଣ ଚୌଧୁରୀଙ୍କ ପରି ବ୍ୟକ୍ତିତ୍ୱଙ୍କୁ କରାୟତ୍ତ କରିପାରିନଥିଲା ଓ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରି ନଥିଲା। ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀ ଓ ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ବିଧାନସଭା ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ ପ୍ରମୁଖ ବିଧାନସଭା ପରିସରରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଧାରିତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀବୃନ୍ଦଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ସୂଚନା ଅଧିକାରୀ ଅବିନାଶ ପାଣି କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା



**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ଦୌରାଜଙ୍କ ଅଦାଲତ ପରିସରରେ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଶା ରାଜ୍ୟ ଉଚ୍ଚ ନ୍ୟାୟାଳୟ ଓ ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଛି। ସଂପ୍ରତି ଶିଶୁ ଦିବସ-୨୦୨୫ ପାଳନ ପରିପ୍ରେକ୍ଷୀରେ ଏହା ଅନୁଷ୍ଠିତ ହୋଇଛି। ସେହିପରି ଏହି ପ୍ରତିଯୋଗିତା ଜିଲ୍ଲାର ଅନ୍ୟ ବିଚାର ବିଭାଗୀୟ ଅଦାଲତ ପରିସର ଖୋର୍ଦ୍ଧା, ବାଣପୁର, ଜଟଣୀ, ଚିଲିକା, ବେଗୁନିଆଠାରେ ମଧ୍ୟ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜନ କରାଯାଇଛି। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଭୁବନେଶ୍ୱର ବିରଞ୍ଚି ନାରାୟଣ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଯୋଗିତାକୁ ଉଦ୍‌ଯାପନ କରିଥିଲେ।

# ବିକାଶ ଆବାସିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ବିକାଶ ଆବାସିକ ବିଦ୍ୟାଳୟ, ଭୁବନେଶ୍ୱରରେ ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଇଣ୍ଟିଗ୍ରିଟି ୨୦୨୫-୨୬ ପାଳିତ ହୋଇଯାଇଛି। ଇତ୍ୟବସରରେ ସମ୍ମାନନୀୟ ଅତିଥି ଡ. ସୁଶାନ୍ତ ନନ୍ଦ ଆଇଏଫଏସ୍ . ଓଡ଼ିଶାର ପୂର୍ବତନ ମୁଖ୍ୟ ବନ ରକ୍ଷକ ଓ ନୋଡାଲ ଅଧିକାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ଦୀପ ପ୍ରଜ୍ୱଳନ ଜରିଆରେ ଉଦଘାଟନ କରିଥିଲେ। ଉପସ୍ଥିତ ଥିଲେ ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଚେୟାରମେନ ଏବଂ ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ, ଲକ୍ଷ୍ମୀ ବିଭାଗ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍ସର ଚେୟାରମେନ ଡି. ନାଗେଶ୍ୱର ରାଓ, ବିକାଶ ଆବାସିକ ବିଦ୍ୟାଳୟ, ଭୁବନେଶ୍ୱର ଓ ବିକାଶ ଗ୍ଲୋବାଲ ବିଦ୍ୟାଳୟ, ଖଣ୍ଡଗିରି, ଭୁବନେଶ୍ୱରର ଚେୟାରମ୍ୟାନ ଓ ପରିଚାଳନା ନିର୍ଦ୍ଦେଶକ ଭି.ଶ୍ରୀନିବାସ, ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପ୍ରଶାସନିକ ନିର୍ଦ୍ଦେଶକ. ଜି.ରାମକ୍ରୀଷ୍ଣା, ବିଦ୍ୟା ବିକାଶ ଜିଆରଓଇଉପି ଅଫ୍ ଇନଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶିକା ଗୀତିକା ଚୌଧୁରୀ, ବିକାଶ ଭବାନିପାଟଣାର ନିର୍ଦ୍ଦେଶକ ଡି.ରାମ ବିକାଶ ଭବାନିପାଟଣାର ନିର୍ଦ୍ଦେଶକ ଡି ଶ୍ୟାମଙ୍କ ସମେତ ବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁସନ୍ସର ଡିନ୍ ପିତାମ୍ବର ଦାସ, ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଡିନ୍ (ସିନିୟର ସେକେଣ୍ଡାରୀ ) ଆଲାପତି ଦିଲ୍ଲୀପ କୁମାର, ବିକାଶ ଗ୍ଲୋବାଲ ବିଦ୍ୟାଳୟ, ଖଣ୍ଡଗିରିର ଅଧ୍ୟକ୍ଷା ବିଜୟାଲକ୍ଷ୍ମୀ ଦାସ, ବିକାଶ ଆବାସିକ ବିଦ୍ୟାଳୟ, ଭୁବନେଶ୍ୱରର ଅଧ୍ୟକ୍ଷ ଆର ବିଜୟ କୁମାର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ଦାସ . ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ରଥ, ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଭିଭାବକ ମଣ୍ଡଳୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ। ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ ଡିନ୍ ପିତାମ୍ବର ଦାସ। ଅତିଥି ମଣ୍ଡଳିଙ୍କର ପରିଚୟ ପ୍ରଦାନପୂର୍ବକ ସମ୍ବର୍ଦ୍ଧନାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ ବିକାଶ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଡିନ୍ ଆଲାପତି ଦିଲ୍ଲୀପ କୁମାର।

### ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା କଂଗ୍ରେସ ସଂଗଠନ ସୃଜନ

# ଡିସିସି କର୍ମକର୍ତ୍ତା ଓ ବ୍ଲକ୍ ସଭାପତି ବଛା ହେବେ

**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ଏଆଇସିସିର ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ୩୫ ସଂଗଠନିକ ଜିଲ୍ଲାରେ ସଭାପତିମାନଙ୍କୁ ଚୟନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନବନିଯୁକ୍ତ ସଭାପତିମାନେ 'ଭୋଟ ଚୋରି

- **ଭୋଟ ଚୋରି ବିରୋଧରେ ଦସ୍ତଖତ ଅଭିଯାନ ସମାବେଶର ଉଦ୍‌ଯାପନୀ**
- **୧୪ ଡିସେମ୍ବର କଂଗ୍ରେସର ଦିଲ୍ଲୀ ଚଲୋ**
- **୨୬ ନଭେମ୍ବର ସମ୍ବିଧାନ ବଞ୍ଚାଅ**

ବିରୋଧରେ ଦସ୍ତଖତ ଅଭିଯାନ' ତଥା ନୂଆପଡ଼ା ଉପନିର୍ବାଚନରେ ବ୍ୟସ୍ତ ଥିବାରୁ ନିଜନିଜ ଜିଲ୍ଲା ଟିମ୍ ଗଠନ କରିପାରି ନ ଥିଲେ। ରବିବାର ଅପରାହ୍ଣରେ କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ



କୁମାର ଲଲ୍ଲୁ ଏ ନେଇ ଏକ ଦୁଇ ସପ୍ତାହର ଖସଡ଼ା ଘୋଷଣା କରିଛନ୍ତି। ପ୍ରତି ଜିଲ୍ଲାରେ ସାଧାରଣ, ଦଳିତ, ଜନଜାତି, ସଂଖ୍ୟାଲଘୁ ଓ ମହିଳା ବର୍ଗରୁ ପ୍ରତିନିଧିତ୍ୱ ସହ ସର୍ବାଧିକ ୩୧ ଜଣ କର୍ମକର୍ତ୍ତା ରହିବେ। ପ୍ରତି ଜିଲ୍ଲା ସଂଗଠନରେ ୬ ଜଣ ଉପସଭାପତି ରହିବେ। ସଂଗଠନ ଦାୟିତ୍ୱରେ ତଥା ଛାମୁଆ ସଂଗଠନ ଦାୟିତ୍ୱରେ ଜଣେ ଲେଖାଏଁ ଉପସଭାପତି ରହିବେ। ପ୍ରତି ବିଧାନସଭା କ୍ଷେତ୍ରରୁ ଦୁଇଜଣ ଲେଖାଏଁ ସାଧାରଣ ସଂପାଦକଙ୍କୁ ଚୟନ କରାଯାଉଥିବା ବେଳେ ପ୍ରତି ବ୍ଲକ୍/ପୌରାଞ୍ଚଳରୁ ଦୁଇଜଣ ଲେଖାଏଁ ଡିସିସି ସଂପାଦକ ରହିବେ। ସମଗ୍ର ଜିଲ୍ଲା ପାଇଁ ଜଣେ ମୁଖପାତ୍ର ଓ ଜଣେ ସାମାଜିକ ଗଣମାଧ୍ୟମ ଇନ୍-ଚାର୍ଜ ରହିବେ। ଜିଲ୍ଲାର ପ୍ରଶିକ୍ଷଣ ଦାୟିତ୍ୱରେ ମଧ୍ୟ ଜଣେ କର୍ମକର୍ତ୍ତା ରହିବେ ବୋଲି ଶ୍ରୀ ଲଲ୍ଲୁ ସୂଚନା ଦେଇଛନ୍ତି। ଡିସିସି ସଭାପତିମାନେ ନିଜନିଜ ଜିଲ୍ଲାର ସମସ୍ତ ବିଧାୟକ/ସାଂସଦ/ବରିଷ୍ଠ ନେତା/ପୂର୍ବତନ ବିଧାୟକ/ପୂର୍ବତନ ସାଂସଦ/ଗତ ଲୋକସଭା ଓ ବିଧାନସଭା ନିର୍ବାଚନର କଂଗ୍ରେସ ପ୍ରାର୍ଥୀମାନଙ୍କ ସହ ପରାମର୍ଶ କରି ତାଲିକାକୁ ଚୂଡ଼ାନ୍ତ ଅନୁମୋଦନ ପାଇଁ ପିସିସି ସଭାପତିଙ୍କ ପାଖକୁ ଆସନ୍ତା ୧୦ ଡିସେମ୍ବର ସୁଦ୍ଧା ପଠାଇବେ ବୋଲି ଶ୍ରୀ ଲଲ୍ଲୁ କହିଛନ୍ତି।

ଆସନ୍ତା ୨୬ ନଭେମ୍ବର ବୁଧବାର ଦେଶବ୍ୟାପୀ 'ସମ୍ବିଧାନ ବଞ୍ଚାଅ' କାର୍ଯ୍ୟକ୍ରମ ହେଉଛି। ଏହି କ୍ରମରେ ଓଡ଼ିଶାର ସମସ୍ତ ଜିଲ୍ଲାରେ ସେଦିନ ଡିସିସିମାନଙ୍କ ପକ୍ଷରୁ ପ୍ରଭାତଫେରୀ, ଆଲୋଚନାଚକ୍ର, ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା, ଖେଳକୁଦ, ସାଧାରଣ ସଭା ଆଦି ଆୟୋଜନ ଜରିଆରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବ ବୋଲି କୁହାଯାଇଛି।

# ଆଜି ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି

**ଭୁବନେଶ୍ୱର, ୨୩।୧୧(ସଂଚାର ବ୍ୟୁରୋ):** ନଭେମ୍ବର ୨୪ ତାରିଖରେ ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି। ସୋମବାର ସକାଳ ୧୦ଟା ୩୦ ସମୟରୁ ଭୁବନେଶ୍ୱର ୟୁନିଟ ୨ ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ) ଠାରେ ମୁଖ୍ୟମନ୍ତ୍ରୀ ଜନଶୁଣାଣି କରିବେ। ଗତ ସେପ୍ଟେମ୍ବର ୮ ତାରିଖରେ ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ କରିଥିଲେ, ଏହି ଶୁଣାଣି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଜଣାପଡ଼ିଛି। ସେମାନଙ୍କୁ ଆଉ ପୁନଃ ପଞ୍ଜୀକରଣର ଆବଶ୍ୟକତା ପଡ଼ିବ ନାହିଁ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ମଇଁଷି ଛୁଆ ମାରି ଖାଇଲା ବାଘ

**ଆନନ୍ଦପୁର, ୨୩।୧୧ (ସଂଚାର ବ୍ୟୁରୋ) :** ଗୁହାଳରୁ ଟେକି ନେଇ ମଇଁଷି ଛୁଆ ମାରି ଖାଇଲା ବାଘ । ଆନନ୍ଦପୁର ରେଞ୍ଜ ଅନ୍ତର୍ଗତ ସନ୍ତଷପୁର ରିଜର୍ଭ ଫରେଷ୍ଟ ଅନ୍ତର୍ଗତ ମଡଣ୍ଡପଡା ଗାଁରେ ଘଟିଛି ଘଟଣା। ଜଣେ ବ୍ୟକ୍ତି ଗୁହାଳରୁ ଶନିବାର ରାତିରେ ଏକ ୨ବର୍ଷର ମଇଁଷି ଛୁଆକୁ ବାଘ ଟେକି ନେଇଥିଲା । ଘର ଠାରୁ ୪୦୦ ମିଟର ଦୂରରେ ମଇଁଷିକୁ ଖାଇ ମୁଣ୍ଡ ଓ ପଞ୍ଜରା ହାଡ ପକାଇ ଚାଲି ଯାଇଥିଲା। ଖବରପାଇ ଆନନ୍ଦପୁର ବନବିଭାଗର ଘଟଣା ସ୍ଥଳରେ ପହଞ୍ଚି ତନାଘନା କରୁଛି।

# ପ୍ରେମିକାର ତଣ୍ଟି କାଟିଲା ପ୍ରେମିକ



**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ) :** ମହଙ୍ଗା ପଡିଲା ପୁରୁଣା ପ୍ରେମ । ବିଚ୍ ବଜାରରେ ପୂର୍ବତନ ପ୍ରେମିକାର ତଣ୍ଟି କାଟିଲା ପ୍ରେମିକ। ଦାର୍ଜିଲିଂରୁ ଆସି ଭୁବନେଶ୍ୱରରେ ଆତଙ୍କ ଖେଳାଇଲେ ଯୁବକ । ଚନ୍ଦ୍ରଶେଖରପୁର ବୁଦ୍ଧ ପାର୍କ ସାମ୍ନାରେ ଆଜି ଦେଖିବାକୁ ମିଳିଛି ଏପରି ଘଟଣା । ଆହତ ଯୁବତୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଅଭିଯୁକ୍ତ ନାଟି ଗୁରୁମ୍‌ଙ୍କୁ ଗିରଫ କରି ପଚରାଉଚରା କରୁଛି ପୋଲିସ । ଏହା ସହ ଉଭୟଙ୍କ ପରିବାର ଲୋକଙ୍କୁ ମଧ୍ୟ ପଚରାଉଚରା ଚାଲିଛି । ପୀଡିତାଙ୍କ ଘର ମଧ୍ୟ ପଶ୍ଚିମବଙ୍ଗରେ । ଉଭୟ ବିବାହିତ ବୋଲି ଜଣାପଡିଛି । ପୁରୁଣା ପ୍ରେମକୁ ଭୁଲି ନପାରି ଅଭିଯୁକ୍ତ ଏଭଳି କାରନାମା ଘଟାଇଥିବା ସନ୍ଦେହ କରାଯାଉଛି ।

### ଡିସେମ୍ବର ୧୪ରେ 'ମୋ କଟକ ସୁରକ୍ଷା ମଞ୍ଚ'ର ସ୍ୱନକ୍ଷତ୍ର ଉତ୍ସବ

# ସୁରେନ୍ଦ୍ରନାଥଙ୍କୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନ



**କଟକ, ୨୨।୧୧ (ସଂଚାର ବ୍ୟୁରୋ) :** କଟକ ସହରର ଐତିହ୍ୟ, ପରମ୍ପରାକୁ ବଜାୟ ରଖିବା, ସହରବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ପାଇଁ ସଦାସର୍ବଦା ଲଢେଇ ଜାରି ରଖିଥିବା ଅଗ୍ରଣୀ ସାମାଜିକ ସଂଗଠନ 'ମୋ କଟକ ସୁରକ୍ଷା ମଞ୍ଚ'ର ଆସନ୍ତା ୧୪ ତାରିଖ ରବିବାର ଦିନ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ସହିତ ବାରବାଟୀ ସମ୍ମାନ-୨୦୨୫ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଞ୍ଚର ସମ୍ପାଦକ ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍‌ଘାଟକ ଭାବେ ବିଶିଷ୍ଟ ଶିଳ୍ପପତି ତଥା କଟକ ମାଟିର ସୁଯୋଗ୍ୟ ସନ୍ତାନ ସୁରେନ୍ଦ୍ରନାଥ ପଣ୍ଡା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୯୯୯ମସିହାରେ ଶିଳ୍ପ ଜଗତରେ ପ୍ରବେଶ କରି ଜାତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ଜଣେ ସଫଳ ଶିଳ୍ପୋଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠା କରି ଜୟ ଭାରତ ସ୍ପାଇସେସ୍ ପ୍ରା.ଲି. ଦ୍ୱାରା ଅଗଣିତ ମଣିଷଙ୍କୁ ରୋଜଗାରକ୍ଷମ କରାଇବା ସହ ସମାଜର ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟ ଓ ସେବାରେ ନିଜକୁ ସମର୍ପିତ କରିଥିବା ବିଶିଷ୍ଟ ଶିଳ୍ପପତି ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନ-୨୦୨୫ ରେ ସମ୍ବର୍ଦ୍ଧିତ କରାଯିବ।

ଏହି କାର୍ଯ୍ୟକ୍ରମରେ ଅନନ୍ୟ ପ୍ରତିଭା, ସମାଜରେ ଅବହେଳିତ ଅସହାୟ ଲୋକଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଉଥିବା ସାମାଜିକ ସଂଗଠନ, ସାମାଜିକ କର୍ମୀ, ନିର୍ଭୀକ ନିରପେକ୍ଷ ସାମ୍ବାଦିକତା କରୁଥିବା ସାମ୍ବାଦିକ, ଫଟୋଗ୍ରାଫର, ଭିଡିଓ ଜର୍ଣ୍ଣାଲିଷ୍ଟ , ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରୁଥିବା ସୂଚନାଅଧିକାର କର୍ମୀ, ମାନବାଧିକାର କର୍ମୀ,ଭାଇଚାରା ସହର କଟକର ମୁରବୀଙ୍କୁ ବାରବାଟୀ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବ ବୋଲି ଏକ ପ୍ରେସ ବିବୃତିରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କଟକକୁ ଭଲପାଉଥିବା ବ୍ୟକ୍ତି,କଟକ ସହରର ପୂଜାକମିଟି, ସାହି ମୂରବୀ ଓ ବୁଦ୍ଧିଜୀବୀ ଯୋଗଦେବା ପାଇଁ ସଭାପତି ଅକ୍ଷୟ ପଣ୍ଡା ନିବେଦନ କରିଛନ୍ତି।

# ଷ୍ଟାର୍ଟଅପ୍ ପ୍ରତିଷ୍ଠା ପଛରେ ପଛୁଆ ଜିଲ୍ଲା

**ଭୁବନେଶ୍ୱର, ୨୩।୧୧:** ଉଦ୍ୟମିତାକୁ ପ୍ରୋତ୍ସାହନ ଦେଇ ରାଜ୍ୟରେ ଯୁବ ଉଦ୍ୟୋଗୀ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ନୀତି ପ୍ରତି ପଛୁଆ ଜିଲ୍ଲାରେ ସେଭଳି ଆଗ୍ରହ ନାହିଁ। ଯେତିକି ବି ଷ୍ଟାର୍ଟଅପ୍ ସୃଷ୍ଟି ହୋଇଛି ତାହାର ସିଂହଭାଗ ଉପକୂଳ ଜିଲ୍ଲାଗୁଡିକରେ ରହିଛି। ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହନ ଦେବା ପାଇଁ ଓଡିଶା ଷ୍ଟାର୍ଟଅପ୍ ନୀତି-୨୦୧୬ ଆଣିଥିଲେ। ଏହାପରେ ୨୦୧୮ ମସିହାରେ ଏହାକୁ ସଂଶୋଧନ କରି ନୀତିରେ କିଛିଟା ସଂଶୋଧନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଷ୍ଟାର୍ଟଅପ୍ ନୀତିରେ ଉତ୍ସାହିତ ହୋଇ ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୨୬୩ଟି ଷ୍ଟାର୍ଟଅପ୍ ପ୍ରତିଷ୍ଠା ହୋଇଛି। ଏଥିରୁ ଅଧାରୁ ଅଧିକ ଅର୍ଥାତ୍ ୧୪୨୯ଟି କେବଳ ଖୋରଧା ଜିଲ୍ଲାରେ ରହିଛି। ଏହା ପଛକୁ କଟକରେ ୧୯୪ ଓ ଗଞ୍ଜାମରେ ୧୦୪ଟି ଷ୍ଟାର୍ଟଅପ୍ ଥିବା ସରକାରୀଭାବେ ଦର୍ଶାଯାଇଛି।

ତେବେ ଆଦିବାସୀ ତଥା ପଛୁଆ ଜିଲ୍ଲାଗୁଡିକରେ କିନ୍ତୁ ଏଥିପ୍ରତି ସେତେଟା ଆଗ୍ରହ ନଥିବା ଲକ୍ଷ୍ୟ କରାଯାଉଛି। କନ୍ଧମାଳ ଜିଲ୍ଲାରେ ମାତ୍ର ୪ଟି ଷ୍ଟାର୍ଟଅପ୍ ପ୍ରତିଷ୍ଠା ହୋଇଥିବା ବେଳେ ଗଜପତିରେ ୭, ମାଲକାନଗିରିରେ ୨, ବୌଦ୍ଧରେ ୩ଟି, ସୋନପୁରରେ ୪, ନବରଙ୍ଗପୁରରେ ୬ଟି ପ୍ରତିଷ୍ଠା ହୋଇଛି। ଏହିସବୁ ଜିଲ୍ଲା ମଧ୍ୟରୁ ଅଧିକାଂଶ କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲ୍ଲା ତାଲିକାରେ ରହିଛନ୍ତି। ଏଠାରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି। ଏହାଛଡା ବିଭିନ୍ନ ପ୍ରକାର ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ କଞ୍ଚାମାଲର ବି ଅଭାବ ନାହିଁ। ଏସବୁ ସତ୍ତ୍ୱେ ସେହିସବୁ ଜିଲ୍ଲାର ଯୁବକମାନେ ଆଗେଇ ନଆସିବା ଏବେ କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ଉଲ୍ଲେଖନୀୟ ଯେ, ଯୁବ ସମାଜ ମଧ୍ୟରେ ଉଦ୍ଭାବନକୁ ପ୍ରୋତ୍ସାହନ, ଇନକ୍ୟୁବେସନ ସହାୟତା, ଅର୍ଥ ସହାୟତା, ଇଜ୍ ଅଫ୍ ଡୁଇଂ ବିଜିନେସକୁ ସହଜ କରିବା ଏବଂ ଶିଳ୍ପ, ଶିକ୍ଷା ଓ ସରକାରଙ୍କ ମଧ୍ୟରେ ସହଯୋଗିତାକୁ ପ୍ରୋତ୍ସାହନ ଦେବାପାଇଁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଓଡିଶାକୁ ଏକଅଗ୍ରଗଣ୍ୟ ଷ୍ଟାର୍ଟଅପ୍ ହବ୍ ଭାବେ ଗଢି ତୋଳିବା।

# ଧାନ ଗଦାରେ ଲାଗିଲା ନିଆଁ

- ପାଉଁଶ ହୋଇଗଲା ଚାଷୀର ବର୍ଷକର ପରିଶ୍ରମ



**ଡାବୁଗାଁ୨୩।୧୧(ସଂଚାର ବ୍ୟୁରୋ):** ଡାବୁଗାଁ ଥାନା ଅନ୍ତର୍ଗତ ଶୁଣ୍ଡିଗୁଡା ଗ୍ରାମରେ ଜଣେ ଚାଷୀଙ୍କ ଗୋଟିଏ ଏକର ଧାନ ଗଦା ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିଶମ କର୍ମଚାରୀ ନିଆଁକୁ ଲିଭାଇବାକୁ ଯାଇଥିଲେ ସୁଦ୍ଧା ଚାଷୀର ୮୦ ଭାଗ ଧାନ ନିଆଁରେ ପୋଡି ଯାଇଥିବା ଜଣାପଡ଼ିଛି। କ୍ଷତିଗ୍ରସ୍ତ ଚାଷୀ ଶୁଣ୍ଡିଗୁଡା ଗ୍ରାମର ହରେକୃଷ୍ଣ ବିଶୋଇ ବୋଲି ଜଣା ପଡ଼ିଛି। ସୂଚନା ଅନୁଯାୟୀ ଶୁଣ୍ଡିଗୁଡା ଗ୍ରାମର ହରେକୃଷ୍ଣ ବିଶୋଇ ଗ୍ରାମ ନିକଟ ଅଙ୍ଗନଦୀ ପାର୍ଶ୍ୱରେ ଧାନ ଚାଷ କରି ଅମଳ ପରେ ତାକୁ ଜମିରେ ଭିନ୍ନ ଭିନ୍ନ ସ୍ଥାନରେ ଧାନ ଗଦା କରି ରଖିଥିଲେ। ତେବେ ଗୋଟିଏ ଏକର ଧାନ ଚାଷର ଧାନ ଗଦାରେ ଆଜି ଦିନ ପ୍ରାୟ ୧୨ଟା ସମୟରେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଖୋଲା ଜମିରେ ଧାନ ଗଦା ଥିବାରୁ ଦେଖୁ ଦେଖୁ ନିଆଁ ପ୍ରବଳ ବେଗରେ ଲାଗି ଯାଇଥିଲା। ଚାଷୀ ଧାନ ଗଦା ନିଆଁ ଲିଭାଇବା ପାଇଁ କୌଣସି ଉପାୟ ନ ପାଇବାରୁ ଡାବୁଗାଁ ଅଗ୍ନିଶମ ବିଭାଗକୁ ଫୋନ ମାଧ୍ୟମରେ ଜଣାଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ଧାନ ଗଦା ନିକଟରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଚାଷୀର ୮୦ ଭାଗ ଧାନ ପୋଡି ଯାଇଥିଲା। ଗୋଟିଏ ଏକରର ପ୍ରାୟ ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଧାନ ପୋଡି ଯିବା ପରେ ଚାଷୀ ହରେକୃଷ୍ଣ ମୁଣ୍ଡରେ ଚଡକ ପଡ଼ିଥିଲା। ବ୍ୟାଙ୍କ ସହ ବିଭିନ୍ନ ସ୍ଥାନରେ କରଜ କରି ଧାନ ଚାଷ କରିଥିବା ଚାଷୀ ହରେକୃଷ୍ଣ ବିଶୋଇ କିଭଳି ଋଣ ପରିଶୋଧ କରିବ ସେ ନେଇ ଚିନ୍ତିତ ହୋଇ ପଡିଛନ୍ତି। ପ୍ରଶାସନ ତରଫରୁ ଧାନ ଗଦା ରେ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପୋଲିଓ ଆକ୍ରାନ୍ତ ଆଦିବାସୀ ଶିଶୁର ଚିକିତ୍ସାରେ ଅର୍ଥ ସାଜିଛି ବାଧକ

# ସରକାରୀ ସାହାଯ୍ୟ ଆଶାରେ ପରିବାର

**କେନ୍ଦୁଝର, ୨୩।୧୧(ସଂଚାର ବ୍ୟୁରୋ):** ବାଂଶପାଳ ବ୍ଲକ୍ ଅନ୍ତର୍ଗତ ବରହାଗଡ ପଞ୍ଚାୟତ ଅଧୀନ ନଡାମ ଗାଁର ଶ୍ରୀ ବୃଷ ଜୁଆଙ୍ଗ ର ପୋଲିଓ ଓ ମୁଣ୍ଡ ସମସ୍ୟା ରେ ଆକ୍ରାନ୍ତ ପୁତ୍ର ଅର୍ଥ ଅଭାବରୁ ଚିକିତ୍ସାରୁ ବଞ୍ଚିତ। ସରକାରୀ ସାହାଯ୍ୟ ଆଶାରେ ପରିବାର।

ନଡାମ ଗାଁ ର ବୃଷ ଜୁଆଙ୍ଗ ର ପୁଅ ଗଣେଶ୍ୱର। ବୟସ ଷୋହଳ ବର୍ଷ। ଛୋଟବେଳୁ ପୋଲିଓ ରେ ଆକ୍ରାନ୍ତ। ତା' ସହିତ ମୁଣ୍ଡରେ ମଧ୍ୟ ସମସ୍ୟା ରହିଛି। ଗଣେଶ୍ୱରର ବୟସ ଅନୁସାରେ ଶରୀରର ବୃଦ୍ଧି ହୋଇ ପାରି ନାହିଁ। ଷୋହଳ ବର୍ଷର ପିଲା ଦେଖିବାକୁ ଛୋଟ ପିଲାଟି ପରି। ଚଲା ବୁଲା କରି ପାରେ ନାହିଁ। ବୃଷ ନିଜ ଚେଷ୍ଟାରେ କିଛି ମାତ୍ରାରେ ଚିକିତ୍ସା କରାଇଛି। କିନ୍ତୁ, ପିଲା ଏବେ ମଧ୍ୟ ସୁସ୍ଥ ହୋଇ ନାହିଁ।

ବୃଷ ଜଣେ ଜୁଆଙ୍ଗ ଜନଜାତିର ଗରିବ ବ୍ୟକ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ। ପୁଅର ପୁରା ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ କରିବା ତା' ପକ୍ଷରେ ଅସମ୍ଭବ। ଯାହା ତାହା କରି ସେ ପରିବାର ପୋଷଣ କରେ।

ଜୁଙ୍ଗା ପଞ୍ଚାୟତ ଅନ୍ତର୍ଗତ ନିତ୍ୟାନନ୍ଦ ପୁର ଗାଁ ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ " ଆଶା" ନଜରକୁ ଆସିଛି ଏ ସମସ୍ୟା। ପିଲାଟିର ଚିକିତ୍ସା ସକାଶେ ସରକାରଙ୍କୁ ଲେଖାଯାଇଛି । ବର୍ଦ୍ଧିତ ହାରରେ ଭତ୍ତା ମଞ୍ଜୁର ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି।

ଏସବୁ ବାଦ୍, ପିଲାଟିର ଚିକିତ୍ସା ନିତାନ୍ତ ଆବଶ୍ୟକ ହୋଇ ପଡିଛି। ଏଣୁ, 'ଆଶା' ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କୁ ଏଥି ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏ ଗାଁ ତେଲକୋଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ଏହାର ବିଧାୟକ ହେଉଛନ୍ତି ଡାକ୍ତର ଫକୀର ଚରଣ ନାଏକ। ଅବଶ୍ୟ ବିଧାୟକଙ୍କ ପାଖରେ ଏ ଖବର ନାହିଁ। ଜିଲ୍ଲା ପ୍ରଶାସନର କ୍ଷେତ୍ରୀୟ ଅଧିକାରୀଙ୍କ ଏଥି ପ୍ରତି ଗୁରୁତ୍ୱ ନାହିଁ। ଜୁଆଙ୍ଗ ଉନ୍ନୟନ ସଂସ୍ଥା ନିଘୋଡ଼ ନିଦରେ। ଏ ପିଲାଟି କୁ ସମସ୍ତେ ଛାଡି ଦେଇଛନ୍ତି ତା'ରି ଭାଗ୍ୟ ଉପରେ।

ଏବେ ବୃଷର ପରିବାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ " ଆଶା" ଆଶା ରଖିଛନ୍ତି - ପିଲାଟିର ଚିକିତ୍ସା ଦାୟିତ୍ୱ ସରକାର ନେବେ। ଦେଖାଯାଉ, ସରକାର କେବେ ଓ କେତେ ସହାୟକ ହେଉଛନ୍ତି, ଏ ଗରିବ ଆଦିବାସୀ ପରିବାର ପାଇଁ।

# ଜଳିଗଲା ୯ ବଖରା



**ଗୁଣପୁର, ୨୩।୧୧(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ଗୁଣପୁର ପୌର ପରିଷଦ ୪ ନମ୍ବର ୱାର୍ଡ ବେବର୍ତ୍ତା ଢେପ ସାହିରେ ରବିବାର ସକାଳେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୩ ପରିବାରର ୯ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। ଘରେ କେହି ନଥିବା ବେଳେ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଅଗ୍ନିକାଣ୍ଡ କାରଣ ଅସ୍ପଷ୍ଟ ରହିଥିବା ବେଳେ ଦୀପ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ଗୁଣପୁର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ବାସିନ୍ଦା ଓ ଅଗ୍ନିଶମ ବିଭାଗଙ୍କ ମିଳିତ ଉଦ୍ୟମରେ ନିଆକୁ ଆୟତ୍ତ କରାଯାଇଥିଲା। ଅଗ୍ନିକାଣ୍ଡରେ ୯ ବଖରା ଘରର ଆସବାବପତ୍ର ପତ୍ରଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ସମସ୍ତ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିବିପନ୍ନ ସମସ୍ତ ଗରିବ ଓ ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ସରକାରଙ୍କୁ ନିବେଦନ କରିଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ସୋମବାର ୨୪ ନଭେମ୍ବର ୨୦୨୫, ଭୁବନେଶ୍ୱର
Monday 24 November 2025, Bhubaneswar



# ଶାନ୍ତି ବିକଳ୍ପ ନୁହେଁ, ଆବଶ୍ୟକତା

ଋଷ-ୟୁକ୍ରେନ ଯୁଦ୍ଧ ସାରା ବିଶ୍ୱକୁ ଗ୍ରସ କରିଛି। ୨୦୨୨ ମସିହା ଫେବ୍ରୁଆରୀରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଦୁଇ ବର୍ଷ ପରେ ମଧ୍ୟ ଅନ୍ତ ହେବାର କୌଣସି ଲକ୍ଷଣ ଦିଶୁନି। ଋଷ ସେନାର ଅଗ୍ରଗତି ବନ୍ଦ ହୋଇଛି,



ୟୁକ୍ରେନର ପ୍ରତିରୋଧ କିନ୍ତୁ ବନ୍ଦ ହୋଇନାହିଁ। ଉଭୟ ପକ୍ଷରେ ପ୍ରାୟ ୫ ଲକ୍ଷ ସୈନ୍ୟ ମୃତ୍ୟୁବରଣ କରିଛନ୍ତି, ଅର୍ଥନୀତି ଧ୍ୱଂସସ୍ତୂପରେ ପରିଣତ ହୋଇଛି ଏବଂ ଦୁଇ ଦେଶର ଯୁଦ୍ଧ ପାଇଁ ବିଶ୍ୱ ଖାଦ୍ୟ ସଙ୍କଟ ମଧ୍ୟ ବଢ଼ିଯାଇଛି। ଏହା କେବଳ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ନୁହେଁ ବରଂ ନାଟୋର ପ୍ରଭାବ, ଚୀନର ରାଜନୈତିକ ଖେଳ ଏବଂ ଆମେରିକୀୟ କୂଟନୀତିର ପରୀକ୍ଷାସ୍ଥଳ ପାଲଟିଛି। ଏହି ପରିସ୍ଥିତିରେ, ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ହସ୍ତକ୍ଷେପ କରିବା ଏକ ନୂତନ ଆଶାର କିରଣ ସୃଷ୍ଟି କରିଛି। ୨୦୨୫ ନଭେମ୍ବରରେ ଅଧିକାର ଗ୍ରହଣ କରିବାକୁ ପ୍ରସ୍ତୁତ ଟ୍ରମ୍ପଙ୍କ ସେତୁବନ୍ଧନ ପ୍ରସ୍ତାବ ଯୁଦ୍ଧର ଭବିଷ୍ୟତ ବଦଳାଇବାରେ ସହାୟକ ହୋଇପାରେ। ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ସେ ଉତ୍ତର କୋରିଆ ସହ କୂଟନୀତିର ଉଦାହରଣ ଦେଇଥିଲେ। ଏବେ ସେ ଦାବି କରୁଛନ୍ତି, "୨୪ ଘଣ୍ଟା ମଧ୍ୟରେ ଯୁଦ୍ଧ ଶେଷ କରିଦେବେ"। ଏହା କେବଳ ରାଜନୈତିକ ବଳିଦାନ ନୁହେଁ, ବରଂ ଏକ ବ୍ୟବହାରିକ ପଦକ୍ଷେପ।

ଟ୍ରମ୍ପଙ୍କ ନୀତି ଆମେରିକାକୁ ଯୁଦ୍ଧରୁ ଦୂରେଇ ରଖିବାକୁ ଆରମ୍ଭ ହେବା ଦୀର୍ଘଦିନ ଧରି ଆମେରିକାର ମଧ୍ୟସ୍ଥତା ଆଉ ପାଦେ ବଢ଼ିବା ସହ ଯୁଦ୍ଧ ରୋକିବାକୁ ଟ୍ରମ୍ପ ପ୍ରସ୍ତୁତ କରିଛନ୍ତି ୨୮ ସୂତ୍ରୀ ସମାଧାନ ଯୋଜନା। ନିକଟରେ ଆମେରିକା ସେନା ସଚିବ ଡ୍ରେନ ଡ୍ରିସକୋଲଙ୍କ ୟୁକ୍ରେନ ଗସ୍ତ ସମୟରେ ଟ୍ରମ୍ପଙ୍କ ପକ୍ଷରୁ ଜେଲେନସ୍କିଙ୍କୁ ଏହି ପ୍ରସ୍ତାବ ଦେଇଛନ୍ତି।

ଟ୍ରମ୍ପଙ୍କ ସର୍ତ୍ତ ଅନୁଯାୟୀ, ୟୁକ୍ରେନ ଋଷକୁ ୪ଟି ଅଞ୍ଚଳ ଦେବା ଡୋନେଟସ୍କ, କ୍ରିମିଆ, ଜପୋରେଜିଆ ଓ ଖେରସନକୁ ଛାଡ଼ିବ ୟୁକ୍ରେନ। ଏହି ଅଞ୍ଚଳକୁ ନିଜର ବୋଲି ଉଭୟ ଋଷ ଓ ୟୁକ୍ରେନ ଦାବି କରୁଛନ୍ତି। ୟୁକ୍ରେନକୁ ନାଟୋ ସେନା ସହାୟତା ରୋକିବା ୟୁକ୍ରେନ ନିଜ ସେନାର କାର୍ଯ୍ୟାନୁଷ୍ଠାନ କମ୍ କରିବା ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଦେବ ଆମେରିକା। ରୁଷ-ୟୁକ୍ରେନ ସୀମା ସୁରକ୍ଷା ଗ୍ୟାରେଣ୍ଟି ମିଳିବ। ସର୍ତ୍ତ ମାନିନେଲେ ରୁଷ ଉପରୁ ସମସ୍ତ ପ୍ରତିବନ୍ଧକ ଉଠାଇବ ଆମେରିକା।କୂଟନୀତି ସମ୍ପର୍କକୁ ସୁଧାରିବାକୁ ସମସ୍ତ ଚେଷ୍ଟା କରିବ ଆମେରିକା। ଜେଲେନସ୍କିଙ୍କୁ ଟ୍ରମ୍ପଙ୍କ ୬ଦିନର ମହଲତ ଦେଇଛନ୍ତି।

କିନ୍ତୁ ଏହି ସେତୁବନ୍ଧନର ସମ୍ଭାବନା ଅନିଶ୍ଚିତ। ପୁଟିନ୍ କ୍ରିମିୟା ସହ ସମ୍ପୂର୍ଣ୍ଣ ୟୁକ୍ରେନ୍ ଦାବି କରୁଛନ୍ତି, ଯାହାକୁ ମାନୁନାହାନ୍ତି ଜେଲେନସ୍କି। ଜେଲେନସ୍କି ଯୁଦ୍ଧ ବିରତିକୁ ସ୍ୱୀକାର ନକରି, ପୂର୍ଣ୍ଣ ସ୍ୱାଧୀନତା ଦାବି କରୁଛନ୍ତି। ଇଉରୋପୀୟ ସମ୍ମିଳନୀ ଯୋଗୁଁ ଅମେରିକୀୟ ସାହାଯ୍ୟ ବନ୍ଦ ହେଲେ ୟୁକ୍ରେନ୍ ନିର୍ବାଚନୀୟ ସଙ୍କଟରେ ପଡ଼ିପାରେ। ଚୀନ ଓ ଇରାନର ସମର୍ଥନରେ ରୂଷ ଅଧିକ ଶକ୍ତିଶାଳୀ ହୋଇଛି, ଯାହା ଟ୍ରମ୍ପଙ୍କ ଏକକ ପ୍ରୟାସକୁ ଜଟିଳ କରିବ। ଯଦି ସେତୁବନ୍ଧନ ବିଫଳ ହୁଏ, ଯୁଦ୍ଧ ଅଧିକ ଦୀର୍ଘସୂତ୍ରୀ ହୋଇପାରେ, ଯାହା ବିଶ୍ୱ ଅର୍ଥନୀତିକୁ ଧ୍ୱଂସ କରିବ।

ତଥାପି, ଟ୍ରମ୍ପଙ୍କ ମଧ୍ୟସ୍ଥତା ଏକ ସୁନ୍ଦର ସୁଯୋଗ। ସେତେବେଳେ ବାଇଡେନ ସଂସ୍ଥାରକୁ ସମର୍ଥନ ଦେଇ ୟୁକ୍ରେନକୁ ଲମ୍ବା କରିଥିଲେ, ଟ୍ରମ୍ପ "ଆମେରିକା ଫାଷ୍ଟ" ନୀତିରେ ସମାଧାନକୁ ପ୍ରାଧାନ୍ୟ ଦେବେ। ଏହା ଋଷକୁ ଚୀନ ପ୍ରତି ଧ୍ୟାନ ଦେବାକୁ ବାଧ୍ୟ କରିବ, ଯାହା ବିଶ୍ୱ ସ୍ଥିରତାକୁ ବଜାୟ ରଖିବ। ୟୁକ୍ରେନକୁ ସମ୍ମାନଜନକ ଶାନ୍ତି ଦେବା ପାଇଁ ଇଉରୋପୀୟ ଦେଶମାନଙ୍କୁ ଅଧିକ ଦାୟିତ୍ୱ ନେବାକୁ ପଡ଼ିବ। ଭାରତ ଭଳି ଦେଶମାନଙ୍କ ପାଇଁ ଏହା ଏକ ସୁଯୋଗ, ଯେଉଁଠାରେ ଆମେ ସ୍ଥିରତା ରକ୍ଷା କରି ଶାନ୍ତି ପ୍ରୟାସରେ ଯୋଗ ଦେଇପାରିବା। ଋଷ-ୟୁକ୍ରେନ୍ ଯୁଦ୍ଧର ଭବିଷ୍ୟତ୍ ଟ୍ରମ୍ପଙ୍କ ହାତରେ। ଯଦି ସେ ସଫଳ ହେଲେ, ଏହା ଆଧୁନିକ କୂଟନୀତିରେ ନୂତନ ଅଧ୍ୟାୟ ସୃଷ୍ଟି କରିବ। ନହେଲେ, ବିଶ୍ୱ ଅନିଶ୍ଚିତତାରେ ବୁଡ଼ିଯିବ।

# ସେବା ହିଁ ଭକ୍ତି



**ଇଂ. ସଚ୍ଚିଦାନନ୍ଦ ନନ୍ଦ**

ଆମ୍ଭେମାନେ ସବୁ ସେବକ। କାରଣ ଆମେ ସଦା ସର୍ବଦା ସେବା କାମରେ ନିୟୋଜିତ ରହୁଛେ। 'ସେବା' ପ୍ରକୃତରେ କ'ଣ? ଏହା ଏକ ମାର୍ଗ ଯାହା ମାଧ୍ୟମରେ, ଭକ୍ତି ପ୍ରକଟିତ ହୋଇଥାଏ? ଭକ୍ତିର ପରିଣାମ କ'ଣ ସେବା ନା ଏହା ଭକ୍ତିର କାରଣ? ଏହା ଗୋଟିଏ ମାଧ୍ୟମ ଯାହା ଜରିଆରେ ଭକ୍ତି ନିବେଦିତ ହୁଏ ବା ପରିବର୍ଦ୍ଧିତ ହୁଏ? ନା, ଏହା ଭକ୍ତିର ନିଦର୍ଶନ ନୁହେଁ ବା ଭକ୍ତିର ଫଳ ନୁହେଁ। ଭକ୍ତିର ସାରମର୍ମ ହେଉଛି ସେବା, ଭକ୍ତର ଶ୍ୱାସ ପ୍ରଶ୍ୱାସ ହିଁ ସେବା, ଏହା ଭକ୍ତର ସ୍ୱଭାବ। ଯେଉଁ ଅନୁଭୂତିରୁ ଭକ୍ତ ବୁଝିପାରେ ଯେ ପ୍ରତ୍ୟେକ ଜୀବ ଈଶ୍ୱରଙ୍କ ସନ୍ତାନ, ପ୍ରତ୍ୟେକ ଶରୀର ତାଙ୍କର ମନ୍ଦିର ଓ ପ୍ରତ୍ୟେକ ସ୍ଥାନ ତାଙ୍କର ବାସଗୃହ, ସେହି ଅନୁଭୂତିରୁ ସୃଷ୍ଟି ହୁଏ ସେବା ଭାବ। ସେବା ସର୍ବଶ୍ରେଷ୍ଠ ସାଧନା। ଏହା ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଶୃଙ୍ଖଳା। ଆମ୍ଭେମାନେ ସେବା କରିବାର ଏକ ମହାନ ସୁଯୋଗ ଲାଭ କରିଛେ। ଆଧ୍ୟାତ୍ମିକ ଉନ୍ନତି ଦୃଷ୍ଟିରୁ, ଜନ ସମାଗମ ସମୟରେ ଆମର ସେବା କାର୍ଯ୍ୟ, ଜପ ଧ୍ୟାନ ଠାରୁ ବହୁଗୁଣରେ ଅଧିକ ସହାୟକ ହୋଇଥାଏ।



ଆମେ ଭାବ ନାହିଁ ଯେ ସେବା ମାଧ୍ୟମରେ ଆମେ ବିଶ୍ୱର ପୁନର୍ଗଠନ ବା ସଂସ୍କାର ଆଣି ଦେଇପାରିବା। ସେ କାମ ହାସଲ କରିବା ନକରିବା ବଡ଼ କଥା ନୁହେଁ। କିନ୍ତୁ ସେବାର ପ୍ରକୃତ ଫଳ ଅତି ପ୍ରାଞ୍ଜଳ। ଏହା ଆମକୁ ସୁଗଠିତ କରେ, ଆମଠାରେ ସଂସ୍କାର ଆଣେ। ସାଧନା ହିସାବରେ ସେବା କରିଯିବା। ଆମେ ବିନମ୍ର ହେବା ଯାହାଫଳରେ ସୁଖି ହେବା। ଆମେ ଅନ୍ୟର ପ୍ରଗତିରେ ସାହାଯ୍ୟ କରୁଛେ ବୋଲି ଭାବିବା ନାହିଁ ଓ ନିଜର ଉନ୍ନତି କରିବା। ଜପ ଓ ଧ୍ୟାନ ସହିତ ମିଶାଇସେବା କରିବା ଉଚିତ। କହିବାକୁଗଲେ ଏହା ଜପ ଓ ଧ୍ୟାନର ପ୍ରତ୍ୟକ୍ଷ ପ୍ରୟୋଗ। ଈଶ୍ୱରଙ୍କ ପ୍ରିୟ ସେହି ଦରିଦ୍ର ଓ ଦୁର୍ଗତମାନଙ୍କୁ ଚତୁଃପାର୍ଶ୍ୱରେ ଦେଖି ସୁଦ୍ଧା କେହି କେବେ ଈଶ୍ୱରଙ୍କ ଧ୍ୟାନରେ ବସି ରହିପାରେ?

ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ଯେଉଁ ହାତ ଅନ୍ୟକୁ ସାହାଯ୍ୟ କରିବା ଶିଖି ନାହିଁ, ସେ ରୁଦ୍ଧ ଦ୍ୱାରା କୋଠରୀରେ ବସି ମାଳା ଗଡ଼ାଉ ଥିଲେ ସୁଦ୍ଧା ମୁଁ ସେ ଜପକୁ ତିଳେ ମାତ୍ର ଗୁରୁତ୍ୱ ଦିଏନାହିଁ। ସେ ପ୍ରକାର ଧ୍ୟାନକୁ ମଧ୍ୟ ମୁଁ ଆଦୌ ପସନ୍ଦ କରେନାହିଁ, ଯେଉଁ ଧ୍ୟାନ ତୁମକୁ ଯନ୍ତ୍ରଣା ଜର୍ଜରିତମାନଙ୍କ କଷ୍ଟ ପ୍ରତି କାଲ କରିଦିଏ। ଧ୍ୟାନ ହୃଦୟକୁ କଠିନ କରିବା ଅନୁଚିତ। ଧ୍ୟାନ ଦ୍ୱାରା ହୃଦୟ ଲବଣି ତୁଲ୍ୟ କୋମଳ ହେବା କଥା, ସାମାନ୍ୟ ଉତ୍ତାପରେ ବିଗଳିତ ହୋଇଯିବା କଥା। ପ୍ରତ୍ୟେକଙ୍କ ଅନ୍ତର୍ନିବାସୀ ଭଗବାନଙ୍କୁ ଦର୍ଶନ କରିବାର ମହାନ ସୁଯୋଗ ହେଉଛି ସେବା। ସେବକ ହିସାବରେ କାମ କରି ତୁମର ନିଶ୍ଚୟ ଏସବୁ ଅଭିଜ୍ଞତା ହେବଣି। ସବୁ ପ୍ରକାର ଲୋକଙ୍କୁ ଭେଟୁଛ, କେତେକ ଅତି ସହଯୋଗୀ, କେତେକ ତର୍କବାଦୀ, କେତେକ ବାଧା ଦେବେ, କେତେକ ଧମକ ଦେବେ, ତୁମର କ୍ଷମତା ଓ ଉଦ୍ଦେଶ୍ୟ ବାବଦରେ ମଧ୍ୟ କେତେକ ପ୍ରଶ୍ନ କରିବେ। ଏମାନଙ୍କ ସଂସ୍ପର୍ଶରେ ଆସିବାଟା ମଧ୍ୟ ତୁମ ପାଇଁ ଏକ ପ୍ରକାର ଶିକ୍ଷା। ଏହା ଦ୍ୱାରା ତୁମ ଚରିତ୍ର ଦୃଢ଼ିଭୂତ ହୁଏ ଏବଂ ନିନ୍ଦା ଓ ପ୍ରଶଂସାକୁ ସମାନ ଭାବରେ ଗ୍ରହଣ କରିବାକୁ ତାଲିମ ମିଳିଥାଏ। ବର୍ତ୍ତମାନ ମୁଁ ତୁମକୁ ଯଦି ପଚାରେ ଯେ ସେଇଟି କ'ଣ ଯାହାପାଇଁ ତୁମେ ସର୍ବାଧିକ ବ୍ୟାକୁଳ? ତୁମେ କହିବ ତାହା ହେଉଛି କୃପା ବା ଅନୁଗ୍ରହ, ନୁହେଁ କି? ଯେ ପର୍ଯ୍ୟନ୍ତ ତୁମର କଥା ଓ କର୍ମ ସତ୍ୟ ଓ ଧର୍ମାନୁସାରିଣୀ ହେଉଥିବ, ଯେ ପର୍ଯ୍ୟନ୍ତ ତୁମ କଥା ଓ କର୍ମରେ ପ୍ରେମର ମଧୁରତା ଓ ଶାନ୍ତିର ପ୍ରଚୁରତା ଥିବ, ନିଶ୍ଚିନ୍ତରହ, ଅମାପ, ଅଜସ୍ର କୃପା ଲାଭ କରିବ।' ଆମେ ସମସ୍ତେ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଅଙ୍ଗ ପ୍ରତ୍ୟଙ୍ଗ ଓ ତାଙ୍କ ଦ୍ୱାରା ହିଁ ପ୍ରତିପାଳିତ। ବାବା କହିଛନ୍ତି 'ତୁମ ସମସ୍ତଙ୍କୁ ନେଇ ମୋ ଶରୀର ଗଠିତ। ସଦ୍‌ଗୁଣ, ବିଶ୍ୱାସ, ଶୃଙ୍ଖଳା ଓ ବିନମ୍ରତା ଭଳି ବାଞ୍ଛିତ ମଧୁର ଗୁଣାବଳୀ ଆହରଣ କଲେ, ତୁମେ ଯେଉଁଠି ଥାଅ ପଛେ, ଯେଉଁ କାମ କରୁଥାଅ ପଛେ, ସାଇ ତୁମର ପୁଷ୍ଟି ସାଧନ କରୁଥିବେ। ତୁମକୁ ତୋଳି ଧରୁଥିବେ। ତୁମେ ସାଇଙ୍କ ଅଙ୍ଗର ଗୋଟିଏ ଉପାଦାନ ହୋଇ ଥିବାରୁ ଖୁସି ହେବା ଦରକାର। ଗୋଡ଼ ହୋଇ ଥିବାରୁ କଠିନ ରାସ୍ତା ଉପରେ ଚାଲିବାକୁ ପଡ଼ିବ ବୋଲି ଅଭିଯୋଗ କରନାହିଁ। ମୁଣ୍ଡ ହୋଇ ଶରୀରର ସର୍ବୋଚ୍ଚ ସ୍ଥାନ ଲାଭ କରିଛ ବୋଲି ଗର୍ବ କରନାହିଁ। ଉଭୟ ମଧ୍ୟରେ ସେହି ସମାନ ରକ୍ତ ପ୍ରବାହିତ ହେଉଛି, ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଭଳି ଏ ଉଭୟଙ୍କ କାମ ବେଶ ଗୁରୁତ୍ୱପୂର୍ଣ୍ଣ। ଶରୀରର ପ୍ରତ୍ୟେକ ଅଙ୍ଗର କାମ ଅତୁଳନୀୟ।' ତେଣୁ ଉଦାସୀନତାକୁ ପ୍ରଶ୍ରୟ ଦେବା ନାହିଁ। ଏହି ସଂସାରରେ ଆମ୍ଭମାନଙ୍କର ଅଭିନୟଟି ବିଶେଷଭାବେ ସ୍ୱତନ୍ତ୍ର, ଯାହା ଆମେ କେବଳ ଖେଳି ପାରିବା। ଆମେ ମୁଣ୍ଡରେ ଚାଲିପାରିବା ନାହିଁ, ଓ ପାଦ ଦ୍ୱାରା ଭାବି ପାରିନଥାଉ। ଆମେ ଯେଉଁ ଅବସ୍ଥାରେ ଥାଅ ନା ପଛ କେ, ନିଜର ସଦ୍‌ଗୁଣ ବଳରେ ଅନୁଗ୍ରହ ହାସଲ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ। ସନ୍ତୋଷ ଠାରୁ ବଡ଼ ଆଉ କୌଣସି ସମ୍ପଦ ନାହିଁ। ପେଟପୁରା ଖାଇଲା ପରେ ଆଉ ଖାଇ ହୁଏନାହିଁ। ଆହୁରି ଅଧିକ ଖାଇବା ପାଇଁ ଯଦି ଆମକୁ ବାଧ୍ୟ କରାଯାଏ ତେବେ ତାହା କଷ୍ଟ ଦାୟକ ହେବ। ନିଜକୁ କଷ୍ଟ ନ ଦେଇ କାମ କରିବାକୁ ହେଲେ ପ୍ରତ୍ୟେକ କାମ ପାଇଁ ଗୋଟିଏ ନିର୍ଦ୍ଧାରିତ ସୀମା ଅଛି, ତାହା ଠାରୁ ଅଧିକ କିଛି କରାଯାଇ ନପାରେ। ଆଗ ଦେଖି ନିଅ ଆମର ମାପ, ଆମର ସୀମା, ଆମର ଶକ୍ତି ଓ କ୍ଷମତା କେତେ? ସେଇ ଅନୁସାରେ କାମ କରିବା। ଯେଉଁମାନଙ୍କର ସୀମାରେଖା, କ୍ଷମତା ଓ ଶକ୍ତି ଆମଠାରୁ ଅଧିକ ତାଙ୍କ ପ୍ରତି ଈର୍ଷା ପରାୟଣ ହେବାନାହିଁ ଜୀବନର ଲକ୍ଷ୍ୟକୁ ଭଲ ଭାବେ ଚିହ୍ନି ଆଗେଇ ଚାଲିବା ଏହା ହିଁ ଦିବ୍ୟ ଜୀବନ ପାଇଁ ଭଗବାନଙ୍କ ପ୍ରଦତ୍ତ ରାସ୍ତା।

**ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଲବିକାଶ' ଅଲିଶା ବଜାର, କଟକ, ମୋବାଇଲ୍: ୯୯୩୭୨୪୨୯୫୫**

# ଭୋକିଲା ଲୋକଙ୍କ ସଂଖ୍ୟା କମିବ କେବେ ?



**ସୁବାସ ଷଡଙ୍ଗୀ**



ଭାରତର ପ୍ରଧାନମନ୍ତ୍ରୀ ଅନେକ ଭଲ କଥା କହନ୍ତି। ସେଥିପାଇଁ ଖାଲି ତାଙ୍କ ଭାଷଣ ନୁହେଁ, ମନର କଥା ଶୁଣିବାକୁ ଅନେକ ଜାଗାରେ ଲୋକ ଏକାଠି ହୁଅନ୍ତି। ଅବଶ୍ୟ ଯେଉଁ ଲୋକମାନେ ଶୁଣିବାକୁ ଆସନ୍ତି, ସେମାନେ ଆପଣା ଛାଏଁ ଆସନ୍ତି କି, ଅନ୍ୟ କୌଣସି କାରଣରୁ ଆସନ୍ତି, ତାହା କହିବା ସମ୍ଭବ ନୁହେଁ।

ନିକଟରେ ଆମ ପ୍ରଧାନମନ୍ତ୍ରୀ କହିଲେ, ' ଭାରତରେ ଏବେ ଆଉ କୌଣସି ଖାଦ୍ୟ ପଦାର୍ଥର ଅଭାବ ନାହିଁ। ଦେଶରେ ଖାଦ୍ୟ ପଦାର୍ଥର ଚାହିଦା ଠାରୁ ଯୋଗାଣ ଅଧିକ। ଏରୁ ଭାରତ ଏବେ ଅନ୍ୟ ଦେଶକୁ ଖାଦ୍ୟ ସାମଗ୍ରୀ ରପ୍ତାନୀ କରୁଛି। ଗତ ବର୍ଷ ଅଗଷ୍ଟ ମାସରେ ଏକଥା କହିଥିଲେ ଆମ ପ୍ରିୟ ପ୍ରଧାନମନ୍ତ୍ରୀ। ଡେଟା ବା ପରିସଂଖ୍ୟାନ ଦୃଷ୍ଟିରୁ ଏହାକୁ ଭୁଲ ବୋଲି କେହି କହିପାରିବେ ନାହିଁ। କାରଣ ୨୦୨୪ ମସିହାରେ ଡାଲି, ପାଟ ଓ ଦୁଗ୍ଧ ଉତ୍ପାଦନରେ ଭାରତ ସମଗ୍ର ବିଶ୍ୱରେ ପ୍ରଥମ ବୋଲି ଜଣା ଯାଇଛି, ପରିକି ଡାଲି ଜାତୀୟ ପଦାର୍ଥରେ ମଧ୍ୟ। ଏହା ଛଡା ଧାନ, ଚିନାବାଦାମ, ଆଖୁ, ଫଳ ଓ ସବଜି ଉତ୍ପାଦନରେ ଭାରତ ସମଗ୍ର ବିଶ୍ୱରେ ଦ୍ୱିତୀୟ। ବାଜରା ଉତ୍ପାଦନରେ ସମଗ୍ର ବିଶ୍ୱରେ ପ୍ରଥମ। ବିଶ୍ୱର ମୋଟ କୃଷି ଉତ୍ପାଦନରେ ଭାରତର ଭାଗ ହେଉଛି ୭.୫ ଶତାଂଶ। ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି ରପ୍ତାନୀର ପରିମାଣ ଥିଲା୫୩.୧ ବିଲିୟନ ଆମେରିକୀୟ ଡଲାର। ଚଳିତ ବର୍ଷ ଭାରତରୁ କେବଳ ଚା ରପ୍ତାନୀ ହୋଇଛି ୨୫୭ ମିଲିୟନ କିଲୋଗ୍ରାମ।

ଏଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଘୋଷଣା କରିଛନ୍ତି, ସେଥିରେ କିଛି ବ୍ୟତିକ୍ରମ ନାହିଁ। ଏହା ତାଙ୍କ ସରକାରର ସଫଳତା ବୋଲି କୁହାଯାଇପାରେ। କିନ୍ତୁ ମୂଳ ପ୍ରଶ୍ନ ହେଉଛି, ଭାରତ ଖାଦ୍ୟ ଶସ୍ୟରେ ବଳକା ଦେଶ ହେଲେ ମଧ୍ୟ କ୍ଷୁଧା ସୂଚକାଙ୍କରେ ସବୁଠାରୁ ପଛରେ ରହିଛି କାହିଁକି? ଡାକ୍ତରି ବିଦ୍ୟାର ଅନେକ ଉନ୍ନତି ହୋଇଛି। ତଥାପି ନବଜାତ ଶିଶୁଙ୍କ ଯତ୍ନ ଆମେ ଠିକ ଭାବରେ ନେବାକୁ ଅକ୍ଷମ। ପ୍ରତିବର୍ଷ ୨.୧ ଶତାଂଶ ନବଜାତ ଶିଶୁଙ୍କର ମୃତ୍ୟୁ ଘଟୁଛି। ଦେଶରେ କେତେ ଶତାଂଶ ଲୋକ ଦୁଇ ଓଳି ପେଟପୁରା ଖାଇବାକୁ ପାଆନ୍ତି ନାହିଁ କାହିଁକି?

ଏଭଳି ପ୍ରଶ୍ନ ଲୋକଙ୍କ ମନରେ ଦେଖାଦେବା ସ୍ୱାଭାବିକ। କିନ୍ତୁ କେହି ପଚାରି ପାରୁ ନାହାନ୍ତି। କାରଣ, ଏଠାରେ ବୁଦ୍ଧିଜୀବିମାନଙ୍କର ଘୋର ଅଭାବ। ଜଣେ ବିଶିଷ୍ଟ ଲୋକ କହିଥିଲେ, ଆମର ଏଠାରେ ବୁଦ୍ଧଜୀବିମାନଙ୍କ ମୁହଁ ରେ କୋଲପ ପଡ଼ିଛି। କାରଣ, ସେମାନଙ୍କ ସ୍ୱପ୍ନ କିଭଳି ପଦ୍ମଶ୍ରୀ ପୁରସ୍କାର ପାଇବେ। ସରକାରଙ୍କୁ ସମାଲୋଚନା କଲେ, ସେତକ ଆଶା ମଉଳିଯିବ।

ଆମେ ତା ଭିତରକୁ ଯିବା ନାହିଁ। କ୍ଷୁଧା ସୂଚକାଙ୍କ ସମ୍ପର୍କରେ ଆଲୋଚନା କରିବା। ଏଥରକ ଯେଉଁ ଇଣ୍ଡେକ୍ସ ପ୍ରକାଶ ପାଇଛି, ଅର୍ଥାତ ୨୦୨୫ ସିହାର କ୍ଷୁଧା ସୂଚକାଙ୍କରେ ବିଶ୍ୱର ୧୨୭ ଟି ଦେଶ ମଧ୍ୟରେ ଆମର ସ୍ଥାନ ହେଉଛି୧୦୨। ସବୁଠାରୁ ଦୁର୍ଭାଗ୍ୟ ହେଉଛି, ଆମ ପଡୋଶୀ ଦେଶମାନେ ଆମ ଠାରୁ ବହୁ ଆଗରେ ରହିଛନ୍ତି। ପଡୋଶୀ ଦେଶ କହିଲେ, ବଙ୍ଗଳାଦେଶ, ନେପାଳ, ପାକିସ୍ଥାନ, ଶ୍ରୀଲଙ୍କା ଭଳି କ୍ଷୁଦ୍ର ଦେଶ। ଏଥିରୁ ପ୍ରମାଣିତ ସେଇ ସବୁଦେଶ ଆକାରରେ ଛୋଟ ହେଲେ କଣ ହେବ, ସେମାନଙ୍କ ସରକାର ଲୋକମାନଙ୍କୁ ସୁଷମ ଖାଦ୍ୟ ଯୋଗାଇ ଦେଇ ପାରୁଛନ୍ତି। ଆମକୁ ମାନିବାକୁ ହେବ, ପ୍ରଯୁକ୍ତିବିଦ୍ୟା ଲୋକଙ୍କ ଜୀବନଯାତ୍ରାର ସଂଜ୍ଞାକୁ ବଦଳାଇ ଦେଇଛିକିନ୍ତୁ କିଛି ଲୋକ ଦୁଇ ଓଳି ଖାଇବାକୁ ପାଉ ନାହାନ୍ତି।ଖାଦ୍ୟାଭାବ ଓ ପୁଷ୍ଟିହୀନତା ଯୋଗୁଁ ଦାରିଦ୍ର୍ୟତା ଭିତରକୁ ଠେଲି ହୋଇଯାଉଛନ୍ତି। ଗୋଟାଏ ଦେଶରେ ଆୟର କ୍ରମାଗତ ବୃଦ୍ଧି, ଭଲ ଜୀବନଯାପନ ପାଇଁ ସବୁ ପ୍ରକାରର ସୁବିଧା ସୁଯୋଗ ପାଉଥିଲା ବେଳେ, ଦୁର୍ବଳ ଶାସନ ବ୍ୟବସ୍ଥା, ପ୍ରାକୃତିକ ବିପର୍ଯ୍ୟୟ ଭଳି କାରଣରୁ ଲୋକମାନେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ୨୦୨୫ ମସିହାରେ ଆମେ ପ୍ରଯୁକ୍ତି ବିଦ୍ୟାରେ ବହୁ ଉପରକୁ ଉଠିଛୁ। ହେଲେ ଏବେବି ଆମ ଦେଶରେ ପ୍ରତି ଦଶ ଜଣକ ମଧ୍ୟରେ ଜଣେ ଲୋକ ପେଟ ଭରି ଖାଇବାକୁ ପାଏ ନାହିଁ। ପରିସଂଖ୍ୟାନ କହେ, ବିଶ୍ୱରେ ପ୍ରାୟ ୬୭ କୋଟି ୩୦ ଲକ୍ଷ ଲୋକ କ୍ରମାଗତ ଭାବରେ ଅନାହାରରେ ଜୀବନଯାପନ କରୁଛନ୍ତି।

ନିକଟରେ ଯେଉଁ ହଙ୍ଗର ଇଣ୍ଡେକ୍ସ ପ୍ରକାଶିତ ହୋଇଛି, ସେଥିରେ ଦର୍ଶାଯାଇଛିଭୋକିଲାଲୋକଙ୍କ ଦେଶ ହେଉଛି, ଆଫ୍ରିକା ଓ ଏସିଆ ମହାଦେଶ।ଅନେକ ଦେଶକୁ ଗୁରୁତର କ୍ଷୁଧାର ଦେଶ ବାଚିନ୍ତାଜନକ କ୍ଷୁଧାର ଦେଶ ବୋଲି କୁହାଯାଉଛି। ଯେଉଁ ତାଲିକା ପ୍ରକାଶିତ ହୋଇଛି, ସେଥିରେ ରହିଛି ସୋମାଲିଆ ପ୍ରଥମ। ଏହିଦେଶରେ କ୍ଷୁଧାର ସ୍କୋର ହେଉଛି ୪୨.୬। ତା ପାଖକୁ ସାଉଥ ସୁଦାନ(୩୭.୫) କଙ୍ଗୋ(୩୭.୫) ମାଡାଗାସ୍କର(୩୫.୮), ନାଇଜେରିଆ(୩୩.୯)। ଏମାନଙ୍କ ଭିତରେ ଭାରତର ସ୍ଥାନ ହେଉଛି ୧୦୨। ସ୍କୋର ହେଉଛି୨୫.୮। କୁହାଯାଉଛି, ଆଫ୍ରିକୀୟ ଦେଶରେ ଦାରିଦ୍ର୍ୟ ବଢ଼ିବାର କାରଣ ଅନେକ ରହିଛି। ଗୃହଯୁଦ୍ଧ, ପ୍ରାକୃତିକ ବିପର୍ଯ୍ୟୟ ଓ ବାସଚ୍ୟୁତ ସମସ୍ୟାକୁ ମୁଖ୍ୟ କାରଣ ହିସାବରେ ଗ୍ରହଣ କରାଯାଉଛି।

୨୦୨୪ ମସିହାରେ ଯେଉଁ କ୍ଷୁଧା ସୂଚକାଙ୍କ ପ୍ରକାଶିତ ହୋଇଥିଲା, ସେଥିରେ ଭାରତର ସ୍ଥାନ ଥିଲା୧୦୫। ସ୍କୋର ଥିଲା୨୭.୩। ଆମ ଦେଶରେ ଏତେ ପରିମାଣର ଆଧୁନିକ କୃଷିବ୍ୟବସ୍ଥା ସତ୍ତ୍ୱେ କ୍ଷୁଧା ସୂଚକାଙ୍କରେ ଲତେ ତଳେ ରହିଛୁ।

ବିଶେଷଜ୍ଞମାନେ କହୁଛନ୍ତି, ଏହାର କାରଣ ପଛରେ ରହିଛି, ଖାଦ୍ୟର ଅସମ ବଣ୍ଟନ। ଶିଶୁ ମୃତ୍ୟୁ। ଶିଶୁମାନଙ୍କର ପୁଷ୍ଟିହୀନତା।ଅସ୍ୱାସ୍ଥ୍ୟକର ଶୌଚ ବ୍ୟବସ୍ଥା।

ଭାରତରେ ଖାଦ୍ୟ ସୁରକ୍ଷା ଆଇନ ପ୍ରଚଳନ ହେଲା ୨୦୧୩ ମସିହାରେ। ଏଥିଣେ ବ୍ୟବସ୍ଥା ଥିଲା ଗାଁ ଗହଳିର ଶତକଡା ୭୫ ଭାଗ ଲୋକ ଓ ସହରର ଶତକଡା ପଚାଶ ଭାଗ ଲୋକଙ୍କୁ ଗଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ରିହାତି ଦରରେ ଖାଦ୍ୟଶସ୍ୟ ଯୋଗାଇଦେବା। ଏବେ ଏଇ ବ୍ୟବସ୍ଥା ମାଧ୍ୟମରେ ମାଗଣାରେ ଲୋକମାନଙ୍କୁ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି। ହିତାଧିକାରୀଙ୍କ ସଂଖ୍ୟା ହେଉଛି ଅଶୀ କୋଟି। ସ୍କୁଲରେ ଚାଲିଛି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା। ଏହା ସତ୍ତ୍ୱେ ଦେଶର ୧୪, ୭ ଶତାଂଶ ଲୋକ ପୁଷ୍ଟିହୀନତାର ଶିକାର। ଶତକଡା ୨.୧ ଶତାଂଶ ଶିଶୁଙ୍କ ମୃତ୍ୟୁ ଘଟୁଛି। ୨୭.୭ ଶତାଂଶ ଶିଶୁଙ୍କ ଓଜନ କମ। ପଚାଶ ବର୍ଷରୁ ଅଧିକ ୫୩ ଶତାଂଶ ମହିଳା ରକ୍ତହୀନତାର ଶିକାର।

ଲୋକଙ୍କୁ ଅନାହାରରୁ ରକ୍ଷା କରିବା ପାଇଁ କେବଳ ଅଧିକ ଖାଦ୍ୟ ଦରକାର ନାହିଁ ସୁଷମ ଖାଦ୍ୟ ଦରକାର। ଯେଉଁ ଖାଦ୍ୟ ରହିଛି ତାର ସୁଷମ ବଣ୍ଟନ ଦରକାର। ଖାଦ୍ୟର ସଠିକ ସଂରକ୍ଷଣ ଓ ବଣ୍ଟନ ହୋଇପାରିଲେ, କିଛିଟା ଅବସ୍ଥା ସୁଧୁରିଯିବ। ଆମଦେଶରେ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଶତକଡା ଚାଳିଶ ଭାଗ ଶସ୍ୟ ନଷ୍ଟ ହେଉଛି। ଏଣୁ ଆମେ ଅଧିକ ଉତ୍ପାଦନ କଲେ ମଧ୍ୟ, ତାହାର ସଠିକ ଉପଯୋଗ କରିପାରୁ ନାହିଁ। ଏହାହିଁ ଆମର ଦୁର୍ବଳତା।

# ନ୍ୟାୟିକ ପ୍ରକ୍ରିୟାରେ ବିଳମ୍ବ ନାଗରିକ ଜୀବନ ସ୍ୱତନ୍ତ୍ରତା ଓ ଅଧିକାର କ୍ଷୁଣ୍ଣ କରୁଛି

**ସୁଧାଂଶୁ ପାତ୍ର**

୨୦୨୫ ନ୍ୟାୟ ରିପୋର୍ଟରେ ଜିଲ୍ଲାମାନଙ୍କରେ ୭୬ ପ୍ରତିଶତ କଏଦୀ ବିଳମ୍ବିତ ନ୍ୟାୟ ପ୍ରକ୍ରୀୟା ଜେଲରେ ଜୀବନ କଟାଉଛନ୍ତି ରିପୋର୍ଟ ଉପରେ କ୍ଷୁବ୍ଧ ହୋଇ ବାରମ୍ବାର ତାଗିଦ୍ ଓ ସର୍ବୋପରି ହାଇକୋର୍ଟକ ସମେତ ନିମ୍ନ ଅଦାଲତମାନଙ୍କୁ କଡ଼ା ନିର୍ଦ୍ଦେଶଜାରି କରିବା ସତ୍ତ୍ୱେ, ବର୍ଷବର୍ଷ ଧରି ବିଭିନ୍ନ ଅଦାଲତ ମାନଙ୍କରେ ଫଇସଲା ନହୋଇ ପଡ଼ି ରହିଥିବା ହଜାର ହଜାର ମକଦ୍ଦମା ଏବଂ ଅପରାଧ ନିର୍ଣ୍ଣାୟକ ତଥା କଗ୍‌ନିଜେନ୍ସ ନେବା କ୍ଷେତ୍ରରେ ଅହେତୁକ ବିଳମ୍ବ ଯୋଗୁଁ, ଜାମିନ୍ ନପାଇ ଜେଲମାନଙ୍କରେ ବିଚାରଧିନ କଏଦିଙ୍କ ଭିଡ଼କୁ ତର୍ଜମା କରି ମାନ୍ୟବର ସୁପ୍ରିମକୋର୍ଟ ଇତି ମଧ୍ୟରେ ବିରକ୍ତି ପ୍ରକଟ କରିଛନ୍ତି। ଡକାୟତ ଓ ହତ୍ୟା ଉଦ୍ୟମରେ ବିହାରର ଅମନ୍ କୁମାର ନାମକ ଜଣେ ଅଭିଯୁକ୍ତ, ତଳ କୋର୍ଟଙ୍କ କଗ୍‌ନିଜେନ୍‌ସ ନେବା କ୍ଷେତ୍ରରେ ଦେଖା ଦେଇଥିବା ଅହେତୁକ ବିଳମ୍ବ ପାଇଁ ବେଲ୍ ନପାଇ ୨/୩ ବର୍ଷ ଜେଲରେ ରହିବା ପରେ ମାନ୍ୟବର ସୁପ୍ରିମକୋର୍ଟ ବିରକ୍ତି ପ୍ରକାଶ କରି କହିଛନ୍ତି ଆରୋପ ନିର୍ଣ୍ଣୟ କ୍ଷେତ୍ରରେ ୩/୪ ବର୍ଷ ଲାଗିବା ଏକ ଦୁର୍ଭାଗ୍ୟ ଜନକ ଘଟଣା ଏବଂ ଚାର୍ଜସିଟ୍ ଦାଖଲ ହେବା ମାତ୍ରେ ଆରୋପ ନିର୍ଣ୍ଣୟ ହେବା ଜରୁରୀ ଏହା ଯଦି ନହୁଏ ତେବେ ସୁପ୍ରିମକୋର୍ଟ ବାଧ୍ୟ ହୋଇ ଆଗାମୀଦିନରେ ତଳ କୋର୍ଟଙ୍କ ପାଇଁ ସମୟ ସୀମା ଧାର୍ଯ୍ୟ କରି ନିର୍ଦ୍ଦେଶ ଜାରି କରିବେ ବୋଲି ତାଗିଦ କରିଛନ୍ତି।



ଚାର୍ଜସିଟ୍ ଦାଖଲ ହେବା ମାତ୍ରେ କୋର୍ଟ ତାଙ୍କ ତରଫରୁ ତୁରନ୍ତ ଆରୋପ ନିର୍ଣ୍ଣୟ କରିବା ଉଚିତ କାରଣ ଏହା ନ୍ୟାୟ ପାଇବାର ପ୍ରଥମ ପାହାଚ। ଭାରତୀୟ ଦଣ୍ଡ ବିଧି ସଂହିତା। ଏବଂ ଏବେକାର ନାଗରିକ ସୁରକ୍ଷା ସଂହିତାରେ ଚାର୍ଜସିଟ୍ ଫାଇଲ ହେବା ପରେପରେ ମାଜିଷ୍ଟ୍ରେଟ କୋର୍ଟ ତୁରନ୍ତ କଗ୍‌ନିଜେନ୍ସ ନେଇ ମକଦ୍ଦମା ଆଗକୁ କଢ଼ାଇବାର ପ୍ରବନ୍ଧ ରହିଛି। ମାତ୍ର ବାସ୍ତବରେ ଏହି ପ୍ରକ୍ରୀୟା ପାଇଁ ୨/୩ ବର୍ଷ ଲାଗିବା ଦ୍ୱାରା ନ୍ୟାୟ ପ୍ରକ୍ରୀୟା ଆଗକୁ ବଢ଼ି ପାରୁନାହିଁ ଏବଂ ନ୍ୟାୟ ମିଳିବାରେ ବର୍ଷବର୍ଷ ଧରି ବିଳମ୍ବ ଘଟୁଛି। ବିଚରାଧିନ କଏଦି ବର୍ଷବର୍ଷ ଧରି ଜେଲ୍‌ରେ ରହୁଛନ୍ତି।

ଏହି ପରିପ୍ରେକ୍ଷୀରେ ଏବେ ସୁପ୍ରିମକୋର୍ଟ ସମସ୍ୟାର ସମାଧାନ ପାଇଁ କଡ଼ା ପଦକ୍ଷେପ ନେବାର ସଙ୍କେତ ମଧ୍ୟ ଦେଇସାରିଛନ୍ତି। ୧୯୭୯ର ମକଦ୍ଦମା ହୁସେନ ଆରାଖାତୁନ୍ ବନାମ ବିହାର ଷ୍ଟେଟ ଓ କାଶ୍ମୀର ସିଂ ବନାମ ପଞ୍ଜାବ ଷ୍ଟେଟ ମାମଲାର ଉଦାହରଣ ସହ ସୁପ୍ରିମକୋର୍ଟ କହିସାରିଛନ୍ତି ଯେ, ଏଭଳି ସ୍ଥିତିରେ ଅଭିଯୁକ୍ତ ସ୍ୱତ ବେଲ୍ ପାଇବା ପାଇଁ ହକ୍‌ଦାର। ତେଣୁ ପରିସ୍ଥିତି ଯଦି ଯଥା ପୂର୍ବମ୍ ତଥା ପରମ୍ ରହେ ଏବଂ ଚାର୍ଜସିଟ୍ ଦାଖଲ ପରେ କଗ୍‌ନିଜେନ୍ସ ନେବାରେ ଯଦି ନିମ୍ନ ଅଦାଲତ ଅହେତୁକ ବିଳମ୍ବ କରନ୍ତି ତେବେ, କଡ଼ା ପଦକ୍ଷେପ ସ୍ୱରୂପ ସୁପ୍ରିମ୍‌କୋର୍ଟ ନିମ୍ନ କୋର୍ଟମାନଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିବେ। ଚାର୍ଜସିଟ୍ ଦାଖଲ ହେବାର ୬୦ ଦିନ ମଧ୍ୟରେ କୋର୍ଟ ତାଙ୍କ ତରଫରୁ କଗ୍‌ନିଜେନ୍ସ କେବେ ଏବଂ ମକଦ୍ଦମାକୁ ଆଗକୁ ବଢ଼େଇବେ। ତଳ କୋର୍ଟଙ୍କ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରିବା ପାଇଁ ସୁପ୍ରିମ୍‌କୋର୍ଟ ବାଧ୍ୟ ହେବେ। କାରଣ ନ୍ୟାୟଳୟର କାର୍ଯ୍ୟଶୈଳୀର ପରିବର୍ତ୍ତନ ଜରୁରୀ ହୋଇ ପଡ଼ିଛି। କଗ୍‌ନିଜେନ୍ସି ନେବାରେ ବିଳମ୍ବ ଅର୍ଥ ଆମ ଲୋକତନ୍ତ୍ରର ଅପମାନ ସଦୃଶ। ଏହା କେବଳ ଅଭିଯୁକ୍ତମାନଙ୍କ ଅଧିକାରର ପ୍ରଶ୍ନ ନୁହେଁ, ଅନ୍ୟପକ୍ଷରେ ନ୍ୟାୟ ବ୍ୟବସ୍ଥା ଉପରେ ସମାଜରେ ରହିଥିବା ଦୃଢ଼ ବିଶ୍ୱାସ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେବ। ଭାରତୀୟ ନ୍ୟାୟ ରିପୋର୍ଟ ୨୦୨୫ ଅନୁଯାୟୀ ଦେଶର ଜିଲ୍ଲାମାନଙ୍କରେ ୭୬ ପ୍ରତିଶତ ବିଚାରାଧିନ କଏଦୀ ଜେଲରେ ଅଛନ୍ତି ଓ ଜର୍ଣ୍ଣାଲରେ ପ୍ରକାଶିତ ରିପୋର୍ଟକୁ ସମୀକ୍ଷା କଲେ ଜଣାଯାଏ ବିଚାରାଧିନ କଏଦୀ ସଂଖ୍ୟା ବୃଦ୍ଧି ପାଇଁ ଅଧିକ କାନୁନ ସହାୟତରେ ଅଭାବ ଘଟୁଛି ଏବଂ ଶୁଣାଣି ପ୍ରକ୍ରୀୟା ଗତିଶୀଳ ନହୋଇ ବାଧାପ୍ରାପ୍ତ ହେଉଛି।

ବିଳମ୍ବି ରାୟ, ରାୟ ନୁହେଁ। ଇଂରାଜୀରେ ଅଛି, "ଜଷ୍ଟିସ୍ ଡିଲେଡ, ଜଷ୍ଟିସ୍ ଡନାଏଡ଼" ଏହି ପ୍ରସଙ୍ଗରେ ଦୁଇ ବର୍ଷ ତଳେ ମାନ୍ୟବର ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟର ମଧ୍ୟ ଗୁରୁତ୍ୱ ରହିଛି। ସେହିପରି ବିଳିମ୍ବିତ ନ୍ୟାୟ ମଧ୍ୟ ମୂଲ୍ୟହୀନ ବୋଲି ଧରାଯିବ। ଏହି ମନ୍ତବ୍ୟର ସତ୍ୟାସତ୍ୟ ସେହି ବର୍ଷ ଆସିଥିବା ଭାରତୀୟ ତୃତୀୟ ନ୍ୟାୟ ରିପୋର୍ଟରୁ ମିଳିପାରିବ। ଡିସେମ୍ବର ୨୦୨୦ ସୁଦ୍ଧା ଉଚ୍ଚ ନ୍ୟାୟାଳୟ ଏବଂ ଜିଲ୍ଲା ନ୍ୟାୟାଳୟ ମାନଙ୍କରେ ୪ କୋଟି ୯୦ ଲକ୍ଷ ମାମଲା ପଡ଼ି ରହିଛି। ସେଥିମଧ୍ୟରୁ ୧ କୋଟି ୯୦ ଲକ୍ଷ ମାମଲା ବର୍ଷବର୍ଷ ଧରି ଚାଲୁଛି। ୧୦ ବର୍ଷର ପୁରୁଣା ମାମଲା ୫୨ ଲକ୍ଷରୁ ଅଧିକ। ପ୍ରାୟ ୭୭ ପ୍ରତିଶତ ଲୋକଙ୍କ ମାମଲା ଏବେ ବି ବିଚାରଧିନ। ଉଚ୍ଚ ଅଦାଲତ ହାଇକୋର୍ଟଙ୍କ ପାଖରେ ମଧ୍ୟ ସମାନ ଅବସ୍ଥା। ଅଗଷ୍ଟ ୨୦୨୨ ସୁଦ୍ଧା ଉଚ୍ଚତମ ଅଦାଲତରେ ୭୧, ୫୦୦ ମକଦ୍ଦମା ପଡ଼ିରହିଛି। ସେଥିମଧ୍ୟରୁ ୧୭୦୦୦ ଫୌଜଦାରୀ ମକଦ୍ଦମା ରହିଛି। ବାକି ୭୫୦୦୦ ସିଭିଲସୁଟ୍ ରହିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି। ତେବେ ବିଳମ୍ବିତ ରାୟ, ରାୟ ନୁହେଁ କହିବାର ଯଥାର୍ଥ ଅନେକ। ବର୍ଷବର୍ଷ ଧରି ମାମଲାଗୁଡ଼ିକ ବିଚାର ନହେବା ଏବଂ ରାୟ ପ୍ରକାଶ ପାଉନଥିବାକୁ ନଜର ରଖି ସୁପ୍ରିମ୍‌କୋର୍ଟ ବିଚାରପତି ଏସ୍.ରବୀନ୍ଦ୍ର ଭଟ୍ଟ ଏବଂ ମାନ୍ୟବର ବିଚାରପତି ଅରବିନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିବା ସହ ୮ ବର୍ଷରୁ ଅଧିକ ସମୟ ଧରି ବିଚାରଧିନ ମାମଲାର ଫଇସଲାର ତ୍ୱରାନ୍ୱିତ କରିବା ଏବଂ ତଦାରଖ କରିବାପାଇଁ ଖଣ୍ଡପୀଠ ହାଇକୋର୍ଟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲାସ୍ତର ମାମଲାଗୁଡ଼ିକର ଶୁଣାଣି, ତଥା ଲିଖିତ ବିବୃତ୍ତି ଦାଖଲ କରିବା, ଆଡ଼ମିଶନ, ଡିନାଏଲ ପ୍ରକ୍ରିୟା ଯଥା ସମୟରେ ରେକର୍ଡ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରିଥିଲେ। ମାନ୍ୟବର ସୁପ୍ରିମକୋର୍ଟ ୧୯୪୮ ମସିହାରେ ଗ୍ରହଣୀୟ ମାନବ ଅଧିକାର ସର୍ବୋଭୌମିକ ଘୋଷଣା ପତ୍ରରେ ନ୍ୟାୟ ଅଧିକାରରେ ମାନବମାନଙ୍କପାଇଁ ନିଶ୍ଚିତ କରାଯାଇଛି। ତେଣୁ ନ୍ୟାୟରେ ବିଳମ୍ବ ଅନ୍ୟାୟ ବରାବର ବୋଲି ଧରାଯିବ ଏବଂ ମାତ୍ରାଧିକ ବିଳମ୍ବ ସମାଜରେ କୁ ପ୍ରଭାବ ପକାଇବ। ସହିତ ନ୍ୟାୟପାଳିକା ଓ ନ୍ୟାୟ ପ୍ରଣାଳୀ ଉପରେ ସାଧାରଣଙ୍କ ଭରସା ହ୍ରାସ ପାଇବାରେ ଲାଗିବ। ତେଣୁ ଅଦାଲତ ଓ ସରକାର ମିଳିତ ଭାବେ ବିଚାରର ସମୟସୀମା ଧାର୍ଯ୍ୟରେ ସହାୟକ ହୁଅନ୍ତୁ ଏବଂ ନ୍ୟାୟ ପ୍ରକ୍ରୀୟାକୁ ଗତିଶୀଳ କରନ୍ତୁ ନଚେତ୍ ନ୍ୟାୟକୁ ଲୋକତନ୍ତ୍ରର ଆତ୍ମା କୁହାଯାଉଥିବା ବେଳେ ବିଳମ୍ବିତ ନ୍ୟାୟ ଲୋକତନ୍ତ୍ର ପ୍ରତି କୁଠାରଘାତ ସଦୃଶ ହେବ।

**ଜୟଦେବବିହାର**
**ମୋବାଇଲ୍: ୯୦୯୦୩୨୩୨୬୦**

## ହରିୟାଣା ପରେ ଉତ୍ତରାଖଣ୍ଡ



# ସ୍କୁଲ ପାଖରୁ ବିପୁଳ ବିସ୍ଫୋରକ ଜବତ

ନୈନିତାଲ, ୨୩।୧୧: ଜବତ ହେଲା ବିପୁଳ ପରିମାଣର ବିସ୍ଫୋରକ। ଦିଲ୍ଲୀ ବିସ୍ଫୋରଣ ମାମଲାକୁ ନେଇ ଏବେବି ତଦନ୍ତ ଜାରି ରହିଥିବା ବେଳେ ପୁଣି ଥରେ ବିସ୍ଫୋରକ ଜବତ ହୋଇଛି। ଉତ୍ତରାଖଣ୍ଡର ଏକ ସ୍କୁଲ ପାଖରେ ୨୦ କେଜିର ବିସ୍ଫୋରକ ଠାବ ହୋଇଛି। ଯେଉଁଥିରେ ୧୧ଟି ଜିଲାଟିନ୍ ଷ୍ଟିକ୍ ରହିଛି। ଏକ ବୁଦା ମୂଳେ ସମସ୍ତ ଜିଲାଟିନକୁ ଲୁଚାଯାଇଥିଲା। ତେବେ ପୋଲିସ ସ୍ଥାନୀୟ ଅଞ୍ଚଳରେ ଖୋଜାଖୋଜି ଜାରି ରଖିଛି। ସ୍କୁଲର ପ୍ରଧାନଶିକ୍ଷକ ପ୍ରଥମେ ବିସ୍ଫୋରକକୁ ଦେଖିଥିଲେ। ସନ୍ଦେହ ହେବାରୁ ସେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସର ଦୁଇଟି ଟିମ୍ ପହଞ୍ଚି ଛାନଭିନ ଆରମ୍ଭ କରିଥିଲା। ଆଖପାଖ ଅଞ୍ଚଳରେ ବୋମା ନିଷ୍କ୍ରିୟକାରୀ ଟିମ୍ ମଧ୍ୟ ପହଞ୍ଚିଥିଲା। କେବଳ ଗୋଟିଏ ବୁଦା ମୂଳରେ ନୁହେଁ, ପ୍ରାୟ ଦୁଇରୁ ତିନୋଟି ଜାଗାରେ ଜିଲାଟିନକୁ ଲୁଚାଇ ରଖାଯାଇଥିଲା। ଯାହାକୁ ବମ୍ ସ୍କ୍ୱାଡ୍ ଠାବ କରିଥିଲେ। ଆହୁରି ମଧ୍ୟ ବିସ୍ଫୋରକ ଥିବା ଆଶଙ୍କାରେ ସ୍ଥାନୀୟ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।

ପୂର୍ବରୁ ହରିୟାଣାରେ ୩୦୦୦ କେଜିର ବିସ୍ଫୋରକକୁ ଜବତ କରାଯାଇଥିଲା। ଏଥିରେ ଆରଡିଏକ୍ସ ଭଳି ଶକ୍ତିଶାଳୀ ବିସ୍ଫୋରକ ଥିଲା। ଯାହା ଦିଲ୍ଲୀ ବିସ୍ଫୋରଣରେ ବ୍ୟବହାର ହୋଇଥିବା କୁହାଯାଏ। ଦେଶର ଅନେକ ସ୍ଥାନରେ ବିସ୍ଫୋରଣ ପାଇଁ ଏହାକୁ ରଖାଯାଇଥିଲା ବୋଲି ତଦନ୍ତକାରୀ ଅଧିକାରୀଙ୍କ ହାତରେ ସୁରାକ ଲାଗିଛି। ଯେଉଁଦିନ ଏତେ ପରିମାଣର ବିସ୍ଫୋରକ ମିଳିଥିଲା ସେଦିନ ରାତିରେ ହିଁ ଦିଲ୍ଲୀର ଲାଲକିଲ୍ଲା ନିକଟରେ କାର୍ ବୋମା ବିସ୍ଫୋରଣ ହୋଇଥିଲା। ଯାହା ୧୦ରୁ ଅଧିକ ନୀରିହ ଜନତାଙ୍କ ଜୀବନ ନେଇଥିଲା।

## ପୈତୃକ ଗ୍ରାମରେ ପହଞ୍ଚିଲା ତେଜସ୍ ପାଇଲଟଙ୍କ ମୃତଦେହ



ନୂଆଦିଲ୍ଲୀ, ୨୩।୧୧: ତେଜସ୍ ପାଇଲଟ୍ ୱିଙ୍ଗ କମାଣ୍ଡର ନମଂଶ ସାୟଲଙ୍କ ଅନ୍ତିମ ସଂସ୍କାର ପ୍ରସ୍ତୁତି । ଗତକାଲି ସ୍ୱତନ୍ତ୍ର ବାୟୁସେନା ବିମାନରେ ୱିଙ୍ଗ୍ କମାଣ୍ଡର ନମଂଶ ସାୟଲଙ୍କ ପାର୍ଥିବ ଶରୀରକୁ ଦୁବାଇରୁ ସୁଲୁର ଏୟାର ଫୋର୍ସ ଷ୍ଟେସନକୁ ଅଣାଯାଇଥିଲା । ଆଜି ସାମରିକ ସମ୍ମାନ ସହ ବାୟୁସେନାର ଅନ୍ୟ ଏକ ବିମାନରେ ପାର୍ଥିବ ଶରୀର ହିମାଚଳ ପ୍ରଦେଶ କାଙ୍ଗ୍ରା ଜିଲ୍ଲାର ଗାଗ୍ଗଲ ବିମାନବନ୍ଦରରେ ପହଞ୍ଚିଛି । ସେଠାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ତାଙ୍କ ପୈତୃକ ଗ୍ରାମ ପଟିୟାଲକର ଗ୍ରାମକୁ ଏକ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇଛି । ଗ୍ରାମର ଶ୍ମଶାନ ଘାଟରେ ସମ୍ପୂର୍ଣ୍ଣ ସାମରିକ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ସ୍ଥାନୀୟ ବିଧାୟକ, ପୂର୍ବତନ ସେନା ଅଧିକାରୀ ଓ ଗ୍ରାମବାସୀ ଏକତ୍ରିତ ହୋଇଛନ୍ତି ।

# ସୀମା ବଦଳି ଭାରତର ହେବ ସିନ୍ଧ୍ ପ୍ରଦେଶ !



ନୂଆଦିଲ୍ଲୀ,୨୩।୧୧: ସିନ୍ଧ୍ ପ୍ରଦେଶ ଭାରତର ଅଂଶ ନୁହେଁ, କିନ୍ତୁ ହୁଏତ ଆଗକୁ ସୀମା ବଦଳିପାରେ। ଏହି ଅଞ୍ଚଳ ଭାରତର ଅଂଶ ପାଲଟିପାରେ। ଏଭଳି କିଛି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସିନ୍ଧୁ ନଦୀ ନିକଟରେ ଥିବା ସିନ୍ଧ୍ ପ୍ରଦେଶ ୧୯୪୭ ରେ ବିଭାଜନ ପରେ ପାକିସ୍ତାନକୁ ଚାଲିଯାଇଥିଲା। ଏହି ସମୟରେ ସେଠାରେ ରହୁଥିବା ସିନ୍ଧି ଲୋକ ଭାରତରେ ରହି ଯାଇଥିଲେ।

ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ସିନ୍ଧି ହିନ୍ଦୁ ଭାବରେ ଲାଲକୃଷ୍ଣ ଆଡଭାନୀଙ୍କ ପିଢ଼ିର ଲୋକ ଆଜି ପର୍ଯ୍ୟନ୍ତ ଭାରତଠାରୁ ସିନ୍ଧ୍ ପ୍ରଦେଶକୁ ଅଲଗା କରାଯିବାକୁ ସ୍ୱୀକାର କରିପାରୁ ନାହାଁନ୍ତି। ସେ କହିଛନ୍ତି, ଆଡଭାନୀ ଜୀ ଏହି କଥାକୁ ନେଇ ନିଜର ବହିରେ ମଧ୍ୟ ଉଲ୍ଲେଖ କରିଛନ୍ତି। କେବଳ ସିନ୍ଧ୍ ନୁହେଁ, ବଂର ପୁରା ଭାରତରେ ହିନ୍ଦୁ ସିନ୍ଧୁ ନଦୀକୁ ପବିତ୍ର ମାନନ୍ତି। ସିନ୍ଧ୍ ପ୍ରଦେଶର ବହୁ ପରିମାଣରେ ମୁସଲମାନ ଭାବନ୍ତି ଯେ, ସିନ୍ଧୁ ନଦୀର ପାଣି ମକ୍କାର ଆବ-ଇ-ଜମଜମର ପାଣି ଭଳି ପବିତ୍ର। ଏହି କଥା ଆଡଭାନୀ ଜୀ ତାଙ୍କ ବହିରେ ଲେଖିଛନ୍ତି। ଆଜି ଯଦିଓ ସିନ୍ଧ୍ ପ୍ରଦେଶ ଭାରତର ଅଂଶ ନୁହେଁ, କିନ୍ତୁ ସଭ୍ୟତାତ୍ମକ ଭାବରେ ସିନ୍ଧ୍ ସବୁବେଳେ ଭାରତର ଅଂଶ ରହିବ। ଯେଉଁ ପର୍ଯ୍ୟନ୍ତ ଭୂଖଣ୍ଡର କଥା ଆସେ ତେବେ କହିହେବ ଯେ ସୀମା ବଦଳାଇ ହେବ।

ଏହା ପୂର୍ବରୁ ୨୨ ସେପ୍ଟେମ୍ବରରେ ମରକୋରେ ଭାରତୀୟ ସମୁଦାୟ ସହ କଥା ହୋଇ ସିଂହ କହିଥିଲେ ତାଙ୍କୁ ବିଶ୍ୱାସ ରହିଛି ଭାରତ ବିନା କୌଣସି ଆକ୍ରାମକ ପଦକ୍ଷେପ ନଉଠାଇ ପିଓକେ ଫେରିପାରେ। କାରଣ ପିଓକେର ଲୋକ ଦଖଲ କରିଥିବା ଲୋକଙ୍କଠାରୁ ସ୍ୱାଧିନତା ଦାବି କରୁଛନ୍ତି। ପିଓକେ ନିଜକୁ ନିଜେ ଆମର ହୋଇଯିବ। ପିଓକେରେ ଦାବି ଆରମ୍ଭ ହୋଇଯାଇଛି, ଆପଣ ନାରାବାଜି ତ ଶୁଣିଥିବେ।

## ଦିଲ୍ଲୀ ପ୍ରଦୂଷଣ : ଅଫିସ୍ ଯିବା ମନା

# ଘରେ ରହି କାମ କରିବେ କର୍ମଚାରୀ



ନୂଆଦିଲ୍ଲୀ,୨୩।୧୧ : ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉଦବେଗଜନକ ସ୍ଥିତିରେ ରହିଛି। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୦ ଅତିକ୍ରମ କରିଛି ଏବଂ ନୋଏଡାର ମଧ୍ୟ ୪୦୦ରେ ପହଞ୍ଚିଛି। ଏହି ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଘରୋଇ ପ୍ରତିଷ୍ଠାନଗୁଡ଼ିକୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବେସରକାରୀ ଅଫିସ ମାନଙ୍କରେ ୫୦ ପ୍ରତିଶତ ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ରହିଛି। ଲଗାତାର ୯ମ ଦିନ ପାଇଁ ପ୍ରଦୂଷଣ ଖରାପ ଥିବାରୁ କଟକଣା ଜାରି କରାଯାଇଛି। କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ ଅନୁଯାୟୀ, ଦିଲ୍ଲୀ ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ରହିଛି। ଦିଲ୍ଲୀରେ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିବାକୁ ଆହ୍ୱାନ ଆରମ୍ଭ ହୋଇଛି, କାରଣ ଦିଲ୍ଲୀର ବିଷାକ୍ତ ବାୟୁ ଶ୍ୱାସକ୍ରିୟା ସମସ୍ୟା ଏବଂ ହୃଦରୋଗ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିପଦକୁ ବୃଦ୍ଧି କରିପାରେ। ଏହି ବାୟୁ ବିଶେଷ କରି ପିଲା, ବୃଦ୍ଧ ଏବଂ ଶ୍ୱାସରୋଗ ରୋଗୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ। ପ୍ରକାଶଥାଉ କି, ପ୍ରବଳ ବାୟୁ ପ୍ରଦୂଷଣ ଯୋଗୁଁ ପୂର୍ବରୁ ଦିଲ୍ଲୀର ବିଭିନ୍ନ ସ୍କୁଲ କ୍ରୀଡ଼ା ଆୟୋଜନ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଥିଲେ।

## ନେତୃତ୍ୱ ପରିବର୍ତ୍ତନରେ ବିରାମ

# ବଦଳିବନି କର୍ଣ୍ଣାଟକ କ୍ୟାବିନେଟ

ବେଙ୍ଗାଲୁରୁ, ୨୩।୧୧: କର୍ଣ୍ଣାଟକରେ କ୍ଷମତା କନ୍ଦଳ ମଧ୍ୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରରେ ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ସାକ୍ଷାତ କରିଛନ୍ତି। କ୍ଷମତା ବଣ୍ଟନ ଓ ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ପୂର୍ବ ନିର୍ଦ୍ଧାରିତ ଫର୍ମୁଲା ଅନୁଯାୟୀ, ଅଢ଼େଇ ବର୍ଷ ପରେ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା କଥା ଓ ଉପମୁଖ୍ୟମନ୍ତ୍ରୀ ଡି.କ ଶିବକୁମାର ନୂଆ ମୁଖ୍ୟମନ୍ତ୍ରୀ ହେବା କଥା। କିନ୍ତୁ ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ରାଜି ନଥିବାରୁ ଡେ.କେ ଶିବକୁମାରଙ୍କ କିଛି ସମର୍ଥକ ଦିଲ୍ଲୀରେ ପହଞ୍ଚି ଲବି କରୁଛନ୍ତି। ସେପଟେ ଶିବକୁମାର କହିଛନ୍ତି, ସେ ଦଳରେ ବିଭାଜନ ଚାହାନ୍ତି ନାହିଁ। ଗୋଷ୍ଠୀ ଗଠନ ତାଙ୍କ ରକ୍ତରେ ନାହିଁ।



ଦଳର ରାଜ୍ୟ ସଭାପତି ଭାବେ ସମସ୍ତ ୧୪୦ ଜଣ ବିଧାୟକ ତାଙ୍କର। କ୍ୟାବିନେଟ୍ ପୁନର୍ଗଠନ ନେଇ କସରତ ଚାଲିଛି। କିଛି ବିଧାୟକ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଦିଲ୍ଲୀରେ ଚେଷ୍ଟା କରୁଛନ୍ତି । ଏଥିରେ ତାଙ୍କର କିଛି କରିବାର ନାହିଁ ବୋଲି ଶିବକୁମାର କହିଛନ୍ତି । ସିଦ୍ଧରମୈୟା ୫ ବର୍ଷ ମୁଖ୍ୟମନ୍ତ୍ରୀ ରହିବେ ବୋଲି କହିଥିବାରୁ ଡି.କେ ଶିବକୁମାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିନ୍ତୁ ଶିବକୁମାର ଯାହା କହିଲେ ବି ସ୍ଥିତିରୁ ସ୍ପଷ୍ଟ ହେଉଛି ଯେ, କର୍ଣ୍ଣାଟକରେ କ୍ଷମତା କନ୍ଦଳରେ ପୂରା ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ।

# ଭାରତ ତିଆରି କଲା ୧ହଜାର କିଲୋ ଓଜନର ବୋମା

ନୂଆଦିଲ୍ଲୀ,୨୩।୧୧: ଭାରତ ନିରନ୍ତର ଭାବରେ ଏହାର ସାମରିକ ପ୍ରଯୁକ୍ତିବିଦ୍ୟାକୁ ଆଧୁନିକୀକରଣ ଏବଂ ଆତ୍ମନିର୍ଭରଶୀଳ କରିବା ଦିଗରେ ଆଗକୁ ବଢ଼ୁଛି। ଏବେ ଡିଆରଡିଓ ଆଉ ଏକ

## ପାକିସ୍ତାନର ଉଡିଯିବ ହୋସ





ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଭାରତୀୟ ବାୟୁସେନାର ସୁ-୩୦ ଏମକେଆଇ ଲଢ଼ୁଆ ବିମାନରୁ ଦୂରଗାମୀ ଗ୍ଲାଇଡ୍ ବମ୍ ସଫଳତାର ସହ ପରୀକ୍ଷଣ କରାଯାଇଛି। 'ଗୌରବ' ନାମକ ଏହି ସ୍ୱଦେଶୀ ଅସ୍ତ୍ର ଦୂରରୁ ସଠିକତାର ସହିତ ଲକ୍ଷ୍ୟକୁ ଧ୍ୱଂସ କରିବାକୁ ସକ୍ଷମ। 'ଗୌରବ' ଏକ ଅସ୍ତ୍ର ଯାହା ବହୁତ ଦୂରତାରୁ ଗ୍ଲାଇଡ୍ ହୁଏ ଏବଂ ଲକ୍ଷ୍ୟକୁ ସଠିକ୍ ଭାବରେ ଆକ୍ରମଣ କରେ। ଏହାର ଦୀର୍ଘ ଦୂରତା ଶତ୍ରୁର ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଚ୍ୟାଲେଞ୍ଜ କରିଥାଏ। ଏହାର ପରାକ୍ରମ ବଙ୍କର ବିରୁଦ୍ଧରେ ଅତ୍ୟନ୍ତ ପ୍ରଭାବଶାଳୀ କରିଥାଏ।

ଡିଆରଡିଓ ଏହି ଅସ୍ତ୍ରକୁ ଦୁଇଟି ପ୍ରକାରରେ ବିକଶିତ କରିଛି। ପ୍ରଥମ ଭର୍ସନ ଗୌରବ-ପିସିବି, ବଙ୍କର ଭେଦ କରିବା ପାଇଁ ଡିଜାଇନ୍ କରାଯାଇଛି। ଦ୍ୱିତୀୟ ପ୍ରକାର, ଗୌରବ-ପିଏଫ୍, ରଣନୈତିକ ଲକ୍ଷ୍ୟସ୍ଥଳରେ ବହୁ କ୍ଷତି ପହଞ୍ଚାଇବା ପାଇଁ ବ୍ୟବହାର କରାଯିବ। ଏହାର ଓଜନ ୧ ହଜାର କିଲୋଗ୍ରାମ ରହିଛି।

ବାସ୍ତବରେ ଲଢ଼ୁଆ ଜେଟ୍ ଇଞ୍ଜିନ ପାଇଁ ବିଦେଶୀ କମ୍ପାନୀ ଉପରେ ନିର୍ଭରଶୀଳତା ଦୀର୍ଘଦିନ ଧରି ଭାରତ ପାଇଁ ଏକ ପ୍ରମୁଖ ଚ୍ୟାଲେଞ୍ଜ ହୋଇଛି। ଏହି କାରଣରୁ ତେଜସ୍ ଏମକେ୨ ଏବଂ ଏଏମ୍‌ସିଏ ଭଳି ସ୍ୱଦେଶୀ ଲଢ଼ୁଆ ବିମାନ ପାଇଁ ପ୍ରକଳ୍ପ ବିଳମ୍ବିତ ହୋଇଥିଲା। ବର୍ତ୍ତମାନ, ସରକାର ଏବଂ ଡିଆରଡିଓ ଉଭୟ ମିଳିତ ଭାବରେ ସ୍ୱଦେଶୀ ଭାବରେ ଇଞ୍ଜିନ ଏବଂ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ବୋମା, କ୍ଷେପଣାସ୍ତ୍ର, ରାଡାର, ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଦ୍ରୁତ ପ୍ରଗତି କରୁଛି, ଯାହା ଦ୍ୱାରା ଆଗାମୀ ବର୍ଷଗୁଡ଼ିକରେ ଭାରତ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇପାରିବ।

## ଖାଇକୁ ଖସିପଡିଲା ଗାଡ଼ି, ୩ ମୃତ



ଉତ୍ତରାଖଣ୍ଡ, ୨୩।୧୧: ଉତ୍ତରାଖଣ୍ଡ ନୈନିତାଲରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଗାଡ଼ିଟି ୬୦ମିଟର ଖାଇକୁ ଖସିପଡିଥିବାରୁ ଏପରି ଦୁର୍ଘଟଣା ଘଟିଛି। ଆହତଙ୍କ ଚିକିତ୍ସା ପାଇଁ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣାର ସୂଚନା ପାଇବା ମାତ୍ରେ ଏସ୍‌ଡିଆର୍‌ଏଫ୍ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ସୂଚନାନୁଯାୟୀ, ଗାଡ଼ିରେ ୪ ଜଣ ଥିଲେ। ସମସ୍ତେ ଏକ ବାହାଘର ପାର୍ଟିକୁ ଯାଉଥିଲେ । ଠିକ୍ ସେହି ସମୟରେ ନିୟନ୍ତ୍ରଣ ହରାଇ ଗାଡ଼ିଟି ଖାଇ ଭିତରକୁ ଖସିପଡିଥିଲା। ଆଲମୋରା-ହଲଦୀୱାନୀ ରାଜପଥର ଖୈରାନ ନିକଟରେ ଥିବା ରତିଘାଟରେ ଏହି ଦୁର୍ଘଟଣା ଘଟିଥିଲା।

# ପୁଣି ନିର୍ମାଣ କରିବୁ ବାବ୍ରି ମସଜିଦ: ଟିଏମସି

କୋଲକାତା,୨୩।୧୧: ତୃଣମୂଳ କଂଗ୍ରେସ ବିଧାୟକ ହୁମାୟୁନ୍ କବୀରଙ୍କ ଏକ ବୟାନ ବିବାଦ ସୃଷ୍ଟି କରିଛି। ସେ କହିଛନ୍ତି ଯେ, ଡିସେମ୍ବର ୬ ତାରିଖରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ବାବ୍ରି ମସଜିଦର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ସେ କହିଛନ୍ତି ଯେ, ଏହି ସମାରୋହ ବେଲଡାଙ୍ଗାରେ ଅନୁଷ୍ଠିତ ହେବ ଏବଂ ଅନେକ ମୁସଲିମ ନେତା ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମସି ଧାର୍ମିକ ପରିଚୟକୁ ଅସ୍ତ୍ର ଭାବରେ ବ୍ୟବହାର କରୁଥିବା ବିଜେପି ଅଭିଯୋଗ କରିଛି।



ବିଜେପି ମୁଖପାତ୍ର ଗୌରବ ଭାଟିଆ କବୀରଙ୍କ ଦାବିକୁ ଅପରାଧିକ ରାଜନୀତି ବୋଲି ବର୍ଣ୍ଣନା କରିଛନ୍ତି ଏବଂ ଯୁକ୍ତି ଦେଇଛନ୍ତି ଯେ, ଏହି ଘୋଷଣା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଇଚ୍ଛା ଅନୁଯାୟୀ କରାଯାଉଛି। ଭାଟିଆ କହିଛନ୍ତି, ଅପରାଧୀ ରାଜନୀତିର ଅର୍ଥ ହେଉଛି ଯେ, ଯେତେବେଳେ ପ୍ରତ୍ୟେକ ଭାରତୀୟ, ପ୍ରତ୍ୟେକ ହିନ୍ଦୁ, ଅଯୋଧ୍ୟାରେ ଏକ ଭବ୍ୟ ରାମ ମନ୍ଦିର ନିର୍ମାଣ ଉତ୍ସବ ପାଳନ କରୁଛନ୍ତି, ସେତେବେଳେ ମମତା ବାନାର୍ଜୀଙ୍କ ଇଚ୍ଛା ଅନୁଯାୟୀ ଡିସେମ୍ବର ୬ ତାରିଖରେ ପଶ୍ଚିମବଙ୍ଗରେ ବାବ୍ରି ମସଜିଦର ନିର୍ମାଣ ହେବ। ଏହା ସ୍ପଷ୍ଟ ଭାବରେ ମମତା ବାନାର୍ଜୀଙ୍କ ହିନ୍ଦୁମାନଙ୍କ ପ୍ରତି ଘୃଣା ଏବଂ ଅବୈଧ ପ୍ରବାସୀମାନଙ୍କ ପ୍ରତି ଭଲ ପାଇବାକୁ ପ୍ରତିଫଳିତ କରେ। ମମତା ବାନାର୍ଜୀଙ୍କ ଚିନ୍ତାଧାରା ଏବଂ ବିଚାରଧାରା ନିନ୍ଦନୀୟ ଏବଂ ଚିନ୍ତାଜନକ। ମମତା ବାନାର୍ଜୀ ହେଉଛନ୍ତି ସାମ୍ପ୍ରଦାୟିକ ରାଜନୀତି ଏବଂ ତୁଷ୍ଟୀକରଣ ରାଜନୀତିର ପ୍ରତୀକ। ସେ ଜାଣନ୍ତି ଯେ, ସେ ଆଗାମୀ ବିଧାନସଭା ନିର୍ବାଚନରେ ହାରିଯିବେ। ମମତା ବାନାର୍ଜୀ ଭୟଭୀତ, କାରଣ ସେ ଭଲଭାବରେ ଜାଣନ୍ତି ଯେ, ସେ ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନରେ ହାରିଯିବେ।

## ବହୁ ପୂର୍ବରୁ ହୋଇଥିଲା ଲାଲକିଲ୍ଲା ବିସ୍ଫୋରଣ ପ୍ଲାନ୍



ନୂଆଦିଲ୍ଲୀ, ୨୩।୧୧: ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ପୂର୍ବରୁ ଗିରଫ ହୋଇଥିବା ଅଲଫଲହା ୟୁନିଭର୍ସିଟିର ଡାକ୍ତର ମୁଜମ୍ମିଲ୍ ଶକିଲର ଜେରା ରିପୋର୍ଟ ସାମ୍ନାକୁ ଆସିଲା । ବିସ୍ଫୋରଣକୁ ନେଇ ଗୋଟି ଗୋଟି ସତ କହିଛି ଅଭିଯୁକ୍ତ। ସେ କାଶ୍ମୀରର ପୁଲଓ୍ୱାମା ଅଞ୍ଚଳର ବାସିନ୍ଦା । ଗିରଫ ପରେ ନଭେମ୍ବର ୧୦ ତାରିଖରେ ଶ୍ରୀନଗରର ପନ୍ଥଚୌକ ଥାନାରେ ପଚରାଉଚରା କରାଯାଇଥିଲା । ଜେରା ବେଳେ ଭାରତ ବିରୋଧୀ ବିଷ ଓଗାଳିଥିଲା ଡାକ୍ତର ମୁଜମ୍ମିଲ୍ ଶକିଲ୍। ଫରିଦାବାଦର ଅଲଫଲାହ ହସ୍ପିଟାଲ୍‌ରେ ସେ ଚିଫ୍ ମେଡିକାଲ୍ ଅଫିସର୍ ଭାବେ କାମ କରୁଥିଲେ । ବାର୍ଷିକ ୯ ଲକ୍ଷରୁ ଅଧିକ ଟଙ୍କା ଉପାର୍ଜନ କରୁଥିଲେ। ୨୦୨୧ରେ ତାଙ୍କ ବନ୍ଧୁ ମୁଫ୍ତି ଇରଫାନ୍ ୱାଗେ ତାଙ୍କୁ ଆତଙ୍କୀ ଗତିବିଧି ଦିଗରେ ଉସୁକାଇଥିଲା । ଅନ୍ୟ ଜଣେ ମିତ୍ର ମୁଜାମିଲ୍ ତନ୍ତ୍ରେ ମଧ୍ୟ ଆତଙ୍କୀ କାର୍ଯ୍ୟକଳାପରେ ସାମିଲ୍ ହେବାକୁ କହିଥିଲା । ବିସ୍ଫୋରଣ ପାଇଁ ୨୦୨୩-୨୪ ମଧ୍ୟରେ ଆଇଇଡି ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା କରୁଥିଲା ଅଭିଯୁକ୍ତ ଫେରାର ଡାକ୍ତର ଉମର ନବୀ । ଏଥିପାଇଁ ଟଙ୍କା ଯୋଗାଡ଼ରେ ଅନେକ ଲୋକ ଲାଗିଥିଲେ । ଯାଞ୍ଚ ଏଜେନ୍ସିର ତଦନ୍ତ ରିପୋର୍ଟରୁ ପ୍ରକାଶ ପାଇଛି ଯେ ଆତଙ୍କୀ କାର୍ଯ୍ୟ ପାଇଁ ୨୬ ଲକ୍ଷ ଟଙ୍କା ଆଦାୟ ହୋଇଥିଲା । ଅଭିଯୁକ୍ତ ଡାକ୍ତର ଶକିଲ ୫ଲକ୍ଷ ଟଙ୍କା ଚାନ୍ଦା ବାବଦକୁ ଦେଇଥିଲା। ସେହିପରି ଡାକ୍ତର ଉମର ୨ ଲକ୍ଷ ଟଙ୍କା, ଡାକ୍ତର ମୁଜଫର୍ ରଦର ୬ ଲକ୍ଷ ଟଙ୍କା, ଡାକ୍ତର ଶାହିନ୍ ଶାହିଦ ୫ ଲକ୍ଷ ଟଙ୍କା ଦାନ କରିତିଲେ । ଆତଙ୍କୀ କାର୍ଯ୍ୟପାଇଁ ମୋଟ୍ ୨୬ ଲକ୍ଷ ଟଙ୍କା ଆଦାୟ ହୋଇଥିଲା । ମୁଜମ୍ମିଲ୍ ସ୍ୱୀକାର କରିଛି ଯେ ସେ ଗୁରୁଗାଓଁ ଓ ନୁହଁରୁ ୨୬ କ୍ୱିଣ୍ଟାଲ୍ ଆମୋନିୟମ୍ ନାଇଟ୍ରେଡ୍ ସାର କିଣିଥିଲେ । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ । ଏହି ସବୁ ଆଇଇଡି ତିଆରି ପାଇଁ ରଖାଯାଇଥିଲା। ମୁଜମ୍ମିଲ୍ ଓ ଉମରଙ୍କ ମଧ୍ୟରେ ଟଙ୍କାକୁ ନେଇ ବିବାଦ ହୋଇଥିଲା । ମୁଜମ୍ମିଲ୍ ଚାହୁଁଥିଲେ ଯେ ଟଙ୍କା ତାଙ୍କୁ ଫେରସ୍ତ ଦିଆଯାଉ କିମ୍ବା ଆଇଇଡି ସାମଗ୍ରୀ ସମ୍ପୂର୍ଣ୍ଣ ତାଙ୍କ ପାଖରେ ରହୁ। ଗ୍ରୁପ୍ ଦ୍ୱାରା ଦ୍ୱିତୀୟ ବିକଳ୍ପ ଚୟନ ହେଲା ଓ ସମସ୍ତ ସାମଗ୍ରୀ ମୁଜମ୍ମିଲ୍‌ଙ୍କୁ ଦିଆଯାଇଲା।

# ମା' କ୍ଷୀରରେ ଝରୁଛି 'ୟୁରାନିୟମ'



ପାଟନା। ୨୩।୧୧: ବିହାରରୁ ଆସୁଥିବା ଏକ ବୈଜ୍ଞାନିକ ରିପୋର୍ଟ ସାରା ଦେଶକୁ ଚକିତ କରିଛି। ଗବେଷଣାରେ ଦାବି କରାଯାଇଛି ଯେ ରାଜ୍ୟର ୬ ଜିଲ୍ଲାରେ ସ୍ତନ୍ୟପାନ କରାଉଥିବା ୪୦ ମହିଳାଙ୍କ ବ୍ରେଷ୍ଟ ମିଲ୍କ ସାମ୍ପଲରୁ ୟୁରାନିୟମ ମିଳିଛି। ପ୍ରଥମ ନଜରରେ ଏହା ବହୁତ ଡରାଇବା ଭଳି ଲାଗୁଛି ଓ ନବଜାତକଙ୍କ ସ୍ୱାସ୍ଥ୍ୟକୁ ନେଇ ଲୋକେ ଚିନ୍ତିତ ହେବା ସ୍ୱାଭାବିକ। ହେଲେ ଏଥି ମଧ୍ୟରେ ନ୍ୟାସନାଲ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି ଅର୍ଥାତ ଏନଡିଏମଏ ବୈଜ୍ଞାନିକ ଓ ନ୍ୟୁକ୍ଲିୟର ଏକ୍ସପର୍ଟ ଡା. ଦିନେଶ କେ. ଅସ୍ୱାଲ ଆଶ୍ୱସ୍ତିକର ବୟାନ ଦେଇଛନ୍ତି। ଡା.ଅସ୍ୱାଲ କହିଛନ୍ତି ଯେ ଏହି ରିପୋର୍ଟରେ ମିଳିଥିବା ୟୁରାନିୟମ ସ୍ତର ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚଓ)ଙ୍କ ସୀମାରୁ ଅନେକ ଗୁଣା କମ୍। ଏଣୁ ବେତିବ୍ୟସ୍ତ ହେବାର କୌଣସି କାରଣ ନାହିଁ ଓ ସ୍ତନ୍ୟପାନ ସୁରକ୍ଷିତ। ତେବେ ଆସନ୍ତୁ ଜାଣିବା ପୁରା ମାମଲା କ'ଣ ?

'ନେଚର ଜର୍ଣ୍ଣାଲ'ରେ ପ୍ରକାଶିତ ଗବେଷଣାରେ ପାଟନାର ମହାବୀର କ୍ୟାନସର ଇନିଷ୍ଟେଚ୍ୟୁଟ୍, ଏମସ୍ ଦିଲ୍ଲୀ ଓ ଅନ୍ୟ ସଂସ୍ଥାଙ୍କ ବୈଜ୍ଞାନିକମାନେ ୨୦୨୧ରୁ ୨୦୨୪ ମଧ୍ୟରେ ବିହାରର ଭୋଜପୁର, ସମସ୍ତିପୁର, ବେଗୁସରାୟ, ଖଗଡିୟା, କଟିହାର ଓ ନାଳନ୍ଦା ଜିଲ୍ଲାରେ ସ୍ତନ୍ୟପାନ କରାଉଥିବା ୪୦ ମହିଳାଙ୍କ ବ୍ରେଷ୍ଟ ମିଲ୍କ ସାମ୍ପଲ ନେଇଥିଲେ। ଗବେଷଣାରୁ ଜଣାପଡିଥିଲା ଯେ ସବୁ ମହିଳାଙ୍କ ଦୁଗ୍ଧରେ ୟୁରାନିୟମ-୨୪୮ ରହିଛି, ଯାହାର ମାତ୍ରା ୦ରୁ ୫.୨୫ ଜି/ଏଲ୍ ମଧ୍ୟରେ ରହୁଛି। ଏଣୁ ରିପୋର୍ଟରେ ଚେତାବନୀ ଦିଆଯାଇଥିଲା ଯେ ୭୦%ନବଜାତକଙ୍କ ଠାରେ ସମ୍ଭାବିତ 'ନନ୍-କାର୍ସିନୋଜେନିକ' ରିସ୍କ ଥାଇପାରେ । ତେବେ ଏହି ବିପଦକୁ ଏବେ କେବଳ ସୈଦ୍ଧାନ୍ତିକ ବୋଲି କୁହାଯାଇଛି।

ଅଧ୍ୟୟନରେ କୁହାଯାଇଛି ଯେ ବିହାର ସମେତ ଦେଶର ୧୮ ରାଜ୍ୟ ଓ ୧୫୧ ଜିଲ୍ଲାର ଭୂତଳ ଜଳରେ ୟୁରାନିୟମ ସମସ୍ୟା ବଢୁଛି। ଗବେଷକ ଏହା ମଧ୍ୟ କହିଛନ୍ତି ଯେ ନବଜାତ ଶିଶୁ ମା ତୁଳନାରେ ଅଧିକ ସମ୍ବେଦନଶୀଳ, କାରଣ ସେମାନଙ୍କ ଶରୀରରେ ରିୟଲ ଟାଇମ ୟୁରାନିୟମ ଏଲିମିନେସନ କ୍ଷମତା କମ୍। ରିପୋର୍ଟରେ ଏହା ବି ପରାମର୍ଷ ଦିଆଯାଇଛି ଯେ ପ୍ରାଭାବିତ ଜିଲ୍ଲାମାନଙ୍କରେ ବ୍ୟାପକ ସ୍ତରରେ ବାୟୋ-ମନିଟରିଂ ଜରୁରି।

## ଭୋଟରଙ୍କୁ ଅଜିତ ପାୱାରଙ୍କ ଧମକ

# ଭୋଟ ନଦେଲେ ଟଙ୍କା ଦେବିନି



ପୁଣେ,୨୩।୧୧: ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ପୁଣେର ମାଲେଗାଓଁରେ ଭୋଟରମାନଙ୍କୁ କହିଛନ୍ତି ଯେ, ଯଦି ସେମାନେ ତାଙ୍କ ଦଳର ପ୍ରାର୍ଥୀଙ୍କୁ ନିର୍ବାଚିତ କରିବ, ତେବେ ସହର ପାଇଁ ପାଣ୍ଠିର କୌଣସି ଅଭାବ ରହିବ ନାହିଁ। ପାୱାର ଏହା ମଧ୍ୟ କହିଥିଲେ ଯେ, ଯଦି ଭୋଟରମାନେ ତାଙ୍କ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରନ୍ତି, ତେବେ ପାଣ୍ଠି ମିଳିବ ନାହିଁ। ସେ ଧମକ ଭରା ମନ୍ତବ୍ୟ ଦେଇ କହିଛନ୍ତି, ଆପଣଙ୍କ ପାଖରେ ଭୋଟ ଅଛି ତ ମୋ ପାଖରେ ବିକାଶ କାର୍ଯ୍ୟ ପାଇଁ ଟଙ୍କା ଅଛି। ବିଜେପି-ଏନସିପି-ଶିବସେନା ମେଣ୍ଟ ସରକାରରେ ଅର୍ଥ ବିଭାଗ ସମ୍ଭାଳିଥିବା ଏନସିପି ଅଧ୍ୟକ୍ଷ ଅଜିତ ପାୱାର ବାରାମତୀ ତହସିଲରେ ମାଲେଗାଓଁ ନଗର ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର କରିବା ସମୟରେ ଏହା କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ଭୋଟରମାନଙ୍କୁ କହିଛନ୍ତି, ଯଦି ତୁମେ ସମସ୍ତ ୧୮ ଜଣ ଏନସିପି ପ୍ରାର୍ଥୀଙ୍କୁ ନିର୍ବାଚିତ କରିବ, ତେବେ ମୁଁ ନିଶ୍ଚିତ କରିବି ଯେ, ପାଣ୍ଠିର କୌଣସି ଅଭାବ ରହିବ ନାହିଁ। ଯଦି ତୁମେ ସମସ୍ତ ୧୮ ଜଣ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବ, ତେବେ ମୁଁ ମୋର ପ୍ରତିଶ୍ରୁତି ପୂରଣ କରିବାକୁ ପ୍ରତିବଦ୍ଧ ରହିବ। କିନ୍ତୁ ଯଦି ତୁମେ ଏଭଳି ନକର, ତେବେ ମୁଁ ମଧ୍ୟ ତୁମ ପାଇଁ କୌଣସି କାମ କରିବିନି। ଏହି ମନ୍ତବ୍ୟକୁ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଛନ୍ତି। ଶିବସେନା ନେତା ଅମ୍ବାଦାସ ଦାନଭେ ଅଜିତ ପାୱାରଙ୍କୁ ଭୋଟରମାନଙ୍କୁ ଭୟଭୀତ କରାଉଥିବାର ଅଭିଯୋଗ ଆଣିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ, ଏହି ଟଙ୍କା କ'ଣ ଅଜିତ ପାୱାରଙ୍କ ପରିବାରର କି ? ଏହି ଟଙ୍କା ସାଧାରଣ ଲୋକଙ୍କ ଦ୍ୱାରା ଦିଆଯାଇଥିବା ଟିକସରୁ ସହରକୁ ବିକାଶ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଇଥାଏ। ଯଦି ଅଜିତ ପାୱାରଙ୍କ ଭଳି ନେତା ଭୋଟରଙ୍କୁ ଧମକ ଦେଉଛନ୍ତି, ତେବେ ନିର୍ବାଚନ କମିସନ କ'ଣ କରୁଛନ୍ତି? ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ଡିସେମ୍ବର ୨ ତାରିଖରେ ପୌର ପରିଷଦ ନିର୍ବାଚନ ହେବାକୁ ଯାଉଛି। ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନସିପି ଏବଂ ବିଜେପି ସମର୍ଥିତ ପ୍ୟାନେଲ ମାଲେଗାଓଁରେ ଏକ ମେଣ୍ଟ ଗଠନ କରିଛନ୍ତି।

## ଟ୍ରମ୍ପଙ୍କ ବିରୋଧରେ ଆସିବ ମହାଭିଯୋଗ

# ରାସ୍ତାକୁ ଓହ୍ଲାଇଲେ ହଜାର ହଜାର ଲୋକ

ୱାଶିଂଟନ, ୨୩।୧୧: ଅଶାନ୍ତ ହେଲାଣି ଆମେରିକା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ହଜାର ହଜାର ଜନତା। ଯାହାକୁ ନେଇ ଅଡୁଆରେ ପଡିଛନ୍ତି ଟ୍ରମ୍ପ ସରକାର। ଏପରିକି ତାଙ୍କ ବିରୋଧରେ ମହାଭିଯୋଗ ଆଣିବାକୁ ମଧ୍ୟ ସେମାନେ ଦାବି କରିଛନ୍ତି। ରିପୋର୍ଟ ଅନୁସାରେ, ୱାଶିଂଟନରେ ଶନିବାର ହଜାର ହଜାର ପ୍ରଦର୍ଶନକାରୀ ରାସ୍ତାକୁ ଓହ୍ଲାଇଥିଲେ। ସରକାର ହଟାଓ ନାରାରେ ସେମାନେ ବିରୋଧ ପ୍ରଦର୍ଶନ କରିଥିଲେ। ରିମୁଭାଲ କୋଆଲିସନ ଦ୍ୱାରା ଏହି ଆନ୍ଦୋଳନ ଆରମ୍ଭ କରିଛି। କେବଳ ସାଧାରଣ ଜନତା ନୁହେଁ ଏଥିରେ ଟେକ୍ସାସ ସାଂସଦ ଅଲ୍ ଗ୍ରୀନ, ପୂର୍ବତନ ପୋଲିସ ଅଧିକାରୀ ମାଇକେଲ ଫ୍ୟାନନଙ୍କ ଭଳି ବ୍ୟକ୍ତିବିଶେଷ ସାମିଲ ଥିଲେ। ଏହାଛଡ଼ା ଅନେକ ଗାୟକ ଏଥିରେ ଯୋଗ ଦେଇଥିଲେ।





ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିବା ପୋଲିସ ଅଧିକାରୀ ମାଇକେଲ କହିଛନ୍ତି ଯେ, ଆମେରିକାର ଜନତାଙ୍କୁ ଅଣଦେଖା କରାଯାଉଛି। ତେଣୁ ସେମାନେ ପ୍ରଶାସନକୁ ହଟାଇବାକୁ ଚାହୁଁଛନ୍ତି। ଅନ୍ୟ ଦିଗରେ ଅଲ୍ ଗ୍ରୀନ୍ କହିଛନ୍ତି ଯେ, ଖ୍ରୀଷ୍ଟମାସ ପୂର୍ବରୁ ଟ୍ରମ୍ପଙ୍କ ବିରୋଧରେ ମହାଭିଯାଗ ଆସିବ। ଏବେ ଆମେରିକାର ସ୍ଥିତି ଭଲ ନାହିଁ। ଦିନକୁ ଦିନ ସ୍ଥିତି ବିଗୁଡୁଛି। ତେଣୁ ଟ୍ରମ୍ପଙ୍କୁ ହଟାଇବାକୁ ହେବ। ଟ୍ରମ୍ପ ସରକାର ବିରୋଧରେ ବଢୁଥିବା ଅସନ୍ତୋଷର ଏହା ଆଉ ଏକ ଉଦାହରଣ ବୋଲି କୁହାଯାଉଛି। ଯେଉଁଥିରେ ପ୍ରଦର୍ଶନକାରୀ ସିଧାସଳଖ ସରକାର ହଟାଇବାକୁ ଚାହୁଁଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କୁ ହଟାଇବା ସହଜ ନୁହେଁ। ଏଥିପାଇଁ ତିନୋଟି ପର୍ଯ୍ୟାୟ ରହିଛି। ପ୍ରଥମେ କଂଗ୍ରେସରେ ରାଷ୍ଟ୍ରପତିଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ହେବ। ଏହାପରେ ଦୋଷୀ ପ୍ରମାଣିତ ହେଲେ ଭୋଟିଂ ହେବ। ତାପରେ ତୁରନ୍ତ ରାଷ୍ଟ୍ରପତିଙ୍କୁ ପଦରୁ ହଟାଯାଇଥାଏ।



ସମ୍ବଲପୁରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ସମ୍ବର୍ଦ୍ଧନା।

● ଦ୍ୱିତୀୟ ଦିନରେ ଚମକିଲେ ମୁଥୁସାମି ଓ ଜନସେନ

# ଦକ୍ଷିଣ ଆଫ୍ରିକାର ୪୮୯ ରନ ପରେ ଭାରତ ୯/୦

**ଗୌହାଟୀ,୨୩।୧୧:** ବରସାପରା ଷ୍ଟାଡିୟମରେ ଖେଳା ଯାଉଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ମଜବୁତ ସ୍ଥିତିରେ ରହିଛି। ଦ୍ୱିତୀୟ ଦିନରେ ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୪୮୯ ରନ କରିଛି। ଏହା ପରେ ଷ୍ଟମ୍ପ ଅପସାରଣ ସୁଦ୍ଧା ଭାରତ ବିନା ୱିକେଟରେ ୯ ରନ କରିଛି। ଦଳ ଦକ୍ଷିଣ ଆଫ୍ରିକାଠୁ ୪୮୦ ରନ ପଛରେ ରହିଛି। ଯଶସ୍ୱୀ ଜୟସ୍ୱାଲ ୭ ରନ ଓ କେଏଲ ରାହୁଲ ୨ ରନ କରି ଅପରାଜିତ ଅଛନ୍ତି। ଦୁହେଁ ବେଶ ସତର୍କତାର ସହ ବ୍ୟାଟିଂ କରି କୌଣସି ୱିକେଟ୍ ହରାଇବାକୁ ଦେଇ ନାହାନ୍ତି। ଦ୍ୱିତୀୟ ଦିନରେ ଦକ୍ଷିଣ ଆଫ୍ରିକା ୨୪୩ ରନ କରିଛି। ଦ୍ୱିତୀୟ ଦିନ ଖେଳରେ ମୁଥୁସାମି ଓ ମାର୍କୋ ଜନସେନ ଚମକିଛନ୍ତି।

ପ୍ରଥମ ଦିନର ଅସମାପ୍ତ ଖେଳ ୨୪୬/୬ରୁ ବ୍ୟାଟିଂ ଆରମ୍ଭ କରିଥିଲା ଦକ୍ଷିଣ ଆଫ୍ରିକା। କ୍ରିଜରେ ଥିଲେ ମୁଥୁସାମି ଓ କାଇଲ ଭେରେନ। ଉଭୟ ଦ୍ୱିତୀୟ ଦିନର ପ୍ରଥମ ସେସନରେ ଭାରତୀୟ ବୋଲରଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ଦୁଇ ବ୍ୟାଟର ସପ୍ତମ ୱିକେଟ୍ ପାଇଁ ୮୮ ରନ ଯୋଡ଼ି ଦଳର ସ୍କୋରକୁ ୩୩୪ ରନରେ ପହଞ୍ଚାଇଥିଲେ। ଭେରେନ ୪୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଅନ୍ୟପଟେ ମୁଥୁସାମି କ୍ରିଜରେ ଜମି ଦମଦାର ଶତକ ହାସଲ କରିଥିଲେ। ସେ ଓ ମାର୍କୋ ଜନସେନ ଭାରତୀୟ ବୋଲରଙ୍କ ନ୍ୟାନ୍ତ କରିଥିଲେ। ଦୁହେଁ ଅଷ୍ଟମ ୱିକେଟ୍ ପାଇଁ ୯୭ ଯୋଡ଼ିଥିଲେ। ସେନୁରନ ମୁଥୁସାମି ୧୦ ଚୌକା ଓ ୨ ଛକା ସହ ୧୦୯ ରନର ଖେଳି ପାଭିଲିୟନ ଫେରିଥିଲେ। ଜନସେନ ଦ୍ରୁତ ବ୍ୟାଟିଂ କରି ୯୧ ବଲରୁ ୬ ଚୌକା ଓ ୭ ଛକା ସହ ୯୩ ରନର ଇନିଂସ ଖେଳିଥିଲେ। ଫଳରେ ଦକ୍ଷିଣ ଆଫ୍ରିକା ୪୮୯ ରନରେ ପହଞ୍ଚି ପାରିଛି। ଅନ୍ୟ ଦିଗରେ ଭାରତର ବୋଲିଂ ବିଭାଗ ମ୍ୟାଚରେ ସେତେଟା ପ୍ରଭାବଶାଳୀ ନଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି ଓ୍ୱିକେଟ୍ ନେଇଥିବା ବେଳେ ରବୀନ୍ଦ୍ର ଜାଡେଜା ଦୁଇଟି ୱିକେଟ୍ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଶପ୍ରୀତ ବୁମରା ଓ ମହମ୍ମଦ ସିରାଜ ଦୁଇଟି ୱିକେଟ୍ ନେଇଛନ୍ତି। ପ୍ରଥମ ମ୍ୟାଚରେ ଶୋଚନୀୟ ପରାସ୍ତ ହେବା ପରେ ଦ୍ୱିତୀୟ ଟେଷ୍ଟ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଦଳକୁ ମୁକାବିଲା ଯେମିତି ହେଲେ ଜିତିବାକୁ ପଡିବ। ମ୍ୟାଚ୍ ଡ୍ର ହେଲେ କିମ୍ବା ଦକ୍ଷିଣ ଆଫ୍ରିକା ଜିତିଲେ ଟିମ୍ ଇଣ୍ଡିଆ ସିରିଜ୍ ମଧ୍ୟ ହାତଛଡା କରିବ।



## ଛତିଶଗଡ଼ରେ ୧୮ଟି ଠିକଣାରେ ରେଡ୍

**ରାୟପୁର, ୨୩ ।୧୧:** ଛତିଶଗଡ଼ରେ ରବିବାର ସକାଳେ ଏସିବି-ଇଓଡବ୍ଲୁ ଟିମ୍‌ମାନେ ଅବକାରୀ ଏବଂ ଡିଏମଏଫ ମାମଲା ସହ ସମ୍ବନ୍ଧିତ ପ୍ରାୟ ୧୮ଟି ସ୍ଥାନରେ ରେଡ୍ କରିଛନ୍ତି। ତଦନ୍ତ ଏଜେନ୍ସିଙ୍କ ସୂତ୍ର ଅନୁସାରେ, ରାୟପୁରର ରାମା ଗ୍ରିନ୍ କଲୋନୀରେ ପୂର୍ବ ଅବକାରୀ ଆୟୁକ୍ତ ନିରଞ୍ଜନ ଦାସଙ୍କ ଠିକଣାରେ ଚଢ଼ାଉ କରାଯାଇଛି। ଘଟଣାସ୍ଥଳରେ ଅଧିକାରୀମାନେ ଦଲିଲପତ୍ରମାନଙ୍କ ଯାଞ୍ଚ କରୁଛନ୍ତି। ସେହିପରି ଆମଲିଡିହରେ ଥିବା ଲା ଭିସ୍ତା କଲୋନୀରେ ବ୍ୟବସାୟୀ ହରପାଲ ଅରୋରାଙ୍କ ଘରରେ ମଧ୍ୟ ରେଡ୍ ହୋଇଛି। ଏହାସହ ମଧ୍ୟ ବିଳାସପୁରରେ ଅଶୋକ ଟୁଟେଜାଙ୍କ ସ୍ଥାନ ଉପରେ ମଧ୍ୟ ରେଡ୍ ହୋଇଛି। ରାୟପୁରର ଜଣେ ପୁଲିସ ଅଧିକାରୀଙ୍କ ଅନୁସାରେ, ରାମା ଗ୍ରିନ୍ କଲୋନୀରେ ପୂର୍ବ ଅବକାରୀ ଆୟୁକ୍ତ ନିରଞ୍ଜନ ଦାସଙ୍କ ଠିକଣା ସହିତ ଅମ୍ବିକାପୁର, କୋଣ୍ଡାଗାଁ ଅନ୍ୟ ଜିଲ୍ଲାରେ ମଧ୍ୟ ରେଡ୍ ଚାଲିଛି।

● ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷିତ

## କେଏଲ ରାହୁଲ ହେଲେ ଅଧିନାୟକ

**ମୁମ୍ବାଇ,୨୩।୧୧:** ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ରବିବାର ଭାରତୀୟ ଦଳ ଘୋଷଣା କରାଯାଇଛି। ପୁରୁଷ ଜାତୀୟ ଚୟନକର୍ତ୍ତା ଘୋଷଣା କରିଥିବା ୧୫ ଜଣିଆ ଦଳରେ କେଏଲ ରାହୁଲଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ଶୁଭମନ ଗିଲ୍ ଆହତ ଥିବା କାରଣରୁ ବିସିସିଆଇ ରାହୁଲଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଛି। ଦିନିକିଆ ଦଳରେ ତିଳକ ବର୍ମାଙ୍କୁ ସାମିଲ୍ କରାଯାଇଛି। ଦୀର୍ଘ ଦିନ ପରେ ଜାତୀୟ ଦଳକୁ ଫେରିଛନ୍ତି ଋତୁରାଜ ଗାଏକ୍‌ୱାଡ଼।

ଆଗାମୀ ଟି-୨୦ ସିରିଜକୁ ଦୃଷ୍ଟିରେ ରଖି ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଛି। ତାରକା ଅଲରାଉଣ୍ଡର ରବୀନ୍ଦ୍ର ଜାଡ଼େଜାଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ ଘଟିଛି। ଋଷଭ ପନ୍ତ ମଧ୍ୟ ଦିନିକିଆ ଦଳକୁ ଫେରିଛନ୍ତି। ଦୁଇ ତାରକା ଖେଳାଳି ବର୍ତ୍ତମାନ ଟେଷ୍ଟ ସିରିଜ୍ ଖେଳୁଛନ୍ତି। ଏହି ଦୁଇ ଖେଳାଳି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ଦଳରେ ନ ଥିଲେ। ଆହତ କାରଣରୁ ଶ୍ରେୟସ ଆୟରଙ୍କୁ ସ୍ୱାଭାବିକ ଦଳରୁ ବାହାରେ ରଖାଯାଇଛି। ଟି-୨୦ରେ ଭଲ ପ୍ରଦର୍ଶନ କାରଣରୁ ତିଳକ ବର୍ମାଙ୍କୁ ଦିନିକିଆରେ ସୁଯୋଗ ମିଳିଛି। ତିଳକ ଭାରତ ପାଇଁ ୪ଟି ଦିନିକିଆ ଖେଳିଛନ୍ତି। ସବୁଠୁ ବଡ଼ ଚକିତ କରିଛି ଋତୁରାଜ ଗାଏକ୍‌ୱାଡ଼ଙ୍କ ଚୟନ। ତାଙ୍କ ଉପରେ ଚୟନକର୍ତ୍ତା ଭରସା ପ୍ରକଟ୍ କରିଛନ୍ତି। ଋତୁରାଜ ଭାରତ ପାଇଁ ୬ଟି ଦିନିକିଆ ଖେଳି ସାରିଛନ୍ତି।

୧୫ ଜଣିଆ ଦଳରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ବରିଷ୍ଠ କ୍ରିକେଟର ଅଛନ୍ତି। ଆହତ ଜନିତ ସମସ୍ୟା ପାଇଁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚୟନ କରାଯାଇନାହିଁ। ଦ୍ରୁତ ବୋଲର ଅଲରାଉଣ୍ଡର ଭାବେ ନୀତିଶ କୁମାର ରେଡ୍ଡୀଙ୍କୁ ଦଳରେ ଚୟନ କରାଯାଇଛି। ଉଲ୍ଲେଖନୀୟ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ନଭେମ୍ବର ୩୦ରେ ରାଞ୍ଚିରେ ଖେଳାଯିବ। ଦ୍ୱିତୀୟ ମୁକାବିଲା ଡିସେମ୍ବର ୩ରେ ରାୟପୁର ଏବଂ ଡିସେମ୍ବର ୬ରେ ବିଶାଖାପଟନମରେ ତୃତୀୟ ତଥା ଅନ୍ତିମ ଦିନିକିଆ ଖେଳାଯିବ। ପୁଣି ଦୁଇ ଦେଶ ମଧ୍ୟରେ ଡିସେମ୍ବର ୯ରୁ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଟି-୨୦ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା ବାକି ରହିଛି।

**ଭାରତୀୟ ଦଳ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ତିଳକ ବର୍ମା, କେଏଲ ରାହୁଲ(ଅଧିନାୟକ/ୱିକେଟ୍ କିପର), ଋଷଭ ପନ୍ତ(ଓ୍ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡ଼େଜା, କୁଲଦୀପ ଯାଦବ, ନୀତିଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍‌ୱାଡ଼, ପ୍ରସିଦ୍ଧ କୃଷ୍ଣ, ଅର୍ଶଦୀପ ସିଂ, ଧ୍ରୁବ ଜୁରେଲ।




## ଏସ୍‌ଆଇଆର୍ କାମ ଚାପ, ହସ୍ପିଟାଲରେ ବିଏଲ୍‌ଓ



**କୋଲକାତା,୨୩।୧୧(ସଂଚାର ବ୍ୟୁରୋ):** ଏସ୍‌ଆଇଆର୍ କାର୍ଯ୍ୟଭାର ଯୋଗୁଁ ବିଏଲ୍‌ଓମାନେ ଚିନ୍ତାରେ। କିଛି ସ୍ଥାନରେ ବୁଥ୍ ସ୍ତରୀୟ ଅଧିକାରୀମାନେ ଅସୁସ୍ଥ ହେଉଛନ୍ତି ତ ଅନ୍ୟ କିଛି ସ୍ଥାନରେ ସେମାନେ କାର୍ଯ୍ୟଭାର ସହ୍ୟ କରି ନ ପାରି ଆତ୍ମହତ୍ୟା କରୁଛନ୍ତି। ଏଥର ପୂର୍ବ ବର୍ଦ୍ଧମାନର କଟୱାର ୧୪୭ ନମ୍ବର ବୁଥ୍‌ର ବିଏଲଓ ଶୁକଦେବ ଦାସ ଏସ୍‌ଆଇଆର୍ କାମ କରୁଥିବା ସମୟରେ ଗୁରୁତର ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ତୁରନ୍ତ କଟୱା ମହକୁମା ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କୁ ସାଲାଇନ୍ ଦିଆଯାଇଥିଲା। ଚିକିତ୍ସା ଆରମ୍ଭ ହୋଇଛି। କଟୱା ସହରର ୧୧ ନମ୍ବର ୱାର୍ଡର ବାସିନ୍ଦା ଶୁକଦେବ ଦାସ ନୋଆପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ। ସେ ୧୪୭ ନମ୍ବର ବୁଥର ବିଏଲଓ ଭାବରେ କାର୍ଯ୍ୟ କରୁଥିଲେ। ତାଙ୍କ ପତ୍ନୀ ଉଷା ଚଟ୍ଟୋପାଧ୍ୟାୟ ମଧ୍ୟ କଟୱା କୈଥାନ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ। ରବିବାର ସକାଳେ ଶୁକଦେବ ବାବୁ ହଠାତ୍ ଅସୁସ୍ଥ ଅନୁଭବ କଲେ। ଏହା ପରେ ତାଙ୍କ ସ୍ତ୍ରୀ ତାଙ୍କୁ ଶୀଘ୍ର କଟୱା ମହକୁମା ହସ୍ପିଟାଲରେ ଭର୍ତ୍ତି କରିଥିଲେ।

## ଜମି ବିବାଦରୁ ଗୁଳିମାଡ଼

**କୋଲକାତା,୨୩।୧୧(ସଂଚାର ବ୍ୟୁରୋ):** ପଡ଼ୋଶୀଙ୍କ ସହିତ ଜମି ବିବାଦକୁ କେନ୍ଦ୍ରକରି ବର୍ଦ୍ଧମାନରେ ଫୁଟିଲା ଗୁଳି। ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ବର୍ଦ୍ଧମାନ ସହରର ୧୮ ନମ୍ବର ୱାର୍ଡର କୋଲାଘାଟ ଅଞ୍ଚଳର ବାସିନ୍ଦା ସୁବୀର ମଣ୍ଡଳ ପେଶାରେ ଜଣେ ବ୍ୟବସାୟୀ। ତାଙ୍କ ଘର ପାଖରେ ଥିବା ଏକ ଜମିକୁ ନେଇ ତାଙ୍କର ପଡ଼ୋଶୀଙ୍କ ସହ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଶନିବାର ରାତିରେ ଏହି ବିବାଦ ଗୁରୁତର ରୂପ ନେଇଥିଲା। ଏଦିନ ସୁବୀର ତାଙ୍କ ପଡ଼ୋଶୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ସେହି ସମୟରେ ସେ ତାଙ୍କ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଗୁଳି ଚଳାଇଥିବାର ଅଭିଯୋଗ ହୋଇଛି। ଏହି ଘଟଣାରେ କେହି ଆହତ ହୋଇ ନାହାଁନ୍ତି। ଶୂନ୍ୟରେ ଗୁଳି ଚାଲିଥିବା ଖବର ମିଳିଛି। ସୂଚନା ପାଇ ବିଶାଳ ପୁଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣାର ତଦନ୍ତ ଆରମ୍ଭ ହୋଇଛି।

## ଜଙ୍ଗଲକୁ ଟାଣି ନେଇଥିଲା ବାଘ, ଶବ ଉଦ୍ଧାର



**କୋଲକାତା,୨୩।୧୧(ସଂଚାର ବ୍ୟୁରୋ):** ସୁନ୍ଦରବନର ମତ୍ସ୍ୟଜୀବୀ ତାପସ ହାଲଦାରଙ୍କୁ ଶୁକ୍ରବାର ଦିନ କଙ୍କଡ଼ା ଧରିବା ସମୟରେ ଏକ ବାଘ ଆକ୍ରମଣ କରିଥିଲା। ତାଙ୍କ ସହକର୍ମୀଙ୍କ ଅନେକ ଚେଷ୍ଟା ସତ୍ତ୍ୱେ, ବାଘଟି ତାଙ୍କୁ ଜଙ୍ଗଲକୁ ଟାଣି ନେଇଥିଲା। ସେବେଠାରୁ, ବାଘ ଉଦ୍ଧାରକାରୀ ଦଳ, ବନ ବିଭାଗ ଏବଂ ମୈପୀଠ ଉପକୂଳ ଥାନାର ପୁଲିସ ତାଙ୍କୁ ଜଙ୍ଗଲରେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ, ଶନିବାର ସନ୍ଧ୍ୟାରେ ସୁନ୍ଦରବନର ସିନ୍ଦୁରକାଠି ଜଙ୍ଗଲରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଜାଣିବାକୁ ମିଳିଛି ଯେ, ତାପସ କୁଲତାଲିର ନାଗେନାବାଦର ବାସିନ୍ଦା। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ। ତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବର୍ଦ୍ଧମାନ ରେଞ୍ଜ ଡିଆଇଜିଙ୍କ ନାମରେ ନକଲି ଆକାଉଣ୍ଟ

## ରାଜସ୍ଥାନରୁ ଅଭିଯୁକ୍ତ ଗିରଫ

**କୋଲକାତା,୨୩।୧୧(ସଂଚାର ବ୍ୟୁରୋ):** ବର୍ଦ୍ଧମାନ ରେଞ୍ଜର ଡିଆଇଜି ଶ୍ୟାମ ସିଂହଙ୍କ ଫଟୋ ଏବଂ ନାମ ବ୍ୟବହାର କରି ନକଲି ଆକାଉଣ୍ଟ। ମିଥ୍ୟା ତଥ୍ୟ ଦେବା ଏବଂ ଲୋକଙ୍କୁ ଭ୍ରମିତ କରିବା ଅଭିଯୋଗରେ ଭିନ୍ନ ଏକ ରାଜ୍ୟ ରାଜସ୍ଥାନରୁ ଯୁବକଙ୍କୁ ଗିରଫ କରାଯାଇଛି। ବର୍ଦ୍ଧମାନ ସାଇବର ଅପରାଧ ବିଭାଗ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ବଙ୍ଗଳାକୁ ଅଣାଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ଗିରଫ ଯୁବକଙ୍କ ନାମ ସଲମାନ ଖାନ। ସେ ରାଜସ୍ଥାନର ସିକ୍ରି ଜିଲ୍ଲାର ବାସିନ୍ଦା। ଡିଆଇଜି ଶ୍ୟାମ ସିଂହଙ୍କ ନାମ ଏବଂ ଫଟୋ ବ୍ୟବହାର କରି ଏକ ନକଲି ଫେସବୁକ୍ ଆକାଉଣ୍ଟ ତିଆରି ହୋଇଥିବା କିଛି ଦିନ ହେଲା ବର୍ଦ୍ଧମାନ ପୁଲିସ ଲକ୍ଷ୍ୟ କରିଥିଲା। ନକଲି ପ୍ରୋଫାଇଲ ବ୍ୟବହାର କରି ସରକାରୀ ବିଭାଗର ଭାବମୂର୍ତ୍ତି ଖରାପ କରିବା ଏବଂ ସାଧାରଣ ଲୋକଙ୍କୁ ଠକିବା ପାଇଁ ଚେଷ୍ଟା କରାଯାଉଥିଲା।

## ଆଜି ସିଜେଆଇ ଭାବେ ଶପଥ ନେବେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ

■ ଭାରତର ୫୩ତମ ମୁଖ୍ୟ ବିଚାରପତି ହେବେ

■ କାର୍ଯ୍ୟକାଳ ରହିବ ମାତ୍ର ୧୪ ମାସ

**ନୂଆଦିଲ୍ଲୀ, ୨୩ ।୧୧:** ଜଷ୍ଟିସ ସୂର୍ଯ୍ୟକାନ୍ତ ନଭେମ୍ବର ୨୪ ତାରିଖରେ ଭାରତର ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିବେ। ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ଶପଥ ଗ୍ରହଣ ଉତ୍ସବରେ ବ୍ରାଜିଲ ସମେତ ସାତଟି ଦେଶର ମୁଖ୍ୟ ବିଚାରପତି ଏବଂ ସୁପ୍ରିମକୋର୍ଟ ବିଚାରପତି ଯୋଗଦେବେ।ଏହି ସମାରୋହରେ ବ୍ରାଜିଲ ବ୍ୟତୀତ ଭୁଟାନ, କେନିଆ, ମାଲେସିଆ, ମରିସସ୍, ନେପାଳ ଏବଂ ଶ୍ରୀଲଙ୍କାର ମୁଖ୍ୟ ବିଚାରପତିମାନେ ମଧ୍ୟ ସେମାନଙ୍କ ପରିବାର ସହିତ ଯୋଗଦେବେ। ଭାରତୀୟ ନ୍ୟାୟପାଳିକାର ଇତିହାସରେ ଏହା ପ୍ରଥମ ଥର ହେବ ଯେ ଅନ୍ୟ ଦେଶରୁ ଏତେ ସଂଖ୍ୟାରେ ନ୍ୟାୟିକ ପ୍ରତିନିଧିମଣ୍ଡଳି ଜଣେ ମୁଖ୍ୟ ବିଚାରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ରହିବେ।ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ତମ ମୁଖ୍ୟ ବିଚାରପତି ହେବେ ଏବଂ ତାଙ୍କର କାର୍ଯ୍ୟକାଳ ୧୪ ମାସ ରହିବ। ସେ ୯ ଫେବୃଆରୀ, ୨୦୨୭ ରେ ଅବସର ନେବେ। ଜଷ୍ଟିସ ସୂର୍ଯ୍ୟକାନ୍ତ ହରିୟାଣାରୁ ପ୍ରଥମ ମୁଖ୍ୟ ବିଚାରପତି ହେବେ। ବର୍ତ୍ତମାନର ମୁଖ୍ୟ ବିଚାରପତି ବି.ଆର. ଗଭାଇ ଆଜି ଅବସର ନେବେ। ଜଷ୍ଟିସ ବି.ଆର. ଗଭାଇଙ୍କ ଶେଷ କାର୍ଯ୍ୟ ଦିବସ ନଭେମ୍ବର ୨୨ ଥିଲା।

## ପୋଖରୀରୁ ଅପହୃତ ଶିଶୁର ମୃତଦେହ ଉଦ୍ଧାର

**କୋଲକାତା,୨୩।୧୧(ସଂଚାର ବ୍ୟୁରୋ):** ଉତ୍ତର ୨୪ ପ୍ରଗଣାର ଆମଡାଙ୍ଗାରେ ଏକ ଶିଶୁକୁ ଅପହରଣ କରାଯାଇଥିଲା। ସେହି ଘଟଣାର ୨୪ ଘଣ୍ଟା ମଧ୍ୟରେ ଅପହୃତ ଶିଶୁର ମୃତଦେହ ଏକ ପୋଖରୀରୁ ଉଦ୍ଧାର କରାଯାଇଛି। ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ଶନିବାର, ଶିଶୁଟି ତାଙ୍କ ଭାଇଙ୍କ ସହିତ ଗାଈ ଦେଖିବା ପାଇଁ ପଡ଼ୋଶୀଙ୍କ ଘରକୁ ଯାଇଥିଲା। ଅଭିଯୋଗ ତା'ପରଠାରୁ ଶିଶୁଟିକୁ ଖୋଜାଖୋଜି କରାଯାଇଥିଲେ ସୁଦ୍ଧା ସେ ମିଳିନଥିଲା। ରବିବାର ସକାଳେ ସ୍ଥାନୀୟ ଲୋକମାନେ ଘର ପାଖରେ ଥିବା ଏକ ପୋଖରୀରେ ଶିଶୁଟିର ମୃତଦେହ ଭାସୁଥିବାର ଦେଖିଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଜ୍ୟବାସୀଙ୍କ...

କାର୍ଯ୍ୟର ଏକ ଛବି। ଓଡିଶା ପାଇଁ ଏବଂ ଓଡିଶାବାସୀଙ୍କ ପାଇଁ ଦିନରାତି ଏକ କରି ମୁଖ୍ୟମନ୍ତ୍ରୀ କଠିନ ପରିଶ୍ରମ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଭାଷାରେ ଲୋକଙ୍କ ସେବା କରିବା ପାଇଁ ଏବଂ ଏକ ସମୃଦ୍ଧ ଓଡିଶା ଗଠନ କରିବା ପାଇଁ ଆମକୁ ଆହୁରି ପରିଶ୍ରମ କରିବାକୁ ପଡିବ।

## ବଢୁଛି...

ଉପକୂଳ ନିକଟ ଦେଇ ମିଆଁମାର ଯିବ। ଡିସେମ୍ବର ୨ ତାରିଖରେ ଲ୍ୟାଣ୍ଡଫଲ କରିପାରେ। ଆମେରିକୀୟ ଜିଏଫଏସ ମଡେଲ ଦର୍ଶାଉଛି, ୨୬ରେ ବାତ୍ୟା ସୃଷ୍ଟି ହେବ। ଏହି ମଡେଲର ଆକଳନ ଡିସେମ୍ବର ୧-୨ ତାରିଖ ବେଳକୁ ଆନ୍ଧ୍ର-ଓଡ଼ିଶା ଉପକୂଳ ନିକଟରେ ଅତିକ୍ରମ କରିବ। ୩ ତାରିଖ ବେଳକୁ ପଶ୍ଚିମବଙ୍ଗ ଉପକୂଳ ନିକଟ ଦେଇ ଗତି କରିବ। ଡିସେମ୍ବର ୪ ତାରିଖ ବେଳକୁ ବାଂଲାଦେଶ-ମିଆଁମାର ମଝିରେ ସ୍ଥଳ ଭାଗ ଅତିକ୍ରମ କରିପାରେ। ୟୁରୋପୀୟ ମଡେଲରୁ ଅନୁମାନ କରାଯାଉଛି ୨୬-୨୭ରେ ବାତ୍ୟା ସୃଷ୍ଟି ହୋଇପାରେ। ଏହା ଡିସେମ୍ବର ୨ରୁ ୩ ତାରିଖ ମଧ୍ୟରେ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ନିକଟରେ ପହଞ୍ଚିବ।

## ମୁକାବିଲା...

ହେବ। ଏବେ ହଜାରେ କିମି ଦୂରରେ କେନ୍ଦ୍ରୀଭୂତ ରହିଛି। ତେବେ ଲଘୁଚାପଟି ବାତ୍ୟାରେ ପରିଣତ ହେବାର ଆଶଙ୍କା ରହିଛି। ବାତ୍ୟାରେ ପରିଣତ ହେବା ପରେ ଗତି କ'ଣ ହେବ ଅନୁଧ୍ୟାନ ହେବ କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

## ଜାତିସଂଘ...

ନୁହେଁ ବୋଲି କହିଥିଲେ। ମାନବ-କୈନ୍ଦ୍ରିକ ବିକାଶ ସୁନିଶ୍ଚିତ କରିବାରେ ପ୍ରଯୁକ୍ତିବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ତିନି ଦେଶ ମଧ୍ୟରେ ୟୁପିଆଇ ଭଳି ଡିଜିଟାଲ ସର୍ବସାଧାରଣ ଭିତ୍ତିଭୂମି, କୋୱିନ ଭଳି ସ୍ୱାସ୍ଥ୍ୟ ପ୍ଲାଟଫର୍ମ, ସାଇବର ସୁରକ୍ଷା ଫ୍ରେମୱାର୍କ ଏବଂ ମହିଳା-ନେତୃତ୍ୱାଧୀନ ପ୍ରଯୁକ୍ତିବିଦ୍ୟା ପଦକ୍ଷେପର ଅଂଶୀଦାରକୁ ସହଜ କରିବା ପାଇଁ ଏକ 'ଆଇବିଏସ୍‌ଏ ଡିଜିଟାଲ ନବାଚାର ସଂଘ' ପ୍ରତିଷ୍ଠା କରିବାର ପ୍ରସ୍ତାବ ଦେଇଥିଲେ। ପ୍ରଧାନମନ୍ତ୍ରୀ ନିରାପଦ, ବିଶ୍ୱସ୍ତ ଏବଂ ମାନବ-କୈନ୍ଦ୍ରିକ ଏଆଇ ମାନଦଣ୍ଡ ବିକାଶରେ ଆଇବିଏସଏର ଯୋଗଦାନ ସମ୍ଭାବନା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ଆସନ୍ତା ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଏଆଇ ପ୍ରଭାବ ଶିଖର ସମ୍ମିଳନୀରେ ଆଇବିଏସ୍‌ଏ ନେତାମାନଙ୍କୁ ନିମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଆଇବିଏସଏ ପରସ୍ପରର ବିକାଶର ପରିପୂରକ ହୋଇପାରିବ ଏବଂ ସ୍ଥାୟୀ ଅଭିବୃଦ୍ଧି ପାଇଁ ଏକ ଉଦାହରଣ ହୋଇପାରିବ। ସେ ବାଜରା, ପ୍ରାକୃତିକ କୃଷି, ବିପର୍ଯ୍ୟୟ ସ୍ଥିରତା, ସବୁଜ ଶକ୍ତି, ପାରମ୍ପରିକ ଔଷଧ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଭଳି କ୍ଷେତ୍ରରେ ସହଯୋଗର ସୁଯୋଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ ଏବଂ ସୌର ଶକ୍ତି ଭଳି କ୍ଷେତ୍ରରେ ୪୦ଟି ଦେଶରେ ପ୍ରକଳ୍ପଗୁଡିକୁ ସମର୍ଥନ କରିବାରେ ଆଇବିଏସଏ ପାଣ୍ଠିର କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଥିଲେ। ସେ ଦକ୍ଷିଣ-ଦକ୍ଷିଣ ସହଯୋଗକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଜଳବାୟୁ ଅନୁକୂଳ କୃଷି ପାଇଁ ଆଇବିଏସଏ ପାଣ୍ଠି ନିମନ୍ତେ ପ୍ରସ୍ତାବ ଦେଇଥିଲେ।

## ବିରୋଧ...

ବୋଲି କିଛି କଂଗ୍ରେସ ନେତା କହୁଥିବା ବେଳେ ଭକ୍ତ ଏହାକୁ ମାନିବାକୁ ନାରାଜ। କଂଗ୍ରେସର ନୂଆପଡା ଲଢେଇରେ ମୁଖ୍ୟ କାର୍ପେଟଦାର ଥିଲେ ଭକ୍ତଙ୍କ କୋଟେରୀ। ଉପକୂଳିଆ ବରିଷ୍ଠ ଓ ଅନୁଭବୀ ନେତାଙ୍କୁ ସାମିଲ କରି ନଥିଲେ ଭକ୍ତ। ଯାହା କଂଗ୍ରେସ ବିଫଳତାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ କଂଗ୍ରେସ ବିଫଳତାର ଉତ୍ତରଦାୟିତ୍ୱ ନିଜେ ସଭାପତି ନେବା ପରିବର୍ତ୍ତେ ଅନ୍ୟ ମୁଣ୍ଡରେ ଅଠା ବୋଳିବା ଉଚିତ ନୁହେଁ ବୋଲି କିଛି ନେତା ଖୋଲାଖୋଲି କହୁଥିଲେ। ଦଳ ଭିତରେ ତାଙ୍କ ବିରୋଧରେ ସୃଷ୍ଟି ହେଉଥିବା ଏମିତି ପିରିସ୍ଥିତିକୁ ସଜାଡିବାକୁ ଭକ୍ତ ନିଜ ଉକ୍ତି ନିଜେ ଫେରାଇ ନେଇଛନ୍ତି। ଏଥିସହିତ ଗତ ସାଧାରଣ ନିର୍ବାଚନରେ ଦଳର ପ୍ରାର୍ଥୀ ହୋଇଥିବା ସବୁ ନେତାଙ୍କ ସହ ଆଗାମୀ ରଣନୀତି ନେଇ ଆଲୋଚନା କରିଛନ୍ତି ପିସିସି ସଭାପତି। ଆଗକୁ ସରକାରଙ୍କୁ କିଭଳି ଘେରାଯାଇପାରିବ ଏବଂ ଅସନ୍ତୁଷ୍ଟଙ୍କୁ ମ୍ୟାନେଜ କରିବାକୁ ଏହି ବୈଠକ ଡାକିଥିବା କୁହାଯାଉଛି।

## ତିନି ଦୁର୍ଦ୍ଦାନ୍ତ...

ନିକଟସ୍ଥ ବିଏନ୍‌ଆର୍ ଟ୍ରାନ୍ସପୋର୍ଟ ଅଫିସ୍‌ରେ ୮ରୁ ୧୦ ଜଣ ମୁଖାପିନ୍ଧା ଯୁବକ ହାତରେ ମାରଣାସ୍ତ୍ର ଧରି ପଶିଥିଲେ। କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଦେବା ସହ ଲୁଟ୍‌ପାଟ୍ କଲେ। ୩ ଲକ୍ଷ ୫୯ ହଜାର ଧରି ଫେରାର ହୋଇଯାଇଥିଲେ। ଗତ ୧୯ ତାରିଖ ରାତିରେ ସମାନଢଙ୍ଗରେ ଡକାୟତମାନେ କୋଇଡ଼ା ବଜାରର ମା' ତାରିଣୀ ଟ୍ରାନ୍ସପୋର୍ଟରୁ ଲୁଟ୍‌ପାଟ୍ କରିଥିଲେ। ବନ୍ଧୁକ ଦେଖାଇ ଲୁଟି ନେଇଥିଲେ ସାଢ଼େ ୩ ଲକ୍ଷ ଟଙ୍କା। କୋଇଡ଼ା ରେଙ୍ଗାଲବେଡ଼ାରେ ଦୁଇ ଗାଡ଼ିମାଲିକଙ୍କୁ ବନ୍ଧୁକ ଦେଖାଇ ଦୁଇଲକ୍ଷ ଲେଖାଏଁ, ମୋଟ ୪ ଲକ୍ଷ ଲୁଟିନେଇ ଚମ୍ପଟ ମାରିଥିଲେ। ସେମାନେ ପୁଲିସକୁ ଖାତିର ନକରି ବେଧଡ଼କ ଲୁଟ୍ କରୁଥିଲେ। ଖଣି ଅଞ୍ଚଳରେ ଏମିତି ଗୋଟିଏ ପରେ ଗୋଟିଏ ଟ୍ରାନ୍ସପୋର୍ଟ ଅଫିସକୁ ଟାର୍ଗେଟ୍ କରୁଥିଲେ ଅପରାଧୀ। ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ଭୟରେ ଥିଲେ ଉଭୟ ମାଲିକ ଓ କର୍ମଚାରୀ।

ବାଙ୍କୋର ବରସୁଆଁ ଡକାୟତି ଏବଂ କୋଇଡାରେ ଦୁଇଟି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ କୁଖ୍ୟାତ ଚାଣ୍ଡେ (ଚନ୍ଦା ନାୟକ) ଗ୍ୟାଙ୍ଗ ଗିରଫ ହୋଇଛି। ଲହୁଣୀପଡ଼ା ଓ ଚାନ୍ଦିପୋଷ ପିଏସରେ ପୁଲିସ ସହ ଗୁଳିବିନିମୟ ପରେ ଗ୍ୟାଙ୍ଗର ୩ ସଦସ୍ୟ ଖସିଯିବା ସମୟରେ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ବ୍ୟବହୃତ ୩ଟି ବନ୍ଧୁକ, ଗୁଳି, ସ୍କୋର୍ପିଓ ଗାଡ଼ି ଏବଂ ନଗଦ ଜବତ କରାଯାଇଛି। ଏହି ଗ୍ୟାଙ୍ଗ ବିରୋଧରେ ଓଡ଼ିଶା ଏବଂ ଝାଡ଼ଖଣ୍ଡ ଉଭୟରେ ବହୁ ମାମଲା ରହିଛି।

## ନିଶାଦେଇ...

ଖୋର୍ଦ୍ଧାର ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ, ପୀଡ଼ିତାଙ୍କୁ ଭେଟିଛି ଜିଲ୍ଲା କଂଗ୍ରେସ ପ୍ରତିନିଧି ଦଳ। ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ଏସପିଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ କରି ଦାବି କରିଛନ୍ତି। ସେପଟେ ଖୋର୍ଦ୍ଧା ଏସପି ଏହି ଘଟଣାର ତଦାରଖ କରୁଛନ୍ତି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ଛାନଭିନ୍ କରିଛି। ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ସିସିଟିଭି ଯାଞ୍ଚ୍ ସହ ତଥ୍ୟ, ପ୍ରମାଣକୁ ଏକାଠି କରି ୬ ଜଣଙ୍କୁ ଅଟକ ରଖାଯାଇଛି। ତେବେ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ, ପୁରା ଘଟଣା ଉପରୁ ପର୍ଦ୍ଦା ହଟିବ।

# ଇଚ୍ଛାଦେଇ ପାଟଣାରେ ଚାଲିଛି ଚୋରା କରତକଳ

## ମାଲେମାଲ ହେଉଛନ୍ତି ବନ ବିଭାଗ କର୍ମଚାରୀ ଓ ଅଧିକାରୀ



**ବାଲିଅନ୍ତା,୨୩।୧୧ (ସଂଚାର ବ୍ୟୁରୋ):** ବାଲିପାଟଣା ବନ ବିଭାଗ କାର୍ଯ୍ୟାଳୟ ଭିଙ୍ଗାରପୁର ଗ୍ରାମ ପଞ୍ଚାୟତ ଅଧୀନ ଇଚ୍ଛାଦେଇପାଟଣା ଗ୍ରାମ୍ୟ ଜଙ୍ଗଲ ଭିତରେ ଏକ ଚୋରା କରତ କଳ ଦୀର୍ଘ ୨୦ ବର୍ଷ ହେବ ଚାଲିଛି। ବନ ବିଭାଗ କର୍ମଚାରୀ ଏବଂ ଅଧିକାରୀ ଏହା ସମ୍ପର୍କରେ ଅବଗତ ଥିଲେ ମଧ ଚୋରା କରତକଳ ଉଚ୍ଛେଦ ନେଇ ଚଢ଼ଉ କରାଯାଉ ନାହିଁ। ବନ ବିଭାଗର ସ୍ଥାନୀୟ ଅଧିକାରୀ ଏବଂ କରତ କଳ ମାଲିକଙ୍କ ମଧୁ ଚନ୍ଦ୍ରିକାରେ ସକାଳ ଦିନ ରାତି ୨୪ ଘଣ୍ଟା ଧରି କରତ କଳ ଚାଲିଛି। ବନ ବିଭାଗ ଅସାଧୁ ଅଧିକାରୀ ଓ କର୍ମଚାରୀ ଏନେଇ ମାଲେମାଲ ହେଉଥିବା ଜଣାଯାଇଛି।

ଉକ୍ତ କରତ କଳରେ ଗ୍ରାମ୍ୟ ଜଙ୍ଗଲରୁ ଶାଗୁଆନ,କସି, ଶିଶୁ ଆକାସିଆ ଏବଂ ଅନ୍ୟାନ୍ୟ ଚୋରା ମୂଲ୍ୟବାନ କାଠ ପେଡା ଯାଉଛି। ଖାଲି ସେତିକି ନୁହେଁ ଆଖ ପାଖ ଗ୍ରାମ୍ୟ ଜଙ୍ଗଲରୁ ଏସବୁ ମୂଲ୍ୟବାନ ଗଛ ବେଧଡ଼କ ଭାବେ ଛେଦନ କରାଯାଇ ପେଡା ଯାଉଛି। ବନ ବିଭାଗର କିଛି ଅସାଧୁ ଅଧିକାରୀ ଏବଂ କର୍ମଚାରୀ ମୋଟା ଅଙ୍କ ନେଇ ପରୋକ୍ଷରେ ବୃକ୍ଷ ଛେଦନକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବେଆଇନ କରତ କଳ ଚାଲୁଥିବା ଆଖପାଖ ଅଞ୍ଚଳରେ ବନ ବିଭାଗ ଏବଂ ପୁଲିସ ଗାଡି ପାଟ୍ରୋଲିଂ କରୁଥିଲେ ବି ଅଧିକାରୀମାନେ ନିରବଦ୍ରଷ୍ଟା ସାଜିଛନ୍ତି। ଯଦିଓ କେବେ କେମିତି କରତ କଳ ଚଢ଼ଉ କରାଯାଉଛି, ବନ ବିଭାଗ କେବଳ ମାମଲା ରୁଜୁ କରି ହାତବାନ୍ଧି ବସୁଛି। କରତ କଳ ମାଲିକଙ୍କୁ ଗିରଫ କରିବା ପରିବର୍ତ୍ତେ ସହାନୁଭୂତି ଦେଖାଉଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାଫଳରେ କରତ କଳ ମାଲିକ ପୁଣି କରତ କଳ ଚଳାଇବାରେ ସମର୍ଥ ହେଉଛନ୍ତି। ଏସମ୍ପର୍କରେ ବିରୋଧ କରୁଥିବା ଲୋକେ କାଠ ମିଲ୍ ଚଳାଉଥିବା ମାଫିଆଙ୍କ ଆକ୍ରୋଶର ଶିକାର ହେଉଛନ୍ତି।

କର୍ତ୍ତୃପକ୍ଷ ଉପରୋକ୍ତ ଚୋରା କରତ କଳ ବେପାରୀଙ୍କୁ ଗିରଫ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଠାକୁରାଣୀ ପୀଠରେ ହତ୍ୟାକାଣ୍ଡ



**ରାଜନଗର,୨୩।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ରିଘାଗଡ଼ର ମା' ଥାନାପତି ଠାକୁରାଣୀ ପୀଠରେ ହତ୍ୟାକାଣ୍ଡ ହୋଇଛି। ମାଆଙ୍କ ପୀଠରେ ରନ୍ଧା ଭୋଗ ପରେ ଏହି ହତ୍ୟାକାଣ୍ଡ ହୋଇଛି। ରିଘାଗଡ଼ ଗାଁର ବୃଦ୍ଧିଆ ସାହୁଙ୍କୁ ବାଡେଇକି ହତ୍ୟା କରାଯାଇଥିବା ସୂଚନା ରହିଛି। ପୁଲିସ ଏହି ଘଟଣାରେ ୩ ଜଣଙ୍କୁ ଥାନାରେ ଅଟକ ରଖିଛି। ଆଜି ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ଏହି ଘଟଣା ଘଟିଛି।

ସୂଚନା ମୁତାବକ କଣ୍ଡରା ପଞ୍ଚାୟତ ଜଗନ୍ନାଥପୁର ଗାଁର କିଛି ଯୁବକ ଠାକୁରାଣୀଙ୍କ ପୀଠରେ ରନ୍ଧା ଭୋଗ କରିଥିଲେ। ରୋଷେଇ କରି ଖାଇସାରିବା ପରେ ଟାଟା ଏସି ଗାଡିରେ ରୋଷେଇ ସରଞ୍ଜାମ ଲଦି ଘରକୁ ନେଉଥିବା ସମୟରେ ଦୁଇ ଜଣ ଯୁବକ ଗାଡି ଅଟକାଇ ମଦ ମାଗିଥିଲେ। ଫଳରେ ଡ୍ରାଇଭର ସହ ଦୁଇ ଯୁବକଙ୍କ ବଚସା ହୋଇଥିଲା। ଦୁଇ ଯୁବକ ଗାଡି ଡ୍ରାଇଭରଙ୍କୁ ମାଡ ମାରିଥିଲେ। ଏହାକୁ ନେଇ ସେଠାରେ ଜଗନ୍ନାଥପୁର ଗାଁର ଯୁବକମାନେ ପହଞ୍ଚି ଡ୍ରାଇଭରଙ୍କୁ ମାଡ ମରିଥିବା ଯୁବକଙ୍କୁ ମାଡ ମାରିଥିଲେ। ଏହାକୁ ନେଇ ଠାକୁରାଣୀ ପୀଠରେ ଦୁଇ ଉଭୟ ପକ୍ଷ ମଧ୍ୟରେ ବାଡିଆପିଟା ଯାଇଁ ଝଗଡା ଯାଇଥିଲା। ଗଣ୍ଡଗୋଳ ଭିତରେ ରଘାଗଡ଼ ଗାଁର ବୃଦ୍ଧିଆ ସାହୁ (୫୫ ବର୍ଷ)ଙ୍କୁ କିଏ ଠେଲି ଦେବାରୁ ବୃଦ୍ଧିଆ ତଳେ ପଡି ଯାଇଥିଲେ। ବୃଦ୍ଧିଆ ଚେତେଶୂନ୍ୟ ହୋଇ ପଡିଥିଲେ। ବୃଦ୍ଧିଆଙ୍କୁ ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କ ସୂଚନା ମୁତାବକ ଗାଁ ରାସ୍ତାରେ ଗାଡି ରଖି ରାସ୍ତା ଅବରୋଧ କରିବା ସହ ମଦ ପିଇ ହୋହାଲ୍ଲା କରିଥିଲେ। ଏହାକୁ ଗ୍ରାମବାସୀମାନେ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ଝଗଡା ତୀବ୍ର ରୂପ ନେଇଥିଲା।

# ଅନୁମତି ଅଭାବରୁ ବାତିଲ ହେଲା 'ବ୍ରେକ ଦ ଫ୍ଲୋର-ସିଜନ୍ ୨'

## ଅସିଥାନ୍ତେ ଡାନ୍ସ ପ୍ଲସ୍ ବିଜେତା ରିତେଶ ପଲ

## ପ୍ରତିଯୋଗୀ, କଳାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ



**ଛତ୍ରପୁର,୨୩।୧୧ (ସଂଚାର ବ୍ୟୁରୋ):** ଗଞ୍ଜାମ ସହରରେ ଆୟୋଜନ ହେବାକୁ ଥିବା ବହୁ ପ୍ରତୀକ୍ଷିତ ମେଗା ଡାନ୍ସ ଇଭେଣ୍ଟ "ବ୍ରେକ ଦ ଫ୍ଲୋର-ସିଜନ୍ ୨" ପ୍ରଶାସନିକ ଅନୁମତି ନଥିବାରୁ ଶେଷ ମହୁର୍ତ୍ତରେ ବାତିଲ ହୋଇଯାଇଅଛି। ଏହି ଅପ୍ରତ୍ୟାଶିତ ନିଷ୍ପତ୍ତି ନୃତ୍ୟପ୍ରେମୀ ଓ ଯୁବ ସମୁଦାୟ ମଧ୍ୟରେ ଗଭୀର ନିରାଶା ସୃଷ୍ଟି କରିଛି।ସୂଚନା ଅନୁସାରେ, ଏହି ମେଗା ଡାନ୍ସ କାର୍ଯ୍ୟକ୍ରମରେ ମୁମ୍ବାଇ, କୋଲକାତା ଓ ନେପାଳ ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲା ଏବଂ ସ୍ଥାନୀୟ ଗଞ୍ଜାମ ଅଞ୍ଚଳର ଅନେକ ପ୍ରତିଭାଶାଳୀ ଡାନ୍ସ ଗ୍ରୁପ୍ ଓ ସୋଲୋ ପ୍ରତିଯୋଗୀ ଭାଗ ନେବାର କାର୍ଯ୍ୟସୂଚୀ ଥିଲା।

ସିଜନ୍-୧ର ବିଶାଳ ସଫଳତା ପରେ ସିଜନ୍-୨ ପ୍ରତି ଯୁବମହଲରେ ବ୍ୟାପକ ଉତ୍ସାହ ଦେଖାଯାଉଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଭାବେ ଷ୍ଟାର ପ୍ଲସର ଖ୍ୟାତିସମ୍ପନ୍ନ ଡାନ୍ସ ରିଏଲିଟି ଶୋ "ଡାନ୍ସ ପ୍ଲସ-ସିଜନ୍ ୭"ର ବିଜେତା ରିତେଶ ପଲଙ୍କୁ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ ଦିଆଯାଇଥିଲା, ଯାହା ପ୍ରତି ଦର୍ଶକ ଓ ପ୍ରତିଯୋଗୀମାନଙ୍କ ସହ ସ୍ଥାନୀୟ ଅଞ୍ଚଳରେ ବେଶ ଉତ୍ସାହର କେନ୍ଦ୍ର ବିନ୍ଦୁ ପାଲିଟିଥିଲା।

ତଥାପି, କାର୍ଯ୍ୟକ୍ରମ ସମ୍ପର୍କରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ବିରୋଧ ଓ ଆପତ୍ତି ଖବର ସାମ୍ନାକୁ ଆସିଥିବା ବେଳେ, ଆଇନ-ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଇଁ ଶେଷ ପର୍ଯ୍ୟନ୍ତ ଅନୁମତି ଦିଆଯାଇନଥିଲା। ଫଳରେ ବହୁ ଆଶା କରାଯାଇଥିବା ଡାନ୍ସ ଇଭେଣ୍ଟ ଅନୁଷ୍ଠାନ ପକ୍ଷରୁ ବାତିଲ କରାଯାଇଛି। ଏଥିରେ ଲକ୍ଷାଧିକ ଟଙ୍କା କ୍ଷତି ହେବା ସହ କଳାପ୍ରେମୀ, ପ୍ରତିଯୋଗୀ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ସେମାନେ ପ୍ରଶାସନ ପକ୍ଷରୁ ଭବିଷ୍ୟତରେ ଏପରି ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ସାର୍ବୋଚ୍ଚ ସହଯୋଗ ଦିଆଯାଉ ବୋଲି ଆଶା ପ୍ରକାଶ କରିଛନ୍ତି।

## ଆରଟିଆଇରେ ତଥ୍ୟ ନଦେବା ମହଙ୍ଗା ପଡିଲା

# ୨୫ ହଜାର ଦଣ୍ଡ ଗଣିବେ ଅଧିକାରୀ

**ମହାକାଳପଡ଼ା,୨୩।୧୧ (ସଂଚାର ବ୍ୟୁରୋ):** ସୂଚନା ଅଧିକାର ଆଇନ ବଳରେ ତଥ୍ୟ ନଦେବା ଜନ ସୂଚନା ଅଧିକାରୀ (ପିଆଇଓ)ଙ୍କୁ ମହଙ୍ଗା ପଡିଛି। ପ୍ରଥମ ଅପିଲ୍ ପରେ ମଧ ସୂଚନା ନଦେବାରୁ ସୂଚନା କମିଶନରଙ୍କ ପାଖରେ ଅଭିଯୋଗ କରିଥିଲେ ସୂଚନା ଅଧିକାର କର୍ମୀ। ସୂଚନା କମିଶନର ଘଟଣାରେ ଶୁଣାଣୀ କରି ଆବେଦନକାରୀଙ୍କୁ ୧ ମାସ ମଧ୍ୟରେ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏମିତି ଏକ ଘଟଣା ସାମ୍ନାକୁ ଆସିଛି ମହାକାଳପଡ଼ା ବ୍ଲକରୁ। ମହାକାଳପଡ଼ା ବ୍ଲକ୍ ଅଧୀନ ତେର ଗାଁ ପଞ୍ଚାୟତର ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀ ଆର୍ଥିକ ବର୍ଷ ୨୦୨୨-୨୩ ରେ ହୋଇଥିବା ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ହୋଇଥିବା କାର୍ଯ୍ୟ ସମ୍ବଳିତ ସୂଚନା ପାଇଁ ପଞ୍ଚାୟତକୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ଆବେଦନ କରିଥିଲେ। ହେଲେ ପଞ୍ଚାୟତର ତତ୍କାଳୀନ ପିଆଇଓ ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ କରିନଥିଲେ। ସୁବ୍ରତ ଏନେଇ ମହାକାଳପଡ଼ା ବ୍ଲକର ପିଆଇଓଙ୍କୁ ପ୍ରଥମ ଅପିଲ୍ କରିଥିଲେ। ପ୍ରଥମ ଅପିଲ୍ର ସମୟସୀମା ମଧ୍ୟରେ ମଧ ସୂଚନା ନମିଳିବାରୁ ସୁବ୍ରତ ଓଡ଼ିଶା ସୂଚନା କମିଶନରଙ୍କୁ ଦ୍ୱିତୀୟ ଅପିଲ୍ କରିଥିଲେ। ଯାହାର ଶୁଣାଣୀ ପାଇଁ ଦିନ ଧାର୍ଯ୍ୟ କରି ସମସ୍ତଙ୍କୁ ପକ୍ଷଭୁକ୍ତ ହୋଇ ଶୁଣାଣୀରେ ଉପସ୍ଥିତ ପାଇଁ କମିଶନରଙ୍କ ତରଫରୁ ଚିଠି ହୋଇଥିଲା। ସୁବ୍ରତ ନିଜେ ଶୁଣାଣୀ ଦିନ ଉପସ୍ଥିତ ହୋଇପାରିବେ ନାହିଁ ବୋଲି ଚିଠି କରିବା ସହିତ ସୂଚନା ପ୍ରଦାନ ପାଇଁ ଅନୁରୋଧ କରିଥିଲେ। ହେଲେ ପଞ୍ଚାୟତ ଓ ବ୍ଲକ୍ ପିଆଇଓଙ୍କ ତରଫରୁ କେହି ଧାର୍ଯ୍ୟ ଦିନରେ ଉପସ୍ଥିତ ନହେବା କିମ୍ବା ଶୁଣାଣୀରେ ଉପସ୍ଥିତ ନରହିବା ଫଳରେ ଉଦବେଗ ପ୍ରକାଶ କରିଛନ୍ତି କମିଶନର। ଏନେଇ କମିଶନର ସୁଶାନ୍ତ କୁମାର ମହାନ୍ତି ଖପ୍ପା ହୋଇଛନ୍ତି। ସୂଚନା ଅଧିକାର ଆଇନର ଅମାନ୍ୟ କରିଥିବା ସରକାରୀ କର୍ମଚାରୀ ତଥା ପିଆଇଓ ଙ୍କୁ ସୂଚନା ଅଧିକାର କର୍ମୀ ସୁବ୍ରତ କୁମାର ସେଠୀଙ୍କ ଏକ ବ୍ୟାଙ୍କ୍ ଆକାଉଣ୍ଟ ଜରିଆରେ ଏକ ମାସ ମଧ୍ୟରେ ୨୫ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ୯ ଅକ୍ଟୋବର ଦିନ ନିର୍ଦ୍ଦେଶ ଦେଇଛନ୍ତି। ଯାହାର କପି ପଞ୍ଚାୟତର ବର୍ତ୍ତମାନର ପିଆଇଓ, ମହାକାଳପଡ଼ା ବିଡ଼ିଓ ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ପଠାଯାଇଛି। ନିର୍ଦ୍ଦେଶ ଚିଠି ପାଇବାର ୪୫ ଦିନ ମଧ୍ୟରେ ଏ ସମ୍ବଳିତ ଏକ ଅନୁପାଳନ ରିପୋର୍ଟ ସ୍ପିଡ୍ ପୋଷ୍ଟ ମାଧ୍ୟମରେ କମିଶନରଙ୍କୁ ଅବଗତ କରାଇବା ପାଇଁ ମଧ ସୂଚନା ଦିଆଯାଇଛି। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ସାଲେପୁର ହାଇସ୍କୁଲ ପରିସରରେ ୭୭ତମ ଏନ୍‌ସିସି ଦିବସ ପାଳିତ



**ସାଲେପୁର,୨୩।୧୧ (ସଂଚାର ବ୍ୟୁରୋ):** ଆଜି ସାଲେପୁର ଉଚ୍ଚ ବିଦ୍ୟାଳୟ ପରିସରରେ ୭୭ତମ ଏନ୍.ସି.ସି. ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଆର୍ମି ୱିଙ୍ଗ୍‌ର ଏ.ଏନ୍.ଓ. ଫାଷ୍ଟ ଅଫିସର ଶ୍ରୀକାନ୍ତ ପରିଡ଼ା ଓ ଏୟାରୱିଙ୍ଗ୍‌ର ଏ.ଏନ୍.ଓ. ସେକେଣ୍ଡ ଅଫିସର ଆରତୀ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୫୦ଜଣ କ୍ୟାଡେଟ୍‌ମାନଙ୍କ ଉପସ୍ଥିତିରେ ଏହି ଦିବସ ପାଳିତ ହୋଇଥିଲା। ଏ.ଏନ୍.ଓ. ଶ୍ରୀକାନ୍ତ ପରିଡ଼ା ଏନ୍.ସି.ସି. ପତାକା ଉତ୍ତୋଳନ କରିଥିବାବେଳେ ସେକେଣ୍ଡ ଅଫିସର ଆରତୀ ଆଚାର୍ଯ୍ୟଙ୍କ ଦ୍ୱାରା ଏନ୍.ସି.ସି. ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ କ୍ୟାଡେଟ୍‌ମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ସହିତ ପ୍ଲାଷ୍ଟିକ୍ ବର୍ଜନ ପାଇଁ ଏକ ସାଇକେଲ୍ ଶୋଭାଯାତ୍ରା କରାଯାଇଥିଲା। ଶେଷରେ ରାଷ୍ଟ୍ରଗୀତ ବନ୍ଦେମାତରମ୍ ଗାନ କରାଯାଇଥିଲା।

# ନିଶା ନିବାରଣ ଅଭିଯାନ ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ



**କେନ୍ଦ୍ରାପଡ଼ା, ୨୩।୧୧ (ସଂଚାର ବ୍ୟୁରୋ):** ଗାନ୍ଧିବାଦୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ନିଶା ନିବାରଣ ଅଭିଯାନ ଜିଲ୍ଲା କମିଟି ପକ୍ଷରୁ ମଦମୁକ୍ତ ଓଡ଼ିଶା ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଦାବି କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା ସମ୍ପାଦକ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଅନୁଷ୍ଠିତ ସଭାରେ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ଓଡ଼ିଶାର ସାମାଜିକ ଓ ରାଜନୈତିକ ଜୀବନକୁ ଅବଦାନ ସଙ୍ଗେ ଚୌଧୁରୀ ପରିବାର ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ବିଷୟରେ ଅବତାରଣା କରିଥିଲେ। ଏଥିସହ ୧୯୫୬ ମସିହାରୁ ବିଧାନସଭାରେ ପାରିତ ହୋଇଥିବା ନିଶା ନିବାରଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଥିଲେ । ପୂର୍ବାହ୍ନରେ ସ୍ମୃତି ରଞ୍ଜନ ବେଉରା, ଉମେଶ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସଙ୍ଗଠନ ଯୁବ ସାମ୍ମୁଖ୍ୟର ସଭ୍ୟମାନେ ଗୁଲନଗର ଛକରୁ ପଦଯାତ୍ରାରେ ବାହାରି ବାଟରେ ନିଶା ନିବାରଣ ସଚେତନତା ସୃଷ୍ଟି କରି ସଭା ସ୍ଥଳରେ ପହିଥିଲେ ।

# ପାରାଦୀପ ଡମ୍ଫର ମାଲିକ ସଙ୍ଘର ସଭାପତି ହେଲେ ବିଜୟ



**ପାରାଦୀପ,୨୩।୧୧ (ସଂଚାର ବ୍ୟୁରୋ):** ପାରାଦୀପ ଡ୍ରମ୍ଫର ମାଲିକ ସଂଘର ନିର୍ବାଚନ ଶେଷ ହୋଇଛି। ସଭାପତି ଭାବେ ବିଜୟ କୁମାର ନାୟକ, ଉପ ସଭାପତି ଭାବେ ପ୍ରମୋଦ କୁମାର ନାୟକ, ସମ୍ପାଦକ ଭାବେ ସୁରଜ କୁମାର ବାରିକ, ସହ ସମ୍ପାଦକ ଭାବେ ପ୍ରମୋଦ କୁମାର ସାହୁ ଓ କୋଷାଧକ୍ଷ ଭାବେ ଅଜୟ କୁମାର ସାମଲ ନିର୍ବାଚିତ ହୋଇଛନ୍ତି। ମୋଟ ୩୮୫ ଭୋଟରଙ୍କ ମଧ୍ୟରୁ ୩୪୯ ଜଣ ଭୋଟ ଦେଇଥିବା ବେଳେ ବିଜୟ କୁମାର ନାୟକ ୨୮୪ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ମନୋରଞ୍ଜନ ମିଶ୍ର ୬୩ ଖଣ୍ଡ ଭୋଟ ପାଇଥିଲେ। ବିଜୟ କୁମାର ନାୟକଙ୍କୁ ୨୨୧ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଘୋଷିତ କରାଯାଇଥିଲା। ସେହିପରି ଉପସଭାପତି ପ୍ରାର୍ଥୀ ଭାବେ ପ୍ରମୋଦ କୁମାର ନାୟକ ୨୫୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟମ ପ୍ରତିଦ୍ୱନ୍ଦୀ ଦିଲ୍ଲୀପ କିଶୋର ବେହେରା ୯୪ ଖଣ୍ଡ ଭୋଟ ପାଇଥିଲେ। ପ୍ରମୋଦ କୁମାର ନାୟକଙ୍କୁ ୧୫୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଘୋଷିତ କରାଯାଇଥିଲା। ସମ୍ପାଦକ ପ୍ରାର୍ଥୀ ଭାବେ ସୁରଜ କୁମାର ବାରିକ ୨୭୪ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟମ ପ୍ରତିଦ୍ୱନ୍ଦୀ ଅୟସକାନ୍ତ ସାମଲ ୭୨ ଖଣ୍ଡ ଭୋଟ ପାଇଥିଲେ। ସୁରଜ କୁମାର ବାରିକଙ୍କୁ ୨୦୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଘୋଷିତ କରାଯାଇଥିଲା। ମୋଟ ୧୦ ଖଣ୍ଡ ଭୋଟ ନାକଚ ହୋଇଥିବା ଜଣାପଡିଛି। ଅନ୍ୟ ଦୁଇ ପ୍ରାର୍ଥୀ ପୂର୍ବରୁ ନିର୍ଦ୍ୱନ୍ଦରେ ବିଜୟ ଲାଭ କରିଛନ୍ତି।

# ବିଜେପି ପକ୍ଷରୁ ସାମୂହିକ ବନ୍ଦେମାତରମ୍ ଗାନ ଓ ସାଂସଦଙ୍କ ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମ



**ସାଲେପୁର,୨୩।୧୧ (ସଂଚାର ବ୍ୟୁରୋ):** ଆଜି ସାଲେପୁର ବିଜେପି ପକ୍ଷରୁ ସାମୁହିକ ବନ୍ଦେମାତରମ୍ ଗାନ ଓ ସାଂସଦଙ୍କ ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମ ବାଲିସାହି ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଲେପୁର ନିର୍ବାଚନ ମଣ୍ଡଳୀର ୬ଗୋଟି ମଣ୍ଡଳର ସଭାପତି ଓ ଆଗଧାଡ଼ିର କର୍ମକର୍ତ୍ତାମାନଙ୍କୁ ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଗୁରୁମନ୍ତ୍ର ଦେବା ସହ ଆଗାମୀ ଦିନରେ ସାଲେପୁର ନିର୍ବାଚନ ମଣ୍ଡଳୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ବିକାଶର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ବିଜେପି ସଂଗଠନକୁ ତୃଣମୂଳରୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ସାଂସଦ ଶ୍ରୀ ପଣ୍ଡା ଆତ୍ମନିର୍ଭରଶୀଳ ଭାରତ ସଂକଳ୍ପ ଅଭିଯାନ ଓ ବିଧାନସଭା ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗଦେଇ ସାମୁହିକ ବନ୍ଦେ ମାତରମ୍ ଗାନ କରାଯାଇ ପ୍ରତି ଘରେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାପାଇଁ ଶପଥ ପାଠ କରାଇଥିଲେ।

ପ୍ରଥମେ ସାଂସଦ ଶ୍ରୀ ପଣ୍ଡା ହେଲିକପ୍ଟର ଯୋଗେ ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଅବତରଣ କରିବାପରେ ଶତାଧିକ ବିଜେପି କର୍ମୀ ଏକ ଶୋଭାଯାତ୍ରାରେ ବାଲିସାହି ପଞ୍ଚାୟତ ମଣ୍ଡପକୁ ନେଇଥିଲେ। ସେଠାରେ ସାଂସଦ ଶ୍ରୀ ପଣ୍ଡା ଟିଫିନ୍ ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେବାପରେ ବନ୍ଦେ ମାତରମ୍ ୧୫୦ବର୍ଷ ଉତ୍ସବ ପାଳନ ଅବସରରେ ବିକସିତ ଆତ୍ମନିର୍ଭରଶୀଳ ଭାରତ ଓ ସଂକଳ୍ପ ଅଭିଯାନ ବିଧାନସଭା ସମ୍ମିଳନୀ କାର୍ଯ୍ୟକ୍ରମରେ ଯୋଗଦେଇ ସାମୁହିକ ବନ୍ଦେମାତରମ୍ ଗାନ କରିବା ସହ ଶପଥ ପାଠ କରାଇଥିଲେ।

# ମାର୍ଶାଘାଇ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ

**ମାର୍ଶାଘାଇ,୨୩।୧୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱିଦିବସୀୟ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପୀନାଥ ବେହେରା, ବିଦ୍ୟାମନ୍ଦିର ପରିଚାଳନା କମିଟିର ପ୍ରାକ୍ତନ ସଭାପତି ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ରନାଥ ଦାସ, ସାମ୍ବାଦିକ ହିମାଂଶୁ ଶେଖର ନାୟକ, ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ଜେନା,କମିଟି ସଦସ୍ୟା ମମତା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ରମାକାନ୍ତ ବେଉରାଙ୍କ ସଭାପତିତ୍ୱ କରିଥିବା ବେଳେ କ୍ରୀଡା ଶିକ୍ଷକ ଯୋଗେନ୍ଦ୍ରନାଥ ପ୍ରଧାନ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ । ବିଦ୍ୟାମନ୍ଦିରର ସହ-ପ୍ରଧାନଆଚାର୍ଯ୍ୟ ଅନାଦି ଚରଣ ସ୍ୱାଇଁ, ଆଚାର୍ଯ୍ୟ ଉମେଶ ଚନ୍ଦ୍ର ସାହୁ, ଅଶୋକ କୁମାର ମଲ୍ଲିକ, କାର୍ତ୍ତିକ ବେହେରା, ପୁଷ୍ପଲତା ରଥ, ଗୀତାଞ୍ଜଳି ସ୍ୱାଇଁ, ଜ୍ୟୋସ୍ନାମୟୀ ଦାସ ପ୍ରମୁଖ କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**କେନ୍ଦ୍ରାପଡା,୨୩।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଚିତ୍ରାଙ୍କନ ପ୍ରତିଯୋଗିତା କୁ ମାନ୍ୟବର ଜିଲ୍ଲା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷା ଶ୍ରୀମତୀ ଲୁନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ କେନ୍ଦ୍ରାପଡା ଜିଲ୍ଲାର ସରକାରୀ ଓ ବେସରକାରୀ ବିଦ୍ୟାଳୟର ୯୯ ପ୍ରତିଯୋଗୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ଜଜ (ପୋକ୍ସୋ) ଶ୍ରୀମତୀ ପ୍ରଜ୍ଞା ପରମିତା ରାଉଳ, ସିନିୟର ସିଭିଲ ଜଜ ଅନ୍ନପୂର୍ଣ୍ଣା ନାୟକ, ରେଜିଷ୍ଟ୍ରାର ସୁଦିପ କୁମାର ଦାସ, ଅତିରିକ୍ତ ସିନିୟର ସିଭିଲ ଜଜ ଶୁଭଗୌତମ ମିଶ୍ର, ଜେଏମଏଫସି କଗ ଟେକିଂ ସସ୍ମିତା ସାହୁ, ଜେଏମଏଫସି ଦେବାଶିଷ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏନ୍‌ସିସି ଦିବସ ପାଳିତ



**ଖୋର୍ଦ୍ଧା,୨୩।୧୧ (ସଂଚାର ବ୍ୟୁରୋ):** ଭାରତବର୍ଷର ଅବସ୍ଥିତି ଓ ସାଂପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଏନସିସି ଶିକ୍ଷାର ଗୁରୁତ୍ୱ ବେଶି ବୋଲି ୭୭ ତମ ଏନସିସି ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଷଷ୍ଠ ଆଇଆରବି ବାଟାଲିୟନର କମାଣ୍ଡାଣ୍ଟ ବସନ୍ତ କୁମାର ନାୟକ କହିଥିଲେ। ୧୯୪୮ ମସିହା ପାର୍ଲିଆମେଣ୍ଟାରି ଆଇନ ବଳରେ ଗଠିତ ଏନ.ସି.ସି.ଛାତ୍ର ସମାଜ ମଧ ରେ ଦେଶପ୍ରେମ ଓ ଆତ୍ମନିର୍ଭରଶୀଳତା ପ୍ରତିଷ୍ଠା କରିବାରେ ସହାୟକ ହେଉଛି । ଏହି ବର୍ଣ୍ଣାଢ଼୍ୟ ସମାବେଶରେ ମୁଖ୍ୟ ଅତିଥି କମାଣ୍ଡାଣ୍ଟ ଶ୍ରୀଯୁକ୍ତ ନାୟକ ଅଂଶ ଗ୍ରହଣ କରିଥିବା ପ୍ରାଣନାଥ କଲେଜ, ଗାନ୍ଧି ଇଞ୍ଜିନିୟରିଂ କଲେଜ ଓ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟର ଏନସିସି ଛାତ୍ରଛାତ୍ରୀ ମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟତମ ଅତିଥଭାବେ କଲେଜ ପରିଚାଳନା କମିଟିର ସଭାପତି ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ। ପୂର୍ବତନ ଏନ.ସି.ସି. ଛାତ୍ର ଡ଼କ୍ଟର ଶମ୍ଭୁ ଦତ୍ତ ସ୍ୱାଇଁ ଙ୍କ ନିର୍ଦ୍ଦେଶନାରେ ତାଙ୍କ କନ୍ୟାଙ୍କ ଦ୍ୱାରା ପ୍ରଦର୍ଶିତ ଓଡିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି ପୁର୍ବତନ ଏ.ନ.ସି.ସି.ଛାତ୍ରୀ ପ୍ରୀତି ମହାପାତ୍ର ସୁଦୂର ବାଙ୍ଗାଲୋରରୁ ଆସି ରାମାୟଣର ଧୀବର ପ୍ରସଙ୍ଗ ଉପରେ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ଆକର୍ଷିତ କରିଥଲେ । ଆଲୁମୁନି କବିରାଜ ପ୍ରଧାନ ଓ ତାଙ୍କ ସାଥିକଳାକାର ମାନଙ୍କ ଦ୍ୱାରା ପାଇକ ନୃତ୍ୟ ସମସ୍ତଙ୍କୁ ବାନ୍ଧି ରଖିଥିଲା । କଲେଜ ର ଏନ.ସି.ସି ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସମ୍ବଲପୁରୀ ଓ ରାଜସ୍ଥାନୀ ନୃତ୍ୟ ପରିବେଷଣ କରାଯାଇଥିଲା ।

# ନିଗିନିପୁରରେ ୭୧ ୟୁନିଟ୍ ରକ୍ତ ସଂଗୃହୀତ



**ପଟ୍ଟାମୁଣ୍ଡାଇ,୨୩।୧୧ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ ନିଗିନପୁର ନୃସିଂହଜୀଉ ନୋଡାଲ ବିଦ୍ୟାଳୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସ୍ୱାମୀ ବିବେକାନନ୍ଦ ଯୁବ ସମାଜ, ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ, ଏଚଡିଏଫଡସି ବ୍ୟାଙ୍କ୍ ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଓ ସମ୍ବାଦ ଆମ ଓଡ଼ିଶା ମିଳିତ ସହଯୋଗରେ ଏକ ନିଆରା ଢଙ୍ଗରେ ମେଗା ରକ୍ତ ଦାନ ଶିବିର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ବିଭିନ୍ନ ଗ୍ରାମରୁ ରକ୍ତଦାତା ମାନେ ଆସି ସ୍ୱତଃ ପ୍ରବୃତ୍ତ ଭାବେ ରକ୍ତଦାନ ମହୋତ୍ସବରେ ଉପସ୍ଥିତ ରହି ରକ୍ତଦାନ କରିଥିଲେ। ଏହି ରକ୍ତଦାନ ମହୋତ୍ସବରୁ ମୋଟ୍ ୭୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇ କଟକ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ କୁ ହସ୍ତାନ୍ତର କରାଯାଇଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ଘରୁ ଜଣେ ଜଣେ ରକ୍ତଦାତା ସୃଷ୍ଟି କରିବା ସହିତ ଆବଶ୍ୟକ ସମୟରେ ରକ୍ତାଭାବ ରୁ କାହାର ଜୀବନ ନଯିବା ଲକ୍ଷ୍ୟରେ ଏହି ମହୋତ୍ସବ ଅନୁଷ୍ଠିତ କରାଇ ଆସୁଛନ୍ତି ସଦସ୍ୟମାନେ। ଏହି ମହୋତ୍ସବରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଆଇଆଇସି ଶ୍ରୀକାନ୍ତ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।

## ଅଇନିପଡା-ପଛପଡା ଗାଁ ଉତ୍ସବ ଦ୍ୱିତୀୟ ସନ୍ଧ୍ୟା



# ନାରୀଙ୍କ ବିକାଶ ବିନା ସମାଜର ସାମଗ୍ରିକ ବିକାଶର ସ୍ୱପ୍ନ ଅଧୁରା

**ପଟ୍ଟାମୁଣ୍ଡାଇ,୨୩।୧୧ (ସଂଚାର ବ୍ୟୁରୋ):** ସାମ୍ପ୍ରତିକ ସମୟରେ ନାରୀମାନେ ବିଭିନ୍ନ କ୍ଷେତ୍ରରେ ନିଜର ସଫଳତା ଓ ପରାକାଷ୍ଠା ପ୍ରଦର୍ଶନ କରି ସାମାଜିକ ବିକାଶର ସୂତ୍ରଧର ପାଲଟି ଯାଇଛନ୍ତି ନାରୀମାନଙ୍କ ବିକାଶ ବିନା ସମାଜର ସାମଗ୍ରିକ ବିକାଶର ସ୍ୱପ୍ନ ଅଧୁରା ରହିବ ବୋଲି ଅଇନିପଡ଼ା ପଛପଡ଼ା ଗାଁ ଉତ୍ସବ 'ବସୁଧା'ର ପଞ୍ଚଦଶ ସଂସ୍କରଣର ଦ୍ୱିବିତୀୟ ସନ୍ଧ୍ୟାରେ ଯୋଗ ଦେଇ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ଏଇ ଅବସରରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଆୟୋଜିତ କୁଇଜ ପ୍ରତିଯୋଗିତା 'ଶକ୍ତି ରୂପେଣ ସଂସ୍ଥିତା' କାର୍ଯ୍ୟକ୍ରମରେ ଯୋଗ ଦେଇ ଅତିଥିମାନେ ଦେଶର ବିକାଶରେ ମହିଳାମାନଙ୍କ ଉଲ୍ଲେଖ ନୀୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ସାହିତ୍ୟିକା ଧରିତ୍ରୀ ପାଣିଗ୍ରାହୀ, ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡ଼ା ଓ ୱାର୍ଡସଭ୍ୟା ପୁଷ୍ପାଞ୍ଜଳି ମହାରଣା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ବିଜୟୀମାନଙ୍କୁ ପୁରସ୍କୃତ କରିଥିଲେ। ଶକ୍ତି ରୁପେଣ ସଂସ୍ଥିତା କାର୍ଯ୍ୟକ୍ରମରେ ଅଇନିପଡାର ବିନାୟକ ସ୍ୱୟଂ ସହାୟକ ଗୋଷ୍ଠୀ ଚମ୍ପିୟାନ ଟ୍ରଫି ହାସଲ କରିଥିବାବେଳେ ଓମ ନମଃ ଶିବାୟ ଏସ ଏସ ଜି ଗୋଷ୍ଠୀ ସିଦ୍ଧ ମହାପୁରୁଷ ଏସ ଏସ ଜି ଗୋଷ୍ଠୀ ଓ ଅଇନିପଡା - ପଛପଡା ପ୍ରକଳ୍ପ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଯୁଗ୍ମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ୧୦ଜଣ ବ୍ୟକ୍ତିଗତ ଭାବେ ସୁପର କୁଇଜ ବିଜେତା ହୋଇଥିଲେ।

# ଉପକୂଳବର୍ତ୍ତୀ ଅଞ୍ଚଳ ଦେଖିବ ବିକାଶ

## ପର୍ଯ୍ୟଟନ ବିଭାଗ ତରଫରୁ କୋଟି କୋଟି ଟଙ୍କାର ପ୍ରକଳ୍ପ ଅନୁଦାନ

## ବିଭିନ୍ନ ମହଲରୁ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା



**କାକଟପୁର/ଅସ୍ତରଙ୍ଗ,୨୩।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ ନିକଟ ଭବିଷ୍ୟତରେ ରାଜ୍ୟ ତଥା ଦେଶର କୋଣ ଅନୁକୋଣରୁ ପର୍ଯ୍ୟଟକ ମାନଙ୍କ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିବ। ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ତରଫରୁ କୋଣାର୍କ, କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳର ବିକାଶ ତଥା ପର୍ଯ୍ୟଟନ କ୍ଷେତ୍ରକୁ ସୁଦୃଢ଼ କରିବାକୁ କୋଟି କୋଟି ଟଙ୍କାର କାର୍ଯ୍ୟ ଅନୁମୋଦନ କରିଛନ୍ତି। ଯାହାକି ରବିବାର ଅପରାହ୍ନରେ କାକଟପୁରରେ କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଓ ଜଗତସିଂହପୁର ସାଂସଦ ଯଙ୍କ ସ୍ୱାସ୍ଥ୍ୟ ବିଭାଗ ପୁରୀ ଜିଲ୍ଲା ପ୍ରତିନିଧି ରାକେଶ କୁମାର ବିଶ୍ୱାଳ ଏକ ଖବର ଦାତା ସମ୍ମିଳନୀ କରି ମତ ଦେଇଛନ୍ତି। ଯେପରିକି ଅସ୍ତରଙ୍ଗ ଅଞ୍ଚଳ ବିକାଶ ପାଇଁ କୁହୁଡି ଲବଣ ସତ୍ୟାଗ୍ରହ ପୀଠ ଉର୍ନ୍ନତି କରଣ ପାଇଁ ୫କୋଟି ଟଙ୍କା, ଅସ୍ତରଙ୍ଗ ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ ପାଇଁ ୧୧୨କୋଟି ଟଙ୍କା, କାକଟପୁର ବାସିନୀ ମା ମଙ୍ଗଳା ମନ୍ଦିର ଉନ୍ନତିକରଣ ପାଇଁ ୧୨୦କୋଟି ଟଙ୍କା ଘୋଷଣା କରିଥିବା ବେଳେ ମନ୍ଦିର ଗର୍ଭଗୃହ, ରୋଷଶାଳା, ପାର୍କିଂ, ଆଲୋକୀ କରଣ ସହ ମା ଙ୍କ ପୀଠକୁ ଆସୁଥିବା ବାଟରେ ୪ଟି ସୁଉଚ୍ଚ ସ୍ୱାଗତ ତୋରଣ ସହ ମନ୍ଦିର କାରୁକାର୍ଯ୍ୟ ହେବ। ସେହିପରି ବାଲିକପିଳେଶ୍ୱର ମନ୍ଦିର ଉର୍ନ୍ନତି କରଣ ପାଇଁ ୧କୋଟି, ସମେଶ୍ୱର ମନ୍ଦିର ଉର୍ନ୍ନତି କରଣ ପାଇଁ ୧କୋଟି ୪୦ଲକ୍ଷ ସମେତ କାକଟପୁର ନିର୍ବାଚନ ମଣ୍ଡଳୀରେ ସାଗର ମାଳା ପ୍ରକଳ୍ପ, କୋଣାର୍କ କୁ ରେଲୱେ ଷ୍ଟେସନ, ଗଙ୍ଗାଦେବୀ ମୁହାଁଣ ଉର୍ନ୍ନତି କରଣ, କୋଣାର୍କ ରେ ଲାଇଟ ଆଣ୍ଡ ସାଉଣ୍ଡ ଶୋ କାର୍ଯ୍ୟକ୍ରମ ଅନୁଦାନ ଘୋଷଣା କରିଥିବାରୁ ଉପମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ପ୍ରଶଂସା କରିଛନ୍ତି।

## ସାମ୍ବାଦିକ ସମ୍ମିଳନୀକୁ ସାନ ଘଡେଇଙ୍କ ଡର

ସାମ୍ବାଦିକ ସମ୍ମିଳନୀକୁ କୁଆଡେ ସାନ ଘଡେଇଙ୍କର ଭାରି ଡର। ଫୋନ୍‌କରି ଡାକିଲେ ବି ଆସିବାକୁ ନାନାଦି ବାହାନା ଦେଖାଇ ଖସିଯାଉଛନ୍ତି। ଜଣେ ଶଙ୍ଖ ଭକ୍ତ ଏକା ସ୍ୱରରେ ଏତକି କହିବାପରେ ଆମେ ଟିକେ ଅଟକାଇ କଥାଟା କ'ଣ ପଚାରିଦେଲୁ। ତହୁଁ ଭକ୍ତ ଜଣଙ୍କ କହିଲେ, ନୂଆପଡା ନିର୍ବାଚନ ହାରିବାର ପରଦିନ ଶଙ୍ଖଭବନରେ ସାମ୍ବାଦିକ ସମ୍ମିଳନୀଟିଏ ଡକାଯାଇଥିଲା। ସାନ ଘଡେଇ ମାନେ ବାବୁ ପ୍ରତିରଞ୍ଜନ ଘଡାଇ ସାମ୍ବାଦିକମାନଙ୍କୁ ସମ୍ବୋଧନ କରିବେ ବୋଲି ସ୍ଥିର ହେଉଥିବାପରେ ତାଙ୍କ ଖବର ଦିଆଗଲା। ଦିନ ୧୦ଟା ସୁଦ୍ଧା ପହଞ୍ଚିଲେ ୧୨ଟାରେ ସାମ୍ବାଦିକ ସମ୍ମିଳନୀ ହେବ ବୋଲି କୁହାଗଲା। ବାବୁ ବି ମୁଣ୍ଡ ଟୁଙ୍ଗାରିଲେ। ହେଲେ ଏହାପରେ ଆଉ ଫୋନ୍ ଧରିଲେ ନାହିଁ। ସାମ୍ବାଦିକ ସମ୍ମିଳନୀ ଦିନ ୧୦ଟା ବାଜିବାକୁ ଶଙ୍ଖଭବନରୁ ଫୋନ୍ ପରେ ଫୋନ୍ ଗଲା। ହେଲେ ବାବୁ ଆଉ ଧରୁନଥାନ୍ତି। ଫୋନ୍ କାଟି ଦେଲେଣି। ଏଣେ ସାମ୍ବାଦିକମାନେ ଜଣଙ୍କ ପରେ ଜଣେ ଆସି ପହଞ୍ଚିବାରେ ଲାଗିଥାନ୍ତି କିଏ କହିବ କିଏ କହିବ ଆଲୋଚନା ଭିତରେ ସେଠାକୁ ଆସିଥିବା ଅତନୁ ବାବୁଙ୍କ ଉପରେ ନଜର ପଡିଲା। ତୁରନ୍ତ କୁହାଗଲା ସାମ୍ବାଦିକ ସମ୍ମିଳନୀରେ ବସିବାକୁ ହେବ। ଅତନୁ ବି ପରିସ୍ଥିତି ଦେଖି ନାଁ କହିପାରିଲେ ନାହିଁ। ନିଜ ବିଦ୍ୟା ବୁଦ୍ଧି ଖଟେଇ ସାମ୍ବାଦିକ ସମ୍ମିଳନୀକୁ ସମ୍ଭାଳି ନେଲେ। ହେଲେ ସାନ ଘଡାଇ କୁଆଡେ ଗଲେ ଖୋଜା ପଡିଲା। ସାମ୍ବାଦିକ ସମ୍ମିଳନୀ ସରିବାର କିଛି ସମୟ ପଟେ କୁଆଡେ ସାନ ଘଡେଇ ଫୋନ କରିଥିଲେ। କାହିଁକି ଆସିଲେ ନାହିଁ ବୋଲି ସଫେଇ ଦେଲା ବେଳକୁ ଏପଟରେ ଥିବା ବାବୁ କୁଆଡେ ଫୋନ୍ କାଟିଦେଇଥିଲେ। ଶଙ୍ଖଭକ୍ତ ଜଣଙ୍କ ଏତକ କଥା କହିବା ସହିତ ସାନଘଡେଇ କୁଆଡେ ମାମୁଁଙ୍କର ଗ୍ରିନ୍ ସିଗନାଲ ନପାଇବାରୁ ଆସିନଥିଲେ ବୋଲି ନିଜସ୍ୱ ମତ ଦେଇ ସେଠାରୁ ତୁରନ୍ତ ପଳାୟନ କଲେ।



## ରାଜଧାନୀରେ ରାମାୟଣର ଦୃଶ୍ୟ



ନୂଆପଡା ନିର୍ବାଚନ ପରେ ପରେ ରାଜଧାନୀବାସୀ କିଛି ଦେଖିବୁ ନଦେଖିବୁ ପୁରା ରାମାୟଣର ଦୃଶ୍ୟ ଦେଖିବାକୁ ପାଉଛନ୍ତି। କେତେବେଳେ ମଇଦାନକୁ ରାମ ଆସିଯାଉଛନ୍ତି ତ କେତେବେଳେ ବିଭୀଷଣ। ରାବଣ ବି କୁଆଡେ ହାରର ହେଉଥିବା ନେଇ ଆଲୋଚନା ଚାଲିଛି। ଏଭଳି ଆଲୋଚନା ସଂକ୍ରାନ୍ତ କାନରେ ଶୁଣିବାକୁ ଜଣାଗଲା ଯେ ନୂଆପଡା ବିଜୟରେ ରାମମନ୍ଦିର ନିକଟରେ ଭକ୍ତମାନେ ଏତେ ଖୁସି ଯେ ସବୁକିଛି ପ୍ରଭୁ ରାମଙ୍କ ଦୟାରୁ ହେଲା ବୋଲି କହି ବୁଲୁଛନ୍ତି। ନୂଆପଡାରୁ ରାଜଧାନୀ ପର୍ଯ୍ୟନ୍ତ ଜୟଶ୍ରୀରାମ ଧ୍ୱନିରେ କମ୍ପାଇ ଦେଉଛନ୍ତି। ଏପଟେ ରାମ ଅବତାରର ଗୁଣଗାନ ହେଉଥିବାବେଳେ ସେପଟେ ମାଷ୍ଟରକ୍ୟାଣ୍ଟିନ ଛକରେ ଭକ୍ତବାବୁ ବିଭୀଷଣ ଖୋଜିବାରେ ବ୍ୟସ୍ତ। ତାଙ୍କ ଦଳରେ ଥିବା ବିଭୀଷଣଙ୍କ ଯୋଗୁଁ ଦଳ ନୂଆପଡାରେ ହାରିଲା ବୋଲି କହିବାପରେ ଅନେକ ମାଷ୍ଟରକ୍ୟାଣ୍ଟିନ ଛକରେ ବିଭୀଷଣଙ୍କୁ ଖୋଜିବାରେ ଲାଗିଛନ୍ତି। ତେଣେ ବିଜେଡିର ବାବୁ ଦେବୀ ମିଶ୍ର ସିଧାସଳଖ କହୁଛନ୍ତି ତାଙ୍କ ଦଳରେ ବିଭୀଷଣ କେହିନାହାନ୍ତି। ସବୁ ଶୁଣିବାପରେ ବିଜେଡି କର୍ମୀମାନେ ଏବେ ତାଙ୍କ ଦଳରେ ରାବଣ ଥିବା କହି ବୁଲୁଛନ୍ତି। ରାବଣ ପାଇଁ ଲଙ୍କା ଧ୍ୱଂସ ହେଲା ଭଳିଆ ଶଙ୍ଖଭବନର ଅବସ୍ଥା ହେବ ବୋଲି କହିବାକୁ ପଛାଉ ନାହାନ୍ତି। ମାତ୍ର କେଇ ହାତ ଦୂରରେ ଥିବା ତିନି ଦଳର ଅଫିସର ଏଭଳି ରାମାୟଣ ଚିତ୍ରକୁ ନେଇ ଜୋରଦାର ଆଲୋଚନା ଚାଲିଥିବାବେଳେ ସୀତା, ହନୁମାନ ଆଦି ଚରିତ୍ରଙ୍କୁ ଏବେ ଲୋକେ ଖୋଜିବାରେ ଲାଗିଛନ୍ତି।

## ନଟବରଲାଲଙ୍କୁ ଖାକି ଚାପୁଡ଼ା



ସଚିବାଳକୁ ପ୍ରବେଶ କରୁ କରୁ ଜଣେ ଖାକି ବାବୁ ଦେଖାହେଲେ। କଥା ଛଳରେ କହିଲେ, ବୁଝିଲେ ଆଜ୍ଞା ଏବେ ଯେଉଁ ନଟବରଲାଲ ଧରାହୋଇ ଜେଲରେ ଅଛନ୍ତି ସିଏ ପରା ଆମ ବଡବାବୁଙ୍କ ଠାରୁ ଚାପୁଡାମାଡ ଖାଇଥିଲେ ଏଇ ସଚିବାଳୟ ଭିତରେ। ହଠାତ୍ ନଟବରଲାଲ ନାଁଟି ଶୁଣିବାପରେ ଆମେ ଟିକେ ଅଧିକ ଜାଣିବାକୁ ଚାହିଁବାରୁ ବାବୁ କହିଲେ, ନଟବରଲାଲ ହେଉଛନ୍ତି ଏବେ ନିକଟରେ ଧରାପଡିଥିବା ପାତ୍ର ବାବୁ। ବାବୁ ଯେତେବେଳେ ନୂଆ ନୂଆ ଧନ୍ଦାରେ ପଶିଥିଲେ ସେତେବେଳେ ବିନା ପାଶ୍‌ରେ ସଚିବାଳୟ ଭିତରେ ଆମ ବାବୁଙ୍କ ହାବୁଡରେ ପଡିଥିଲେ। ବାବୁଙ୍କୁ ଦେଖି ସ୍କୁଟର ଷ୍ଟାର୍ଟମାରି ପଳାଇବା ବେଳକୁ ବାବୁ ତାକୁ ଧରି ଦୁଇ ଚାପୁଡା ଦେଇଥିଲେ। କାକୁତି ମିନତି ହୋଇ ଏଭଳି ଆଉ କରିବେ ନାହିଁ ବୋଲି କହିବାପରେ ଛାଡ ପାଇଥିଲେ। ବାବୁ ଆମର ସିନା ଏବେ ଇନ୍ସପେକ୍ଟର ହୋଇଗଲେଣି, କିନ୍ତୁ ନଟବରଲାଲ ସେ ଚାପୁଡାକୁ ଭୁଲିନଥିବ। ତେବେ ନଟବରଲାଲର ଆଉ ଜଣେ ଯୋଡିଦାର ହେଉଛନ୍ତି ପାଣିଗ୍ରାହୀ ବାବୁ। ବାବୁ ଗୋଟିଏ ବଡ ଶିଳ୍ପସଂସ୍ଥାରେ ଏବେ ରାଜଧାନୀରେ କାର୍ଯ୍ୟରତ। ଅସଲରେ ବଡ ବଡିଆଙ୍କୁ ଏହି ପାଣିଗ୍ରାହୀ ବାବୁ ହିଁ ନଟବରଲାଲକୁ ଚିହ୍ନାଇଥିଲେ। ଏହାପରେ ନଟବରଲାଲ ଆଉ ପଛକୁ ଫେରି ଚାହିଁ ନଥିଲେ। ଅବଶ୍ୟ ତାଙ୍କର ଏଭଳି କାମରେ ସାଥ୍ ଦେଇଥିଲା ଦିଲ୍ଲୀର ଦ୍ୱାରକାରେ ଥିବା ତାଙ୍କର ବଙ୍ଗଳା। ସେଠାରେ ଯିଏ ଥରେ ଯାଇ ଆପ୍ୟାୟିତ ହୋଇଛି ସିଏ ନଟବରଙ୍କ ନଟେଇରୁ ଖସିପାରି ନାହିଁ। ତେବେ ଆମେ ପାଣିଗ୍ରାହୀ ବାବୁଙ୍କ ବିଷୟରେ ଅଧିକ ଜାଣିବାକୁ ଚାହିଁବାରୁ ଖାକି ଭାଇ ଜଣଙ୍କ କଥା ବାଆଁରେଇଦେଲେ।



## ସଚିବଙ୍କ ବାପ ମା' ସମ୍ବର୍ଦ୍ଧିତ

ନିଜର ବିଭାଗର ସଚିବଙ୍କୁ ଖୁସି କରିବାକୁ ଗୋଟିଏ ସରକାରୀ ସଂସ୍ଥାର ମୁଖିଆ ସୁଯୋଗ ଖୋଜୁଥିଲେ। ନିକଟରେ ତାଙ୍କୁ ଏହି ସୁଯୋଗ ମିଳିଛି। ସଚିବଙ୍କ ବାପ ମା'ଙ୍କୁ ତାରକା ହୋଟେଲକୁ ଡାକି ସମ୍ବର୍ଦ୍ଧିତ କରିଛନ୍ତି। ହାତରେ ଫୁଲତୋଡା ଦେଇ ବେକରେ ଗାମୁଛା ପକାଇଛନ୍ତି। ଏଥିରେ କୁଆଡେ ସଚିବ ଖୁସି ହୋଇ ତାଙ୍କ ଚାକିରିରେ କେହି ହାତ ମାରିପାରିବେ ନାହିଁ ବୋଲି କହିଛନ୍ତି। ସରକାରୀ ସଂସ୍ଥାର ମୁଖିଆ ଜଣଙ୍କ ଅଳ୍ପଦିନ ତଳେ ସଂସ୍ଥାରେ ନିଯୁକ୍ତ ହୋଇଥିଲେ। ସେ ଯେଉଁ ସଂସ୍ଥାରୁ ଆସିଛନ୍ତି ସେଠାରେ କୁଆଡେ ତାଙ୍କର ସେଭଳି ପ୍ରଦର୍ଶନ ସେଭଳି ଭଲ ନଥିଲା। ଏହା ସହିତ ବାବୁ ଜଣଙ୍କ ଯୋଗଦେବା ପରେ ସମ୍ପୃକ୍ତ ସଂସ୍ଥା ପାଉଁଶ ଠାରୁ ପୋଖରୀ ପର୍ଯ୍ୟନ୍ତ ବିଭିନ୍ନ ମାମଲାରେ ଛନ୍ଦିହୋଇ ଯାଉଛି। ଏଭଳି ଖବର ବିଭାଗୀୟ ସଚିବଙ୍କ ନିକଟରେ ପହଞ୍ଚିବା ପରେ ବାବୁଙ୍କୁ ବିଦା କରିବାକୁ ଯୋଜନା କରିଥିଲେ। ଖବରଟି ବାବୁଙ୍କ ନିକଟରେ ପହଞ୍ଚିବା ପରେ ସଚିବଙ୍କୁ ଖୁସି କରିବାକୁ ମଉକା ତଲାସରେ ଥିଲେ। ନିକଟରେ ସଂସ୍ଥାର ବାର୍ଷିକ ଉତ୍ସବରେ ସିଧା ସଳଖ ସଚିବଙ୍କ ପିତା ମାତାଙ୍କୁ ଡାକି ସମ୍ବର୍ଦ୍ଧିତ କରିଦେଲେ। ରାଜଧାନୀର ଗୋଟିଏ ତାରକା ହୋଟେଲରେ ଏଭଳି ସମ୍ବର୍ଦ୍ଧନା ଏବେ ରାଜଧାନୀରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଦୁଇଟି ଗାମୁଛାରେ ସଚିବ କେତେଦିନ ଖୁସି ହେଉଛନ୍ତି ତାହାକୁ ସଂସ୍ଥାର ଅନେକ କର୍ମଚାରୀ ଏବେ ଅନାଇ ରହିଛନ୍ତି।

## ଜ୍ୱାଇଁଙ୍କ ସଂସ୍ଥାକୁ ମାସକୁ ଲକ୍ଷେ



ଜ୍ୱାଇଁଙ୍କର ନୂଆଦିଲ୍ଲୀରେ ଗୋଟିଏ ସଂସ୍ଥା ଅଛି। ସେହିସଂସ୍ଥା କୁଆଡେ ବିଜ୍ଞାପନ ଦିଆ ନିଆ କାର୍ଯ୍ୟ କରେ। ଉକ୍ତ ସଂସ୍ଥାକୁ ରାଜ୍ୟର ଗୋଟିଏ ଶକ୍ତି ସଂସ୍ଥାରୁ ମାସକୁ ଲକ୍ଷେ ଟଙ୍କା ଦିଆଯାଉଛି। ଏହି ଟଙ୍କା ପ୍ରତିମାସରେ ଯାଉଥିଲେ ମଧ୍ୟ କ'ଣ ପାଇଁ ଯାଉଛି ଓ କିଏ ନେଉଛି ଦେଉଥିବା ଲୋକେ ଜାଣିପାରୁ ନାହାନ୍ତି। ଏଭଳି ଏକ ଆଲୋଚନା ସଚିବାଳୟରେ ଚାଲିଥିବାବେଳେ ଆମ କାନରେ ପଡିଲା। ଆଲୋଚନା କରୁଥିବା ବାବୁଙ୍କୁ ପଚାରିବାରୁ ସେ କହିଲେ ଯେ ଜନୈତିକ ବରିଷ୍ଠ ନେତାଙ୍କ ଜ୍ୱାଇଁଙ୍କର ଦିଲ୍ଲୀରେ ଗୋଟିଏ ସଂସ୍ଥା ରହିଛି। ସେହି ସଂସ୍ଥାକୁ ପ୍ରତିମାସରେ ଶକ୍ତି ଉତ୍ପାଦନ କରୁଥିବା ଗୋଟିଏ ସଂସ୍ଥାରୁ ଟଙ୍କା ଯାଉଛି। ଏହି ଟଙ୍କା ଯିଏ ପଠାଉଛନ୍ତି ସିଏ ବି ଜାଣିପାରୁ ନାହାନ୍ତି ଯେ କ'ଣ ପାଇଁ ସେ ଏହି ଅର୍ଥ ଦେଉଛନ୍ତି। କିନ୍ତୁ ତାଗିଦା ଅନୁଯାୟୀ ପ୍ରତିମାସରେ ପଠାଇବାକୁ ପଡୁଛି। କଥାଟି ଶିଳ୍ପାଞ୍ଚଳରୁ ଆସି ଲୋକସେବା ଭବନରେ ପହଞ୍ଚିବା ପରେ ଫୁଟିଆରା ହୋଇଛି। ଜ୍ୱାଇଁଙ୍କ ପାଇଁ ନେତାଙ୍କ ନିର୍ଦ୍ଦେଶ ମାନୁଥିବା ବାବୁମାନେ କିନ୍ତୁ ଏକ ପ୍ରକାର ନାଚାର। ପୂର୍ବରୁ ଏହି ବାବୁମାନେ ସମ୍ପୃକ୍ତ ନେତାଙ୍କୁ ବିଭିନ୍ନ ଭେଟି ଦେଇଛନ୍ତି। ବାବୁଙ୍କୁ ସନ୍ତୁଷ୍ଟ କଲାପରେ ଏବେ ଜ୍ୱାଇଁଙ୍କୁ ସନ୍ତୁଷ୍ଟ କରିବାକୁ ପଡୁଛି। ତେବେ ଆଲୋଚନା କରୁଥିବା ବାବୁ ଜଣଙ୍କ କହିଲେ, ଟଙ୍କା ପାଉଥିବା ସଂସ୍ଥାର ମାଲିକ ସତରେ ନେତାଙ୍କ ଜ୍ୱାଇଁ କି ନୁହେଁ ତାହାର ଅନୁସନ୍ଧାନ ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତ ସୂଚନା ମିଳିଯିବ।

### ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ଶ୍ରମ, ସଂଘର୍ଷ ଏବଂ ଦଳୀୟ ଆତ୍ମାର ସମ୍ମିଳିତ ଫଳ

- ଅନୁରାଗ ଏଫ୍‌ସି, ଶୁଆକାଟୀ ବିଜୟୀ, ରିଷି ଫାଇଟର, ଝୁମ୍ପୁରା ରନର୍ସ ଅପ
- ଏବେ କ୍ରୀଡ଼ା ପାଇଁ ଓଡ଼ିଶାର ମର୍ଯ୍ୟାଦା ଅଧିକ ସୁଦୃଢ଼ ହୋଇଛି
- ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ସରକାର ଚେଷ୍ଟିତ



**ଭୁବନେଶ୍ୱର, ୨୩।୧୧ (ସଂଚାର ବ୍ୟୁରୋ):** କେନ୍ଦୁଝରର ରାଇକଳା ଠାରେ ଆୟୋଜିତ ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଅନୁରାଗ ଏଫ୍‌ସି, ଶୁଆକାଟୀ ଦଳକୁ ପୁରସ୍କୃତ କରିବା ସହିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ।

ସୂଚନା ଯୋଗ୍ୟଯେ, ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତ ୧୨ ତାରିଖ ଠାରୁ ରାଇଜିଂ ଷ୍ଟାର, ରାଇକଳା ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏହାର ଫାଇନାଲ ମ୍ୟାଚ ଆଜି ଅନୁରାଗ ଏଫ୍‌ସି, ଶୁଆକାଟୀ ଏବଂ ରିଷି ଫାଇଟର, ଝୁମ୍ପୁରା ମଧ୍ୟରେ ହୋଇଥିଲା। ରନର୍ସ ଅପ ରିଷି ଫାଇଟର, ଝୁମ୍ପୁରାକୁ ୧. ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଳିଙ୍ଗ କପ ହେଉଛି ଶ୍ରମ, ସଂଘର୍ଷ, ଏବଂ ଦଳୀୟ ଆତ୍ମାର ସମ୍ମିଳିତ ଫଳ। ଏହା ଆମକୁ ଶିଖାଏ- ଖେଳ କେବଳ ଶାରୀରିକ କ୍ରିୟାନୁଷ୍ଠାନ ନୁହେଁ, ବରଂ ଏକ ଜୀବନ ଶୈଳୀ, ଏକ ମନୋଭାବ। ଦଳୀୟ ଆତ୍ମା, ସମୟନୁଷ୍ଠାନ, ଶିଷ୍ଟାଚାର ଓ ସମ୍ମାନ- ଏହି ସବୁ ହେଉଛି ଏହି ପ୍ରତିଯୋଗିତାର ପ୍ରକୃତ ଲକ୍ଷ୍ୟ। କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ। ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ବିଗତ ଦିନରେ ଓଡିଶା ଦ୍ୱାରା ଓଡ଼ିଶା ଇଣ୍ଡିଆନ୍ ସୁପର ଲିଗ୍, କଳିଙ୍ଗ ସୁପର କପ୍, ବିଏଫଡବ୍ଲ୍ୟୁ ଓଡ଼ିଶା ମାଷ୍ଟର୍ସ (ବ୍ୟାଡମିଣ୍ଟନ୍), ଏଫଆଇଏଚ ହକି ପ୍ରୋ ଲିଗ୍ ଆଦି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ ସଫଳତାର ସହିତ ଆୟୋଜନ ହୋଇଛି ; ଭାରତରେ କ୍ରୀଡା ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଓଡିଶାର ମର୍ଯ୍ୟାଦା ଅଧିକ ସୁଦୃଢ଼ ହୋଇଛି । ଗୋଷ୍ଠୀସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଭାବରେ ସି.ଏମ୍. ଟ୍ରଫି ଶୁଭାରମ୍ଭ କରାଯାଇଛି । ଗ୍ରାମୀଣ ପ୍ରତିଭା ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ବାଲି ଚୋରାଚାଲାଣ: ୯ ହାଇୱା ଜବତ



**ବଣାଇଗଡ଼,୨୩।୧୧(ସଂଚାର ବ୍ୟୁରୋ):** ବଣାଇଁ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଶଯ୍ୟାର ବନେଇକଳା ଘାଟରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବା ବେଳେ ୯ ଟି ହାଇୱା ଗାଡ଼ିକୁ ଜବତ୍ କରିଛି ବଣାଇଁ ପୁଲିସ। ଗତ କିଛିଦିନ ତଳେ ବାଲି ଚୋରାଚାଲାଣ ରୋକିବାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ବିଭାଗ ଓ ପୁଲିସ ତତ୍ପର ହୋଇ ଉଠିଛନ୍ତି। ଗତକାଲି ରାତିରେ ବଣାଇଁ ପୁଲିସ ପକ୍ଷରୁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ରାତ୍ରୀକାଳିନ ପାଟ୍ରୋଲିଂରେ ବାହାରି ଥିବା ବେଳେ ବଣାଇଁ ବ୍ରାହ୍ମଣୀ ନଦୀ ଶଯ୍ୟାର ବିଭିନ୍ନ ବାଲି ଘାଟ ଗୁଡ଼ିକରେ ଅତର୍କିତ ଚଢ଼ାଉ କରିଥିଲେ। ଏହି ସମୟରେ ଲିଜଧାରୀ ଦୁର୍ଗା ମାଧବ ମିଶ୍ରଙ୍କ ନାଁରେ ଥିବା ବନେଇକଳା ଘାଟରୁ ୯ ଟି ହାଇୱାରେ ବାଲି ବୋଝେଇ ହୋଇ ପରିବହନ ନିମନ୍ତେ ଯିବାବେଳେ ପୁଲିସ ସମସ୍ତ ଗାଡି ଗୁଡ଼ିକୁ ଅଟକ ରଖି କାଗଜ ପତ୍ର ଯାଞ୍ଚ୍ କରିଥିଲା। ଗାଡ଼ିରେ ଚାଲାଣ କାଗଜପତ୍ର ବୈଧ ନଥିବା ବେଳେ ସେସବୁ ଗାଡି ଗୁଡ଼ିକ ନକଲି ଟିପି ବ୍ୟବହାର କରି ବାଲି ଚୋରାଚାଲାଣ କରୁଥିବା ଜଣାପଡ଼ିଥିଲା। ଯାହା ଫଳରେ ପୁଲିସ ସବୁ ଗାଡି ଗୁଡ଼ିକୁ ଜବତ କରି ବଣାଇଁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି। ବିଳମ୍ବିତ ରାତିରେ କେତେକ ଡ୍ରାଇଭର ଗାଡି ଗୁଡ଼ିକ ନେଇ ଫେରାର ହେବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଗୋଡେଇ ଧରିଥିଲା। ଏପରିକି ବନେଇକେଲାରୁ ବଣାଇଁ ଥାନାକୁ ଆସିବା ବେଳେ ଜଣେ ଡ୍ରାଇଭର ଜକେଇକଳା ନିକଟରେ ଗାଡ଼ିକୁ ଅଟକାଇ ଲକ୍ କରି ଫେରାର ହୋଇଯାଇଥିବା ବେଳେ ସେଠାରେ ଜଣେ ପୁଲିସ ଗାଡିଟିକୁ ଜଗି ରହିଥିବା ଜଣାପଡିଛି। ସମସ୍ତ ଗାଡି ଗୁଡ଼ିକ ଦେବଗଡ ଅଞ୍ଚଳର ହୋଇଥିବା ବେଳେ ଏବେ ମାଲିକମାନଙ୍କ ମନରେ ଛନକା ପଶିଯାଇଛି।

## ନଗଦ ୧୮ ଲକ୍ଷ ସହ ଲୁଟିନେଲେ ଗହଣା

**ଆଠଗଡ଼ ୨୩।୧୧ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା କାନପୁର ଥାନା ହଟିଆପଲ୍ଲୀ ଗାଁରେ ଲୁଟ୍। ଗାଁର କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ଘରୁ ବିଳମ୍ବିତ ରାତିରେ ୬ରୁ ୭ ଜଣ ଦୁର୍ବୃତ୍ତ ୧୮ ଲକ୍ଷ ଟଙ୍କା ସହ ସୁନା ଗହଣା ଚୋରି କରି କରିଛନ୍ତି। ଏହି ଲୁଟ୍ ନେଇ କାନପୁର ଥାନାରେ ଅଭିଯୋଗ ହୋଇଛି। ଖବର ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କୈଳାସ ପୃଷ୍ଟିଙ୍କ ଝିଅ ପାଠ ପଢୁଥିବା ସମୟରେ ହଠାତ୍ ଦୁର୍ବୃତ୍ତମାନେ ଘର ଭିତରେ ପଶିଯାଇଥିଲେ। ଏହାପରେ ମାରଣାସ୍ତ୍ର ଦେଖାଇ କୈଳାସ ପୃଷ୍ଟି ଏବଂ ତାଙ୍କ ପତ୍ନୀଙ୍କଠାରୁ ସୁନା ଅଳଙ୍କାର ଚୋରିକରି ନେଇଛନ୍ତି। ଦୁର୍ବୃତ୍ତମାନେ ଲୁଟ୍ କରିଥିବା ମଧ୍ୟରେ ରହିଛି ୧୮ ଲକ୍ଷ ଟଙ୍କା ସହ କିଛି ସୁନାଗହଣା ରହିଛି। ସେପଟେ ଲୁଟ୍ ସଂପର୍କରେ କାନପୁର ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି।

## ବିଧାୟକଙ୍କ ଗାଡ଼ି ଧକ୍କାରେ ୨ ଗୁରୁତର




**ବାରିପଦା, ୨୩।୧୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଉଦଳା-ବାରିପଦା ରାସ୍ତାରେ ସନ୍ଧ୍ୟା ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୟୂରଭଞ୍ଜ ଜିଲ୍ଲା ସାରସକଣା ବିଧାୟକଙ୍କ ଗାଡ଼ି ଧକ୍କାରେ ୨ଜଣ ଗୁରୁତର ହୋଇଥିବା କୁହାଯାଉଛି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ଜଣେ ପୁରୁଷଙ୍କ ସହିତ ମହିଳା କୌଣସି କାମରେ ଯାଉଥିଲେ। ତେବେ ସେମାନଙ୍କର ଯିବା ସମୟରେ ଟିଗିରିଆ ଛକ ନିକଟରେ ବିଧାୟକଙ୍କର ଗାଡ଼ି ନିୟନ୍ତ୍ରଣ ହରାଇ ଦୁଇ ଜଣଙ୍କୁ ଧକ୍କା ଦେଇଥିଲା। ଗାଡ଼ି ଧକ୍କାରେ ଦୁଇ ଜଣ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଦେଖାଯାଇଛି। ଲୋକେ ରାସ୍ତା ଅବରୋଧ କରିଛନ୍ତି। ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଧାୟକଙ୍କର ଗାଡ଼ି ଦାୟିତ୍ୱହୀନ ହୋଇ ଚାଲିବାକୁ ତୀବ୍ର ନିନ୍ଦା କରିଛନ୍ତି।

## ନିଶାସକ୍ତ ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ, ଅଭିଯୁକ୍ତ ଗିରଫ

**ବାରିପଦା, ୨୩।୧୧(ସଂଚାର ବ୍ୟୁରୋ):** ଅଗ୍ନିକୁ ସାକ୍ଷୀ ରଖି ଯାହାର ହାତଧରି ସ୍ତ୍ରୀ ଭାବେ ଘରକୁ ନେଇ ଆସିଥିଲା ସେହି ପବିତ୍ର ବନ୍ଧନର ମହତ୍ୱ ରଖିଲାନି ସ୍ୱାମୀ। ନିଶା ପାଇଁ ଉଜୁଡ଼ି ଗଲା ଆଶା ଓ ବିଶ୍ୱାସର ସଂସାର। ଅନାଥ ହୋଇଗଲେ ଦୁଇ ଝିଅ ଏବଂ ନାବାଳକ ସନ୍ତାନ। ଏଭଳି ଏକ ଅପ୍ରୀତିକର ଘଟଣା ସାମ୍ନାକୁ ଆସିଛି ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତର୍ଗତ ପାଞ୍ଚଗୁଛିଆ ଗ୍ରାମରେ।

ସୂଚନାଯୋଗ୍ୟ ଯେ ପାଞ୍ଚଗୁଛିଆ ଗ୍ରାମରେ ବେଆଇନ ଭାବେ ଅଧିକାଂଶ ଘରେ ଦେଶୀମଦ ବିକ୍ରି ହେଉଛି। ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଛନ୍ତି। ମଝିରେ ମଝିରେ ମଦ ବେପାରୀମାନେ ମଧ୍ୟ ଗିରଫ ହୋଇ ଜାମିନରେ ଆସି ପୁଣି ମଦ ବେପାର ଜାରି ରଖିଛନ୍ତି। ତେବେ ଗତକାଲି ବିଳମ୍ବିତ ରାତିରେ ଶଙ୍କର୍ଷଣ ଧଣିକ ମଦପିଇ ଘରକୁ ନିଶାସକ୍ତ ଅବସ୍ଥାରେ ଫେରିବା ପରେ ସ୍ତ୍ରୀ ରଇବାରୀ ଧଣିକ ସହିତ କୌଣସି ବିଷୟକୁ ନେଇ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ବଢ଼ିବାରୁ ଶଙ୍କର୍ଷଣ କ୍ରୋଧର ବଶବର୍ତ୍ତୀ ହୋଇ ଏକ ବାଉଁଶ ବାଡିରେ ସ୍ତ୍ରୀ ରଇବାରୀକୁ ମୁଣ୍ଡ ଓ ଦେହରେ ପିଟି ପିଟି ରକ୍ତାକ୍ତ କରି ଦେଇଥିଲା। ତେବେ ବାପାର ଏଭଳି ଉନ୍ମତ୍ତକାଣ୍ଡ ଦେଖି ଘରେ ଥିବା ନାବଳକ ପୁଅ ଭୟଭୀତ ଅବସ୍ଥାରେ ଥିଲା। ସକାଳୁ ଲୋକେ ଖବରପାଇ ପୋଲିସକୁ ଖବର ଦେଇଥିଲେ। ଖବରପାଇ ମୋରଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ହତ୍ୟାକାରୀ ସ୍ୱାମୀ ଶଙ୍କର୍ଷଣ ଧଣିକକୁ ଗିରଫ କରିବା ସଙ୍ଗେ ସଙ୍ଗେ ମାଡ ମାରିଥିବା ବାଉଁଶ ବାଡିକୁ ମଧ୍ୟ ଜବତ କରି ତଦନ୍ତ ଆରମ୍ଭ କରିଛି। ଏଥିସହିତ ପୋଲିସ ଘଟଣାର ଅଧିକ ପ୍ରମାଣ ସଂଗ୍ରହ ପାଇଁ ଫରେନସିକ ଟିମର ସହାୟତା ନେବା ସଙ୍ଗେ ସଙ୍ଗେ ଥାନାରେଏକ ହତ୍ୟା ମାମଲା ରୁଜୁ କରାଯାଇଛି ଏବଂ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ପଠାଇଥିବା ଜଣାପଡ଼ିଛି।

## ତେଲ ଟ୍ୟାଙ୍କର ଦୁର୍ଘଟଣାରେ ଯୁବକ ମୃତ

**ଖୋର୍ଦ୍ଧା, ୨୩ ।୧୧(ସଂଚାର ବ୍ୟୁରୋ):** ତେଲ ଟ୍ୟାଙ୍କର ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଖଳିସାହିର ଅମରେନ୍ଦ୍ର ପ୍ରସାଦ। ସୁଚନ ମୁତାବକ ରବିବାର ଅମରେନ୍ଦ୍ର ନିଜ ବାଇକ ଯୋଗେ ଖଣ୍ଡପଡ଼ା ଖଳିସାହି ସ୍ଥିତ ଘରକୁ ଯାଇଥିବା ସମୟରେ ତାଙ୍କ ବାଇକକୁ ଏକ ତେଲ ଟ୍ୟାଙ୍କର ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା।ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଅମାରେନ୍ଦ୍ରଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ମନ୍ଦିର ସାମ୍ନାରେ ବୃଦ୍ଧଙ୍କୁ ହତ୍ୟା

**ପଟ୍ଟାମୁଣ୍ଡାଇ, ୨୩ ।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ରିଘାଗଡ଼ ଥାନପତି ମନ୍ଦିର ସାମ୍ନାରେ ରବିବାର ଅପରାହ୍ଣରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତ ବୃଦ୍ଧ ଜଣକ ହେଲେ ବୁଦ୍ଧଦେବ ସାହୁ। ମନ୍ଦିର ଭୋଗ ରନ୍ଧାକୁ ନେଇ ପ୍ରଥମେ ହୋଇଥିଲା ପାଟିତୁଣ୍ଡ। ପରେ ବୃଦ୍ଧଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୁରୁତର ଆହତ ବୁଦ୍ଧଦେବଙ୍କୁ ଚିକିତ୍ସା ନିମନ୍ତେ ରାଜନଗର ମେଡିକାଲକୁ ଅଣାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସୁକତେଲ ନଦୀରୁ ନରକଙ୍କାଳ ଉଦ୍ଧାର ଘଟଣା

## ଡିଏନ୍ଏ ପରୀକ୍ଷା ପାଇଁ ପଠାଯିବ

**ବଲାଙ୍ଗିର, ୨୩ ।୧୧(ସଂଚାର ବ୍ୟୁରୋ):** ବଲାଙ୍ଗିର ସଦର ଥାନା ଅନ୍ତର୍ଗତ କୁମିଆପାଲି ଗ୍ରାମ ନିକଟ ସୁକତେଲ ନଦୀରୁ ଗତକାଲି ଏକ ନରକଙ୍କାଳ ଉଦ୍ଧାର ହୋଇଛି। ତେବେ ଏହି ନରକଙ୍କାଳଟି କାହାର ତାହା ଅଦ୍ୟାବଧି ଜଣାପଡ଼ିନାହିଁ। ଶନିବାର ସ୍ଥାନୀୟ ଲୋକେ ନଦୀରେ ଏହି କଙ୍କାଳ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ସଦର ଥାନା ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଏହି ନର କଙ୍କାଳକୁ ଉଦ୍ଧାର କରିଛି। ଏହାର ଡିଏନଏ ପରୀକ୍ଷା ପାଇଁ ପଠାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଦୁଇ ମାସ ତଳେ ଲରମ୍ବା ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗାଁର ଜଣେ ଯୁବକ ସୁକତେଲ ନଦୀରେ ବୁଡି ନିଖୋଜ ଥିଲେ। ଏପର୍ଯ୍ୟନ୍ତ ତାଙ୍କର କୌଣସି ଖୋଜଖବର ମିଳିନାହିଁ। ଏପରି ସ୍ଥିତିରେ ନଦୀରୁ ନରକଙ୍କାଳ ଉଦ୍ଧାର ହେବା ପରେ ତାହା ସମ୍ପୃକ୍ତ ଯୁବକଙ୍କ କଙ୍କାଳ ବୋଲି ସନ୍ଦେହ କରାଯାଉଛି।

### ହ୍ୟୁମାନ ସାଗରଙ୍କ ରୋଗକୁ ନେଇ ମୁହଁ ଖୋଲିଲେ ଡାକ୍ତର

# ବର୍ଷେ ତଳୁ ଲିଭର ଶିରୋସିସରେ ପୀଡ଼ିତ ଥିଲେ



- ସେ ମାନସିକ ଦୁଃଶ୍ଚିନ୍ତାରେ ରହୁଥିଲେ
- ତାଙ୍କୁ ଚିକିତ୍ସା ସହ ବିଶ୍ରାମ ଆବଶ୍ୟକ ଥିଲା

**ଭୁବନେଶ୍ୱର,୨୩।୧୧(ସଂଚାର ବ୍ୟୁରୋ):** ଧୀରେ ଧୀରେ ପଦାକୁ ଆସୁଛି ହ୍ୟୁମାନ ସାଗରଙ୍କ ପୂରା ଘଟଣା। ୪ ଦିନ ହେଲା ସେ ଆରପାରିକୁ ଗଲେଣି। ହେଲେ କାହିଁକି ଏମିତି ତାଙ୍କର ମୃତ୍ୟୁ ହେଲା ତାକୁ ନେଇ ସୋସିଆଲ ମିଡିଆରେ ବହୁତ ତଥ୍ୟ ଆସୁଛି। ଏହାରି ମଧ୍ୟରେ ହ୍ୟୁମାନ ସାଗରଙ୍କୁ ଚିକିତ୍ସା କରୁଥିବା ଡାକ୍ତର ସଞ୍ଜୀବ କର ବଡ଼ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ହ୍ୟୁମାନଙ୍କ ଦେହ ବହୁତ ଖରାପ ଥିଲା। ମୁଁ ତାଙ୍କୁ ବିଶ୍ରାମ ନେବାକୁ କହିଥିଲି ବୋଲି କହିଛନ୍ତି ଡାକ୍ତର। ୨୦୨୪ ସେପ୍ଟେମ୍ବରରେ ପ୍ରଥମେ ସେ ମୋ ପାଖକୁ ଆସିଥିଲେ, ଆଲକହଲ ସେବନ ଯୋଗୁଁ ଲିଭର ସିରୋସିସରେ ପୀଡିତ ଥିଲେ। ପ୍ରତି ଦୁଇ ତିନି ମାସରେ ଆସି ଦେଖାକରି ଚିକିତ୍ସିତ ହୁଅନ୍ତି। ତାଙ୍କ ସପୋର୍ଟ ଷ୍ଟାଫ ଆଣି ତାଙ୍କୁ ଚିକିତ୍ସା କରାଇ ନିଅନ୍ତି। ଅନିୟମିତ ଖାଦ୍ୟ ଓ କ୍ରମାଗତ ରାତି ଅନିଦ୍ରା ପାଇଁ ସମସ୍ୟା ହୋଇଥିଲା। ଥରେ ଲିଭର ସିରୋସିସ ହେଲେ ଭଲ ହୁଏନି, ଚିକିତ୍ସା ଭିତରେ ରହିବାକୁ ହୁଏ। ଭଲ ଖାଦ୍ୟ ଖାଇବା, ରାତି ଅନିଦ୍ରା ନହେବା, ପୂରା ବିଶ୍ରାମ ନେବା ବହୁତ ଜରୁରୀ ଅଟେ। ହ୍ୟୁମାନ ଯେତେବେଳେ ଆସିଥିଲେ ମାନସିକ ଚାପ ଭିତରେ ଥିବା ବି ବାରି ହୋଇପଡୁଥିଲା। ୧୨ ତାରିଖରେ ଆଣିଲା ବେଳକୁ ଜ୍ୱର ହୋଇଥିଲା, ଯାହା ବହୁତ ଖରାପ ଲକ୍ଷଣ ବୋଲି ଡାକ୍ତର କହିଛନ୍ତି। ଧଇଁସଇଁ ଲାଗିବା, ଗୋଡ ଫୁଲିଲେ ବି ସିରୋସିସ ଆକ୍ରନାଙ୍କ ପାଇଁ ବିପଦ ହୋଇଥାଏ । ହ୍ୟୁମାନ ମେଡିକାଲକୁ ଆସିବା ବେଳକୁ ସ୍ଥିତି ସାଙ୍ଘାତିକ ଥିଲା। ଆମେମାନେ ବହୁତ ଚେଷ୍ଟା କରିଥିଲୁ। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା। ସେ ଯାହା ବି ହେଉ ହ୍ୟୁମାନଙ୍କ ମୃତ୍ୟୁ ପାଇଁ ବହୁତ ଦୁଃଖିତ ବୋଲି ଡା. ସଞ୍ଜୀବ କର କହିଛନ୍ତି। ହ୍ୟୁମାନ ପ୍ରାୟ ବହୁତ ଦିନ ରାତି ଅନିଦ୍ରା ହୁଅନ୍ତି। ଅର୍ଥ ପାଇଁ କିମ୍ବା ଗୀତ ଗାଇବା ନିଶା ପାଇଁ ହୁଅନ୍ତି ତାହା ଜଣାପଡିନାହିଁ। ହେଲେ ବିଶ୍ରାମ ଆବଶ୍ୟକ ସମୟରେ ସେ ସବୁବେଳେ ପରିଶ୍ରମ କରୁଥିଲେ। ଯଦି କିଛି ବର୍ଷ ସେ ବିଶ୍ରାମ ନେଇଥାନ୍ତେ ତେବେ ଘଟଣା କିଛି ଅଲଗା ହୋଇଥାନ୍ତା। ସେ ମାନସିକ ଚାପରେ ଥିଲେ। ଜଣେ ରୋଗାଗ୍ରସ୍ତ ଲୋକ ଯଦି ମାନସକି ଚାପରେ ରହିବ, ତେବେ ରୋଗରୁ ମୁକୁଳିବା ବହୁତ କଷ୍ଟ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଇଲେକ୍ଟ୍ରିକ୍ ଗାଡ଼ି ତିଆରି କରିବାରେ ଭାରତ ପଛରେ



ନୂଆଦିଲ୍ଲୀ, ୨୩।୧୧: ବିଦ୍ୟୁତ୍ କାର୍‌କୁ 'ମେଡ୍ ଇନ୍ ଇଣ୍ଡିଆ' ରୂପ ଦେବାରେ ଭାରତ ବିଫଳ ହୋଇଛି। ଭାରତୀୟ କମ୍ପାନିଗୁଡ଼ିକ ବିଦ୍ୟୁତ୍ କାର୍ ନିର୍ମାଣ କରିବା ପାଇଁ ମୁଖ୍ୟତଃ ଚୀନ୍ ଉପରେ ନିର୍ଭର କରୁଛନ୍ତି। ନିର୍ଭରଶୀଳତା ଏତେମାତ୍ରାରେ ଅଧିକ ଯେ ଭାରତରେ ବିକ୍ରି ହେଉଥିବା ମାତ୍ର ୧୩ ପ୍ରତିଶତ ବିଦ୍ୟୁତ୍ କାର୍ ଅର୍ଥାତ୍ ପ୍ରତି ୪୬ଟି କାର୍‌ରୁ ମାତ୍ର ୬ଟି ଭାରତ ସରକାରଙ୍କ ଉତ୍ପାଦନ ସହ ଜଡ଼ିତ ପ୍ରୋତ୍ସାହନ (ପିଏଲଆଇ) ସ୍କିମ୍‌ରେ ରିହାତି ପାଇବାକୁ ଯୋଗ୍ୟ ବୋଲି ଏକ ରିପୋର୍ଟରୁ ଜଣାଯାଇଛି। କାରଣ ପିଏଲ୍‌ଆଇ ଯୋଜନାରେ ଉତ୍ପାଦନ ପ୍ରକ୍ରିୟାରେ ଯେତିକିମାତ୍ରାରେ ଭାରତୀୟ ସାମଗ୍ରୀ ମୂଲ୍ୟଯୋଗ ହେବା କଥା ତାହା ୧୩ ପ୍ରତିଶତ ଇଭିରେ ହେଉଛି। ଅବଶିଷ୍ଟ ୮୭ ପ୍ରତିଶତ କାର୍ କ୍ଷେତ୍ରରେ ଏହା ହୋଇପାରୁନାହିଁ। ଏସବୁ କାର୍‌ର ଉପକରଣ ବିଦେଶରୁ ଆମଦାନୀ ହେଉଛି। ଏଥିରେ ସିଂହଭାଗ ଆମଦାନୀ ଚୀନରୁ ହେଉଛି।

ଭାରି ଶିଳ୍ପ ମନ୍ତ୍ରାଳୟ ପକ୍ଷରୁ ୨୦୨୧ ସେପ୍ଟେମ୍ବର ଘୋଷିତ ପିଏଲ୍‌ଆଇ ସ୍କିମ୍‌ରେ ଅଟୋମୋବାଇଲ କମ୍ପାନି ଏବଂ ଅଟୋ ଉପକରଣ କମ୍ପାନିଗୁଡ଼ିକ ସର୍ବନିମ୍ନ ୫୦ ପ୍ରତିଶତ ଘରୋଇ ମୂଲ୍ୟଯୋଗ କରିବା ଆବଶ୍ୟକ। ଏଥିସହିତ ସେମାନେ ଫେମ୍-୨ ସ୍କିମ ଭଳି ପର୍ଯ୍ୟାୟଭିତ୍ତିକ ଉତ୍ପାଦନ ଯୋଜନାକୁ ଅନୁସରଣ କରିବା ଉଚିତ୍। ତେବେ ସରକାର ବ୍ୟାଟେରି ସେଲ୍ ଆମଦାନି କ୍ଷେତ୍ରରେ କିଛିଟା କୋହଳ ଆଣିଛନ୍ତି। ୪୦ ପ୍ରତିଶତ ପର୍ଯ୍ୟନ୍ତ ଘରୋଇ ମୂଲ୍ୟଯୋଗ ବ୍ୟବସ୍ଥା ଏଥିରେ ରହିଛି।

ସୂତ୍ରରୁ ଜଣାଯାଇଛି ଯେ ଏହି ଯୋଜନାରେ ୬ଟି କାର୍ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିରେ ଟାଟା ମୋଟର୍ସର ୫ଟି ଏବଂ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ଗୋଟିଏ କାର୍ ରହିଛି। ଭାରତରେ ବିକ୍ରି ହେଉଥିବା ଅନ୍ୟ ସବୁ ମଡେଲରେ ଆମଦାନୀ ଅଂଶ ୬୦ ପ୍ରତିଶତରୁ ଅଧିକ ରହିଛି। ପିଏଲ୍‌ଆଇ ଯୋଜନାରେ ଲାଭାନ୍ୱିତ ହୋଇଥିବା ମଡେଲଗୁଡ଼ିକ ହେଉଛି ଟାଟା ପଞ୍ଚ, ନେକ୍ସନ, ହାରିୟର ଏସ୍‌ୟୁଭି, ଟିଆଗୋ ଏବଂ ଟିଗୋର ଏବଂ ମହିନ୍ଦ୍ରାର ଏକ୍ସଇଭି୯ଇ। ସ୍ଥାନୀୟ ଉପକରଣ ନିର୍ମାଣ ଭାରତରେ ଏବେ ପ୍ରାଥମିକ ପର୍ଯ୍ୟାୟରେ ରହିଥିବାରୁ କମ୍ପାନିଗୁଡ଼ିକ ପାଇଁ ଏହି ମାନଦଣ୍ଡ ପୂରଣ କରିବା ସମ୍ଭବ ହେଉନାହିଁ।

ଅଧିକାଂଶ ଇଭି କାର୍ ନିର୍ମାତା ଚୀନ ଓ ତାଇୱାନରୁ ଉପକରଣ ଆମଦାନୀ କରୁଛନ୍ତି। ସେଗୁଡ଼ିକ ମଧ୍ୟରେ ଲିଥିୟମ ଆୟନ ବ୍ୟାଟେରି ସେଲ୍, ରେୟାର ଆର୍ଥ ମ୍ୟାଗନେଟ୍, ଡିସି ମୋଟର, ଲାମିନେଟେଡ ଷ୍ଟାଟର୍ସ, ସେମିକଣ୍ଡକ୍ଟର ଚିପ୍, ପ୍ରିଣ୍ଟେଡ ସର୍କିଟ ବୋର୍ଡ ଆଦି ରହିଛି।

## ଆଜିର ସୁନା ଦର



ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୪,୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୪,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୪,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୪,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୪,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୪,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୪,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୪,୨୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୫,୦୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୪,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୪,୪୮୦ ଓ ୧,୧୪,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୬୧,୦୦୦ ଟଙ୍କା ହୋଇଛି।

# ଟେକ୍ନୋଲୋଜି ମଣିଷକୁ କରିଦେବ ଧନୀ, ସବୁଦିନ ପାଇଁ ଦୂର ହୋଇଯିବ

ୱାସିଂଟନ ୨୩।୧୧: ଏଲନ ମସ୍କ ଭବିଷ୍ୟତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସୀ (ଏଆଇ)ର ବଢ଼ୁଥିବା ଭୂମିକାକୁ ନେଇ ବେଶ୍ ଆଶାବାଦୀ। ଏହି ବିଚାରକୁ ଦୋହରାଇ ସେ ୟୁଏସ-ସାଉଦୀ ଇନଭେଷ୍ଟମେଣ୍ଟ ଫୋରମରେ ଏପରି ବକ୍ତବ୍ୟ ଦେଇଛନ୍ତି ଯାହା ତାଙ୍କପ୍ରତି ବିଶ୍ୱର ଧ୍ୟାନକୁ ପୁଣି ଆକର୍ଷିତ କରିଛି। ସାଧାରଣ ଲୋକେ ଓ ବିଶେଷଜ୍ଞ ଯେତେବେଳେ ଏଆଇ ଓ ହ୍ୟୁମାନଏଡ ରବୋଟ ବିଶ୍ୱର ଲକ୍ଷଲକ୍ଷ ଚାକିରୀ ଖାଇଯିବ ବୋଲି ଚିନ୍ତିତ ସେତେବେଳେ ମସ୍କ ଭାବୁଛନ୍ତି ଏହି ଟେକନିକ୍ ସବୁ ମଣିଷଙ୍କୁ ଧନୀ କରିଦେବ।

ଫୋରମରେ ମସ୍କ କହିଛନ୍ତି ଯେ ବିଶ୍ୱରୁ ଦାରିଦ୍ର୍ୟ ଦୂରିକରଣ ପାଇଁ ଏ ପର୍ଯ୍ୟନ୍ତ ଅଗଣିତ ଉଦ୍ୟମ ହୋଇସାରିଲାଣି, ହେଲେ ଏହାର ଅସଲି ସମାଧାନ କେବଳ ଟେକ୍ନୋଲଜି। ମସ୍କଙ୍କ ଅନୁସାରେ ଏଆଇ ଓ ହ୍ୟୁମାନଏଡ ରବୋଟ ଏପରି କ୍ଷମତା ରଖୁଛନ୍ତି ଯାହା ଭବିଷ୍ୟତରେ ଦାରିଦ୍ର୍ୟତାକୁ ସମ୍ପୂର୍ଣ୍ଣ ଦୂର କରିପାରିବ। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ ତାଙ୍କର ଏହି ବୟାନ କେବଳ ଟେସ୍ଲାର 'ଅପ୍ଟିମସ୍' ରବୋଟକୁ ପ୍ରମୋଟ କରିବା ଉଦ୍ଦେଶ୍ୟରେ ନୁହେଁ, କାରଣ ସେ ଭାବନ୍ତି ଆଗକୁ ଟେସ୍ଲା ଏକାକୀ ଏପରି କମ୍ପାନୀ ନଥିବ ଯିଏ ଦୁନିଆକୁ ଧନୀ କରିବ। ମସ୍କ କହିଛନ୍ତି ଯେ ଆଗାମୀ ସମୟରେ ଲୋକଙ୍କୁ ଆଉ ପଇସାର



### ଏଲନ ମସ୍କଙ୍କ ପ୍ଲାନ୍

ଆବଶ୍ୟକତା ପଡିବ ନାହିଁ। ସେ କହିଛନ୍ତି ଯେ ବିଜୁଳି ଭୌତିକ ସଂଶାଧନ ଭଳି ଜିନିଷର ସୀମା ତ ରହିବ ହେଲେ ଏକ ସମୟରେ ମୁଦ୍ରା ଅପ୍ରାସଙ୍ଗିକ ହୋଇପଡିବ। ସେ ଭାବୁଛନ୍ତି ଏଆଇ ଯେମିତି କାମ ସମ୍ଭାଳିବା ଆରମ୍ଭ କରିବ ମଣିଷକୁ ତାର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାକୁ ଆଉ ଚାକିରୀକୁ ଯିବାକୁ ପଡିବ ନାହିଁ। ଲୋକେ ସେମାନଙ୍କ ସାମର୍ଥ୍ୟକୁ ଜୀବନର ଅସଲୀ ଆବଶ୍ୟକତା ଓ ପସନ୍ଦର କାମରେ ଉପଯୋଗ କରିପାରିବେ, ଯେପରିକି ଚାଷ, ବାଗବଗିଚା ଓ ଅନ୍ୟ ରଚନାତ୍ମକ ଗତିବିଧିରେ ଉପଯୋଗ ହେବ। ତେବେ ମସ୍କ ଏପରି ପ୍ରଥମ ଥର କହୁ ନାହାନ୍ତି। ସେ ପ୍ରାୟତଃ ଏଆଇ ମଣିଷର ଜୀବନକୁ ସମ୍ପୂର୍ଣ୍ଣ ବଦଳେଇ ଦେବ ବୋଲି କହି ଆସୁଛନ୍ତି। ହେଲେ ଆଜି ବି ସେହି ସମାନ ପ୍ରଶ୍ନ ରହିଛି, ତାହା ହେଉଛି ଏହା କ'ଣ ସମ୍ଭବ? କାରଣ ଏ ନେଇ ନାଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଯୋଜନା ଆସିଲାଣି ନା ମସ୍କ ଦୁନିଆ କିପରି ଧନୀ ହେବ ଓ ଦାରିଦ୍ର୍ୟତା କିପରି ଦୂର ହେବ ସେ ନେଇ ସ୍ପଷ୍ଟ ଭାବେ କହୁଛନ୍ତି।

## ରିଲାଏନ୍ସ ଜୁଏଲ୍‌ସର ଅଭିନବ ପ୍ରୟାସ 'ବିବାହମ୍' କଲେକ୍ସନ୍



ମୁମ୍ବାଇ, ୨୩।୧୧: ବିବାହ ସିଜନ୍ ଉପଲକ୍ଷେ ରିଲାଏନ୍ସ ଜୁଏଲ୍‌ସ 'ବିବାହମ୍' କଲେକ୍ସନ ଆଣିଛି। କାଳଜୟୀ ଡିଜାଇନ ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ଏଗୁଡ଼ିକ ତିଆରି ହୋଇଛି। ଦେଶର ବିଭିନ୍ନ ସ୍ଥାନର ସଂସ୍କୃତି ଏବଂ କାରୁକାର୍ଯ୍ୟ ଏହି ସୁନା ଓ ହୀରା ଗହଣାଗୁଡ଼ିକରେ ପ୍ରତିଫଳିତ ହୋଇଛି। ଦିଲ୍ଲୀ ଓ ପଞ୍ଜାବର ରାଜକୀୟ ଶୈଳୀଠାରୁ ଆରମ୍ଭ କରି ମହାରାଷ୍ଟ୍ର ଓ ଗୁଜରାଟର ପୁରାତନ ଆକର୍ଷଣ, ଓଡ଼ିଶାର ସୂକ୍ଷ୍ମ କାରୁକାର୍ଯ୍ୟ ଆଦି ଏହି ଗହଣାଗୁଡ଼ିକରେ ରହିଛି। ଏହି କଲେକ୍ସନରେ ବିବାହ ପାଇଁ ଆବଶ୍ୟକ ସବୁ ପ୍ରକାର ଗହଣା ଯଥା ଚୋକର୍, ରାଣୀ ହାର, ଅଣ୍ଟା ପଟି, ମଥା ପଟି, ଇୟରରିଙ୍ଗ, ଚୁଡ଼ି, ମୁଦି ଆଦି ରହିଛି। ଏହି ଅବସରରେ ରିଲାଏନ୍ସ ଜୁଏଲ୍‌ସ ପକ୍ଷରୁ ପୁରୁଣା ଗହଣା ବଦଳାଇ ନୂଆ ବିବାହମ୍ କଲେକ୍ସନ ପାଇଁ ୧୦୦ ପ୍ରତିଶତ ବିନିମୟ ସୁବିଧା ରହିଛି। ଏଥିସହିତ ସୁନା ଗହଣା ଗଢ଼ା ମଜୁରିରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଏବଂ ହୀରା ମୂଲ୍ୟ ଏବଂ ଗଢ଼ା ମଜୁରି ଉପରେ ୩୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମିଳୁଛି। ନୂଆ କଲେକ୍ସନ ଗହଣା ନେଇ ବିବାହ ଦିନକୁ ସ୍ୱତନ୍ତ୍ର କରାଯାଇ ପାରିବ ବୋଲି ରିଲାଏନ୍ସ ଜୁଏଲ୍‌ସର ପ୍ରବକ୍ତା କହିଛନ୍ତି। ଦେଶବ୍ୟାପୀ ୧୪୫ରୁ ଅଧିକ ସୋରୁମରେ ନୂଆ କଲେକ୍ସନ ଉପଲବ୍ଧ ହେଉଛି।

## କର୍ମଚାରୀଙ୍କୁ ଚେତାଇଲେ ଗୁଗଲ ସିଇଓ

# ଆଗକୁ ଆହୁରି କଠିନ ପରିଶ୍ରମ କରିବାକୁ ପଡ଼ିବ

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପରିବର୍ତ୍ତନ ହୋଇଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



ନୂଆଦିଲ୍ଲୀ, ୨୩।୧୧: କୌଣସି କମ୍ପାନିର ସିଇଓଙ୍କ ସ୍ଥାନ ନେଇପାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)। ଏକଥା ଖୋଦ ଗୁଗଲ ସିଇଓ ସୁନ୍ଦର ପିଚାଇ କହିବା ପରେ ବିଶ୍ୱବ୍ୟାପୀ ଚର୍ଚ୍ଚା ଜାରି ରହିଛି। ଏହାରି ମଧ୍ୟରେ ସୁନ୍ଦର ପିଚାଇ ଆଜି (ଶନିବାର) ନିଜ କମ୍ପାନିର କର୍ମଚାରୀଙ୍କୁ ଏଆଇକୁ ନେଇ ଆଗକୁ ଆସୁଥିବା ଆହ୍ୱାନ ସଂପର୍କରେ ଚେତାବନୀ ଦେଇଛନ୍ତି। ଏଆଇ କ୍ଷେତ୍ରରେ ପ୍ରତିଯୋଗୀତା ଲାଗି ୨୦୨୬ ବେଶ ଆହ୍ୱାନପୂର୍ଣ୍ଣ ବୋଲି ଅଲ-ହ୍ୟାଣ୍ଡସ୍ ବୈଠକରେ ଉପସ୍ଥିତ କମ୍ପାନିର ସବୁ ବିଭାଗର କର୍ମଚାରୀଙ୍କୁ କହିଛନ୍ତି ଗୁଗଲ ସିଇଓ ସୁନ୍ଦର ପିଚାଇ। ଆଗକୁ ଆସୁଥିବା ଆହ୍ୱାନକୁ ସାମ୍ନା କରିବାକୁ ପ୍ରସ୍ତୁତ ରହିବା ଲାଗି କମ୍ପାନୀର କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ସୁନ୍ଦର ପିଚାଇ କହିଛନ୍ତି, ୨୦୨୬ ଆହ୍ୱାନ ଭରା ବର୍ଷ ହେବାକୁ ଯାଉଛି। ଏହି ସମୟରେ ଏଆଇକୁ ନେଇ ପ୍ରତିଯୋଗୀତା ଏବଂ କ୍ଲାଉଡ୍ କମ୍ପ୍ୟୁଟିଂର ଚାହିଦା ପୂରଣ ଲାଗି ଚାପ ବୃଦ୍ଧି ପାଇବ। ଏହି ସମୟରେ ପିଚାଇ ସମ୍ଭାବ୍ୟ ଏଆଇ ନିବେଶ ବବଲ୍ ବିଢୁଥିବା ଚିନ୍ତାକୁ ନେଇ ମଧ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି।

ଏଆଇ ଇନଭେଷ୍ଟମେଣ୍ଟ ବବଲ୍‌କୁ ନେଇ ସିଲିକନ ଭ୍ୟାଲିରେ ପ୍ରବଳ ଚର୍ଚ୍ଚା। ଏଆଇରେ ନିବେଶ ଆଶାତୀତ ବୃଦ୍ଧି ପାଇବାକୁ ନେଇ ଚିନ୍ତା ବଢ଼ିଛି। ବବଲ୍ ବର୍ଷ୍ଟ ବା କ୍ରାସ୍ ହେବା ନେଇ ମଧ୍ୟ ସନ୍ଦେହ କରୁଛନ୍ତି ବିଶେଷଜ୍ଞ। ଏଆଇ କ୍ଷେତ୍ରରେ ଟ୍ରିଲିୟନ୍ ଡଲାର ନିବେଶର ଯଥାର୍ଥ



ମାନ ରହିପାରିବ କି ନାହିଁ ତାକୁ ନେଇ ଚର୍ଚ୍ଚା ହେଉଛି। ଏହା ଉପରେ ଚିନ୍ତା ଜାହିର କରି ଜଣେ କର୍ମଚାରୀ ପିଚାଇଙ୍କୁ ମଧ୍ୟ ପ୍ରଶ୍ନ କରିଛନ୍ତି।

ଏହାକୁ ଏକ ଭଲ ପ୍ରଶ୍ନ ବୋଲି ପିଚାଇ କହିଛନ୍ତି। ସେ କହିଛନ୍ତି, ଅତ୍ୟଧିକ ନିବେଶ କରିବା ଅପେକ୍ଷା ଆକ୍ରମଣାତ୍ମକ ଭାବରେ ନିବେଶ କରିବା ବେଶୀ ବିପଦ। ଏହା ସହ ସେ ଗୁଗଲ କ୍ଲାଉଡ୍‌ର ଉଦାହରଣ ଦେଇଛନ୍ତି। ଏହା ପ୍ରଭାବଶାଳୀ ଢ଼ଙ୍ଗରେ ବାର୍ଷିକ ୩୫ ପ୍ରତିଶତ ହାରରେ ରାଜସ୍ୱ ବୃଦ୍ଧି ସହ ଆଗକୁ ବଢ଼ୁଛି। ସେହିଭଳି ନିବେଶ କରିବା ସମୟରେ କିଛି ବି ଆକଳନ କରିବା କଷ୍ଟକର।

ପିଚାଇ ଗୁଗଲର ଶୃଙ୍ଖଳିତ ନିବେଶ ଆଭିମୁଖ୍ୟ ଏବଂ ଦୃଢ଼ ଆର୍ଥିକ ଭିତ୍ତିଭୂମିକୁ ଦର୍ଶାଇ କର୍ମଚାରୀଙ୍କୁ ଆଶ୍ୱସ୍ତ କରିଛନ୍ତି। ଏହା ସହ ସେ କହିଛନ୍ତି, କମ୍ପାନୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ସମ୍ଭାବ୍ୟ ବିପର୍ଯ୍ୟୟକୁ ଭଲ ଭାବରେ ମୁକାବିଲା କରିପାରିବ। ପିଚାଇ କହିଛନ୍ତି, ଆମେ ଅନ୍ୟ କମ୍ପାନୀଗୁଡ଼ିକ ତୁଳନାରେ କ୍ଷତି ସହିବା ପାଇଁ ଭଲ ସ୍ଥିତିରେ ଅଛୁ। ଆଗାମୀ ବର୍ଷ ମାର୍କେଟ ଉପଲ ତଳ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ପିଚାଇ କର୍ମଚାରୀଙ୍କୁ ଆହୁରି କହିଛନ୍ତି, ଏହା ଏକ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ମୁହୂର୍ତ୍ତ। ତେଣୁ ଆମେ ନିଜର ପ୍ରତିଷ୍ଠା ଉପରେ ନିର୍ଭର କରିପାରିବା ନାହିଁ। ଆମର ଆଗକୁ ବହୁତ କଠିନ ପରିଶ୍ରମ ଅଛି। କିନ୍ତୁ ମୁଁ ଭାବୁଛି ଆମେ ଏହି ମୁହୂର୍ତ୍ତରେ ଭଲ ସ୍ଥିତିରେ ଅଛୁ। ଗୁଗୁଲ୍ ଓପନଏଆଇ, ମାଇକ୍ରୋସଫ୍ଟ ଏବଂ ଆନ୍ଥ୍ରୋପିକ ଭଳି ପ୍ରତିଦ୍ୱନ୍ଦ୍ୱୀମାନଙ୍କଠାରୁ ଏଆଇ କ୍ଷେତ୍ରରେ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେଉଥିବା ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି ଗୁଗଲ ସିଇଓ।

## ଖୁବ୍‌ଶୀଘ୍ର ୟୁରୋପରେ ଚାଲିବ ଭାରତୀୟ ୟୁପିଆଇର ଯାଦୁ

ନୂଆଦିଲ୍ଲୀ ୨୩।୧୧: ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଏନପିସିଆଇ ଇଣ୍ଟରନ୍ୟାସନାଲ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କ ସହ ମିସି ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ଏହା ଭବିଷ୍ୟତରେ ୟୁରୋପୀୟ ଦେଶଙ୍କୁ ଯାତ୍ରା କରିବା ବେଳେ ଭାରତୀୟ ପର୍ଯ୍ୟଟକ ଓ ସେଠାରେ କାରବାର କରୁଥିବା ବ୍ୟବସାୟୀଙ୍କୁ ବେଶ୍ ସହାୟତା କରିବ। ଏହି ପଦକ୍ଷେପ ଅନୁସାରେ ଭାରତର ୟୁପିଆଇ ଖୁବ୍ ଶୀଘ୍ର ୟୁରୋପର ଇନଷ୍ଟାଣ୍ଟ ପେମେଣ୍ଟ ସିଷ୍ଟମ ଟିପସ୍ ଅର୍ଥାତ ଟାର୍ଗେଟ୍ ଇନଷ୍ଟାଣ୍ଟ ପେମେଣ୍ଟ ସେଟେଲମେଣ୍ଟ ସହ ଯୋଡି ହୋଇଯିବ। ଉଭୟପକ୍ଷ ଏଥି ପାଇଁ 'ରିୟଲାଇଜେସନ ଫେଜ' ନିମନ୍ତେ ସହମତି ଦେଇଛନ୍ତି। ଏହା ଲାଗୁ ହେବା ପରେ ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡ ଆଦି ଦେଶକୁ ବୁଲି ଯାଇଥିବା ଭାରତୀୟ ପର୍ଯ୍ୟଟକ ସିଧା ନିଜ ଫୋନରୁ ୟୁପିଆଇ ସ୍କାନିଂ କରି ଦେୟ ପୈଠ କରିପାରିବେ। ଏଥିରେ ସେମାନେ ରେଷ୍ଟୁରାଣ୍ଟ, ହୋଟେଲ, ଦୋକାନ, ଟ୍ୟାକ୍ସି ସବୁସ୍ଥାନରେ ଭାରତୀୟ ୟୁପିଆଇ ବ୍ୟବହାର କରି ଦେୟ ପୈଠ କରିପାରିବେ । ଏହି ପଇସା ତୁରନ୍ତ ଓ ବହୁତ କମ୍ ଫିରେ ଟ୍ରାନ୍ସଫର ହେବ। ସେହିପରି ୟୁରୋପରୁ ଆସୁଥିବା ଲୋକେ ଭାରତରେ ସହଜରେ ପେମେଣ୍ଟ କରିପାରିବେ। କୁହାଯାଉଛି ଏଥି ଯୋଗୁ ଖାସ କରି କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗୀଙ୍କୁ ଲାଭ ମିଳିବ। କାରଣ ନେଣଦେଣ ଶସ୍ତା, ପାରଦର୍ଶୀ ଓ ଦ୍ରୁତ ହେବ। ଏବେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ମୁକ୍ତ ବାଣିଜ୍ୟ ବୁଝାମଣା (ଏଫଟିଏ) କଥାବାର୍ତ୍ତା ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଏଥିରେ ବିଶେଷଜ୍ଞଙ୍କ କହିବା କଥା ହେଉଛି ୟୁପିଆଇ ଟିପ୍ସ ଲିଂକେଜ୍ ଏହି ବୁଝାମଣା ଯୋଗୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହୋଇଯିବ। କାରଣ ଉଭୟ ପକ୍ଷଙ୍କ ମଧ୍ୟରେ ବିତ୍ତିୟ ଇଣ୍ଟେଗ୍ରେସନ ଲାଗି ପ୍ରଥମରୁ ଭୂମି ପ୍ରସ୍ତୁତ କରାଯିବ। ଆରବିଆଇ ଓ ଏନପିସିଆଇ ବୈଷୟିକ ଇଣ୍ଟିଗ୍ରେସନ, ରିସ୍କ ମ୍ୟାନେଜମେଣ୍ଟ ଓ ସେଟେଲମେଣ୍ଟ ବ୍ୟାବସ୍ଥା ଉପରେ ଦ୍ରୁତ କାମ କରୁଛନ୍ତି। ଆଶା କରାଯାଉଛି ୨୦୨୬ ମସିହା ପ୍ରଥମ ୬ ମାସ ସୁଧା ଏହି ସୁବିଧା ଚାଲୁ ହୋଇଯିବ। ଆରବିଆଇଙ୍କ ସୂତ୍ରରୁ ଦିଆଯାଇଥିବା ସୂଚନାରେ ଏହି ପଦକ୍ଷେପ ଜି-୨୦ ଗାଇଡଲାଇନ ଅନୁସାରେ ନିଆଯାଇଛି। ଏଥିରେ ସବୁ ସଦସ୍ୟ ଦେଶ ପରସ୍ପର ମଧ୍ୟରେ ଆର୍ଥିକ ନେଣଦେଣକୁ ସୁବିଧାଜନକ କରିବା ପାଇଁ ସହତି ଦେଇଛନ୍ତି।

## ଡିସେମ୍ବର ୫ରୁ ଆରମ୍ଭ ହେବ ଟିଭିଏସ୍ ମୋଟୋସୋଲ୍ ୨୦୨୫




**ଭୁବନେଶ୍ୱର, ୨୩।୧୧:** ଦୁଇ ଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର୍ସ ପକ୍ଷରୁ ବାର୍ଷିକ ପ୍ରମୁଖ କାର୍ଯ୍ୟକ୍ରମ ଟିଭିଏସ୍ ମୋଟୋସୋଲ୍ ୨୦୨୫ ଆସନ୍ତା ମାସ ୫ ଓ ୬ ତାରିଖରେ ଗୋଆର ଭାଗାଟୋର ହିଲଟପ୍‌ରେ ହେବ। ଚଳିତବର୍ଷର କାର୍ଯ୍ୟକ୍ରମକୁ ଉଚ୍ଚକୋଟୀର କରିବା ପାଇଁ କମ୍ପାନି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହା ହେଉଛି ଟିଭିଏସ୍ ମୋଟୋସୋଲ୍‌ର ପଞ୍ଚମ ସଂସ୍କରଣ। ମୋଟରସାଇକଲ ଚାଳନା ଏବଂ ଷ୍ଟଣ୍ଟ୍‌ର ଭିନ୍ନ ଅନୁଭୂତି ଏଠାରେ ମିଳିବ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ ରବି ନାୟକ



**ସୁବର୍ଣ୍ଣପୁର,୨୩।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ରୟାଲ ପଡିଆ ନିକଟସ୍ଥ ଶ୍ରୀ ବାଲାଜୀ ହନୁମାନ ମନ୍ଦିର ଠାରେ ସ୍ୱଚ୍ଛ ଭାରତ ସଙ୍ଗଠନ ସୋନପୁର ମନମୁଣ୍ଡା ପକ୍ଷରୁ ସ୍ୱଚ୍ଛତା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ଥିବା ଓଡ଼ିଶା ରାଜ୍ୟ ସରକାରଙ୍କର ପଞ୍ଚାୟତି ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାୟକ ଏଠାରେ ପହଞ୍ଚି ସ୍ୱଚ୍ଛତା ଅଭିଯାନରେ ଥିବା ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ଉକ୍ତ ସହରର ମନ୍ଦିର ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକ, ହସ୍ପିଟାଲ୍ ଓ ସରକାରୀ ବେସରକାରୀ ବିଭିନ୍ନ ଉତ୍ସବ ମାନଙ୍କରେ ସ୍ୱଚ୍ଛତା ଅଭିଯାନ ଓ ପଲିଥିନ୍ ମୁକ୍ତ ସଚେତନତା ଅଭିଯାନ, ପରିବେଶ ସୁରକ୍ଷା, ରକ୍ତ ଦାନ ଶିବିର, ତ୍ରିରଙ୍ଗା କାର୍ଯ୍ୟକ୍ରମ ଆଦି ସହ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ, ଜିଲ୍ଲା ପ୍ରଶାସନ ସହିତ ଯୋଡ଼ି ହୋଇ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ ଓ ସବୁ ଧର୍ମର ଲୋକେ ଏହି ସଙ୍ଗଠନରେ ସାମିଲ୍ ହୋଇ ସାରା ବିଶ୍ୱକୁ ସର୍ବ ଧର୍ମ ସମନ୍ୱୟର ବାର୍ତ୍ତା ପ୍ରଦାନ କରୁଥିବା ବିଷୟ ଅନୁଷ୍ଠାନର ଉପ ସଭାନେତ୍ରୀ ଇନ୍ଦୁ ମତି ପୁରୋହିତ ଓ କୋଡ଼ିନେଟର ମନୋରଞ୍ଜନ ତ୍ରିପାଠୀଙ୍କ ଠାରୁ ଶୁଣି ମନ୍ତ୍ରୀ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଭାରତ ଅଭିଯାନକୁ ସଫଳ କରାଇ ଏକ ସ୍ୱଚ୍ଛ ଭାରତ, ସୁସ୍ଥ ଭାରତ ଓ ସଶକ୍ତ ଭାରତ ଗଠନ ଦିଗରେ ସହାୟତାର ହାତ ବଢ଼ାଇବାକୁ ମନ୍ତ୍ରୀ ଶ୍ରୀ ନାୟକ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଥିଲେ।

## ଉତ୍କଳ ବାଳାଶ୍ରମରେ 'ସୁରକ୍ଷିତ ବଚପନ, ସୁରକ୍ଷିତ ଭାରତ' କାର୍ଯ୍ୟକ୍ରମ



**କଟକ,୨୩।୧୧ (ସଂଚାର ବ୍ୟୁରୋ):** ସମାଜସେବୀ ସଂଗଠନ ଲୋକସେବା କଟକ ଦ୍ୱାରା "ସୁରକ୍ଷିତ ବଚପନ, ସୁରକ୍ଷିତ ଭାରତ" କାର୍ଯ୍ୟକ୍ରମକୁ ବସୁନ୍ଧରା ଉତ୍କଳ ବାଳାଶ୍ରମ ପ୍ରାଙ୍ଗଣରେ ରବିବାର ଦିନ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶରୂପେ ବାଳାଶ୍ରମର ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ ଶିଶୁମାନେ ନିଜର ସୃଜନଶୀଳତା ଦେଖାଇ ପାରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଲୋକସେବାର କାର୍ଯ୍ୟକର୍ତ୍ତା ଅବିନାଶ ନାୟକ, ସୁଜିତ ସ୍ୱାଇଁ, ଜୟଶ୍ରୀ ସାହୁ, ପ୍ରୀତିବାସ ସାହୁ, ଅଭିଷେକ ନାୟକ, କରିଶ୍ମା ବେଉରା, ପୁଷ୍ପାଞ୍ଜଳି ସାହୁ ଓ ଆଶୁତୋଷ ମହାପାତ୍ର ତତ୍ପରତାରୁ ସକ୍ରିୟ ସହଯୋଗ ମିଳିଥିଲା। ସେମାନଙ୍କର ଯୋଗଦାନରୁ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ସୂଚାରୁ ଭାବରେ ସମ୍ପନ୍ନ ହୋଇପାରିଥିଲା। ଉତ୍କଳ ବାଳଶ୍ରମର କର୍ମକର୍ତ୍ତା ସସ୍ମିତା ରାଉତ ଓ ମଞ୍ଜୁଲତା ସ୍ୱାଇଁ କାର୍ଯ୍ୟକ୍ରମ ସମୟରେ ବିଶେଷ ସହଯୋଗ ଯୋଗାଇଥିଲେ। ଲୋକସେବା ଟିମ୍ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଲୋକସେବା ପକ୍ଷରୁ କୁହାଯାଇଛି ଯେ, ଶିଶୁମାନଙ୍କ ସୁରକ୍ଷା, ସୃଜନଶୀଳତା ଏବଂ ସୁସଂସ୍କାର ଗଢ଼ି ତୋଳିବା ପାଇଁ ଏପରି ପଦକ୍ଷେପ ନିରନ୍ତର ଭାବେ ଜାରି ରହିବ।

# ଦେଶ ନିର୍ମାଣରେ ପଟେଲଙ୍କ ଭୂମିକା ଅବର୍ଣ୍ଣନୀୟ

**ଜାତୀୟ ସଂହତି, ଭାଇଚାରାର ବାର୍ତ୍ତା ନେଇ ଏକତା ପଦଯାତ୍ରା**

**ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ର ପ୍ରତି ସମର୍ପଣ ଭାବ**



**କାକଟପୁର/ଅସ୍ତରଙ୍ଗ,୨୩।୧୧ (ସଂଚାର ବ୍ୟୁରୋ):** ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରବିବାର ଜାତୀୟ ସଂହତି ଓ ଭାଇଚାରାର ବାର୍ତ୍ତା ନେଇ ଏକତା ପଦଯାତ୍ରା ପୁରୀ ଜିଲ୍ଲା କାକଟପୁର ସ୍ଥିତ ବିଶ୍ୱମିତ୍ର ଆଶ୍ରମରୁ ମୋତି କଲ୍ୟାଣୀ ମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଏକତା ଓ ଅଖଣ୍ଡତାର ପୁରୋଧା ଲୌହମାନବ ସର୍ଦ୍ଦାର ପଟେଲଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରାଚୀ ଗୌରୀ ଶଙ୍କର ଦାଶ, ଈଶ୍ୱର ବେହେରା, ପୁରୀ ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା, ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲାପ୍ରତିନିଧି ସୁଦର୍ଶନ ସ୍ୱାଇଁ, ସାଂସଦଙ୍କ କାକଟପୁର ବ୍ଲକ ପ୍ରତିନିଧି କୈଳାଶ ନାୟକ, ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛୋଟରାୟ, ସମାଜସେବୀ ତଥା ଅସ୍ତରଙ୍ଗ ମଣ୍ଡଳ ୧ନଂ ସଭାପତି ଶ୍ରୀଯୁକ୍ତ ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗଡ଼ଜାତ ରାଜ୍ୟଗୁଡିକ ଭାରତ ସହିତ ମିଶ୍ରଣ କରିବାରେ ବଲ୍ଲଭଭାଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ପଦଯାତ୍ରା କାର୍ଯ୍ୟକ୍ରମ ସମାପନ ପରେ ମୋତି କଲ୍ୟାଣୀ ମଣ୍ଡପ ପରିସରରେ 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତିରେ ଏକ ସଭା ଆୟୋଜନ କରାଯାଇଥିଲା। ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅତିଥି ନିଜ ବକ୍ତବ୍ୟରେ ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ର ପ୍ରେମ, ତ୍ୟାଗ ଓ ବୀରତ୍ୱର ପ୍ରତୀକ ବୋଲି କହିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପଦଯାତ୍ରା ରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ କଳାକାର। ପଦଯାତ୍ରା ରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର, ଛାତ୍ରୀ, ବୁଦ୍ଧିଜୀବୀ, ଜନପ୍ରତିନିଧି, କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ଶତାଧିକ ସାଧାରଣ ଜନତା ପଦଯାତ୍ରାରେ ସାମିଲ ହୋଇଥିଲେ।

# ଝରାପଡ଼ାବାସୀଙ୍କ ପାଖରେ ପହଞ୍ଚିଲେ ଜିଲ୍ଲାପାଳ



**ସୁବର୍ଣ୍ଣପୁର,୨୩।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ଅନ୍ତର୍ଗତ ସେଲେଡି ପଞ୍ଚାୟତର ଡୁଲୁଣ୍ଡୁପାଲି ଝରାପଡାର ୨୪ଗୋଟି ଭୂମିହୀନ ପରିବାର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ରହିବା ପାଇଁ ଜମି ଖଣ୍ଡିଏ ଲେଖାଏଁ ଯୋଗାଇ ଦେବାକୁ ଦାବି ପତ୍ର ପ୍ରଦାନ କରି ଗୁହାରି କରିଥିଲେ। ଖୁବ୍ ଶୀଘ୍ର ଏହି ଗାଁକୁ ପରିଦର୍ଶନ କରିବାକୁ ଓ ଏ ସବୁ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଡ଼. ନୃପ ରାଜ ସାହୁ ଏ ନୀରିହ ଗରିବ ଆଦିବାସୀ ପରିବାରଙ୍କୁ ପ୍ରତିଶୃତି ଦେଇଥିଲେ। ପରେ ଆଜି ଜିଲ୍ଲାପାଳ ମଧ ତାଙ୍କ କଥା ରଖି ନିଜେ ଉକ୍ତ ଗ୍ରାମକୁ ପରିଦର୍ଶନ କରି ସେମାନଙ୍କ ସହ ମିଶି ବାସ୍ତବ ଚିତ୍ର ପରଖିଥିଲେ। ପ୍ରକାଶ ଥାଉ କି ଯେ ବିଗତ ୨୦୨୨-୨୩ରେ ଏ ଗାଁ ଲୋକେ ସାମାନ୍ୟତମ ମୌଳିକ ସୁବିଧାରୁ ବଞ୍ଚିତ ଥିବା ବିଷୟ ଖବର ଯେତବେଳେ ଓଡ଼ିଶା ସାମ୍ବାଦିକ ସଂଘ ସୁବର୍ଣ୍ଣପୁର ଜିଲ୍ଲା ଶାଖାକୁ ପହଞ୍ଚିଥିଲା ତୁରନ୍ତ ଗାଁକୁ ସଂଘର କର୍ମକର୍ତ୍ତା ପହଞ୍ଚି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଲୋକଙ୍କ ଦୁଃଖ କଷ୍ଟକୁ ଅନୁଭବ କରି ଜିଲ୍ଲା ପ୍ରଶାସନ ମଧ ତାଙ୍କ ପାଇଁ ମାଟି ଘର ପାଇଁ ପଲିଥିନ, ପିଇବା ପାଣି ଓ ବିଦ୍ୟୁତ ସଂଯୋଗର ବ୍ୟବସ୍ଥା କରିଥିଲେ। ହେଲେ ସେମାନେ ସ୍ଥାୟୀ ଜମି ପଟ୍ଟା କିମ୍ବା ଆବାସ ଗୃହ ପାଇ ନ ଥିବା କଥା ସେମାନେ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳଙ୍କୁ ଭେଟି ନିଜ ଗୁହାରି ଜଣାଇଥିଲେ। ଜିଲ୍ଲାପାଳ ମଧ ତାଙ୍କୁ ଦେଇଥିବା ପ୍ରତିଶୃତି ଅନୁଯାୟୀ ଆଜି ତାଙ୍କ ଗ୍ରାମକୁ ଯାଇ ତାଙ୍କୁ ଭେଟି ଥିବା ଓ ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିବା ଯୋଗୁଁ ସମସ୍ତ ପରିବାର ଖୁସି ପ୍ରକାଶ କରିଥିବା ବେଳେ ଜିଲ୍ଲାପାଳ ତାଙ୍କ ରହିବାପାଇଁ ଭୂମି ଯୋଗାଇ ଦେବା ଆଶା ଉଜ୍ୱଳ ହୋଇଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା କନ୍ଧମାଳ ଜିଲ୍ଲାରେ ଚିତ୍ରାଙ୍କନ ପ୍ରତିଯୋଗିତା



**ଫୁଲବାଣୀ,୨୩।୧୧ (ସଂଚାର ବ୍ୟୁରୋ):** ଶିଶୁ ଦିବସ ପାଳନ ଅବସରରେ, ଓଡିଶା ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଫୁଲବାଣୀ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମିଳନୀ ଗୃହ ଠାରେ ଫୁଲବାଣୀ ବ୍ଲକ, ଖଜୁରୀପଡା ବ୍ଲକ ଓ ଫିରିଙ୍ଗିଆ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନର ସପ୍ତମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

ଏହି ପ୍ରତିଯୋଗିତା ବାଲିଗୁଡା, ଜି.ଉଦୟଗିରି, ଦାରିଙ୍ଗିବାଡି, ତୁମୁଡ଼ିବନ୍ଧ ଓ କୋଟଗଡ ତାଲୁକ ସ୍ତରୀୟ କୋର୍ଟ ପରିସରରେ ମଧ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ପ୍ରସାର, ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବା ଏବଂ ଶିଶୁ ଅଧିକାରକୁ ପ୍ରୋତ୍ସାହିତ କରିବା ଏହି ଚିତ୍ରାଙ୍କନ ପ୍ରତିଯୋଗିତା ଏକ ମାଧ୍ୟମ ଅଟେ। ଏହି ପ୍ରତିଯୋଗିତାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ରାମ ଶଙ୍କର ହୋତା, ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ରାଜେଶ ଦାଶ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରମାକାନ୍ତ ମହାନ୍ତି, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଫୁଲବାଣୀ ପ୍ରିୟ ରଞ୍ଜନ ଓଝା, ମହିଳା ଅଦାଲତ ବିଚାରପତି ବିଶ୍ୱକଲ୍ୟାଣୀ ମିଶ୍ର, ଜେ.ଏମ୍.ଏଫ.ସି ବଦ୍ରିନାଥ ବିଶ୍ୱାଳ, ପ୍ରୋବେସନର ସିଭିଲ ଜଜ ଅରୁଣିମା ପତି, ଚିଫ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ ଦେବବ୍ରତ ପ୍ରଧାନ, ଡେପୁଟି ଚିଫ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ ନିରୋଦ କୁମାର ପାତ୍ର, ସହକାରୀ ଲିଗାଲ ଏଡ ଡିଫେନ୍ସ କାଉନ୍ସେଲ କେ. ଲକ୍ଷ୍ମୀ ନାରାୟଣ ଦୋରା ଓ ଶୁଭାଙ୍ଗୀ ହାରିତସ୍ୟ ଉପସ୍ଥିତ ରହି ଚିତ୍ରାଙ୍କନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## ବ୍ୟାସନଗରରେ ସତ୍ୟସାଇ ବାବାଙ୍କ ଜନ୍ମ ଜୟନ୍ତୀ ମହା ଆଡ଼ମ୍ବରରେ ପାଳିତ

**ଯାଜପୁର ରୋଡ଼,୨୩।୧୧(ସଂଚାର ବ୍ୟୁରୋ):** ପ୍ରଭୁ ଶ୍ରୀ ଶ୍ରୀ ଭଗବାନ ସତ୍ୟସାଇ ବାବାଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ସାରା ଦେଶରେ ପାଳନ ହେଉଛି । ବାବାଙ୍କ ଜନ୍ମ ଦିବସର ଏହି ପରିପ୍ରେକ୍ଷୀରେ ଆଜି ବ୍ୟାସନଗର ପୌରାଅଂଚଳ ସହରର ସତ୍ୟସାଇ ସେବା ସଂଗଠନ ପକ୍ଷରୁ ପଦ୍ମପୁର ସାହି ନିକଟସ୍ଥ ରେଲୱେ ଫାଟକର କିଛି ଦୂରରେ ଅବସ୍ଥିତ ସାଇବାବାଙ୍କର ମନ୍ଦିରରେ ବାବାଙ୍କର ଜନ୍ମ ଜୟନ୍ତୀକୁ ମହା ଆଡ଼ମ୍ବରରେ ପାଳନ କରାଯାଇଅଛି । ହଜାର ହଜାର ଭକ୍ତଙ୍କ ମେଳରେ ବାବାଙ୍କ ପାଲିଙ୍କି ଶୋଭାଯାତ୍ରାକୁ ସହର ପରିକ୍ରମା କରାଯିବା ସହିତ, ଷୋଡଶ ଉପଚାର ପୂଜା, ଓଂକାର ଧ୍ୱନି, ଦିବ୍ୟ ପ୍ରଶାନ୍ତି ପତାକା ଉର୍ତ୍ତୋଳନ, ପ୍ରଦୀପ ପ୍ରଜ୍ୱଳନ, ଅଧାତ୍ମିକ ଆଲୋଚନା ଓ଼ ବେଦ ପାଠ କରାଯାଇଥିବା ନେଇ ମୁଖ୍ୟ ଉପଦେଷ୍ଟା ରସାନନ୍ଦ ମହାନ୍ତି ସୂଚନା ଦେଇଥିଲେ। ବାବାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ମାନବ ସେବା ହିଁ ମାଧବ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଭକ୍ତ ତଥା ପୂର୍ବତନ ଅଧକ୍ଷା ସବିତା ରାଉତ ପରାମର୍ଶ ଦେଇଥିଲେ। ସାହାଯ୍ୟ କର ନିରନ୍ତର, ଅନ୍ୟର ଅନିଷ୍ଟ ନକର,ସମସ୍ତଙ୍କୁ ସେବା କର ଓ଼ ସମସ୍ତଙ୍କୁ ଭଲ ପାଅ ବୋଲି ପୂର୍ବତନ ସଭାପତି ଶ୍ରୀ ସାହୁ କହିଥିଲେ। ଶେଷରେ ବାବାଙ୍କ ମଙ୍ଗଳା ଆଳତି କରାଯାଇ ପୂଜା କାର୍ଯ୍ୟ ସମାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେବା ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କ ସହ ହଜାର ହଜାର ଭକ୍ତ ସହଯୋଗ କରିଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ



**ଖଲ୍ଲିକୋଟ,୨୩।୧୧ (ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୭୮ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି)ର ପ୍ରତିଷ୍ଠା ଦିବସ ମହା ଆଡମ୍ବରରେ କ୍ୟାପଟେନ ଡ. ଯତୀନ ବିଷୋୟୀଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ କର୍ଣ୍ଣେଲ ସମୀର କୁମାର କର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ପତାକା ଉତ୍ତୋଳନ କରିବା ସହ ସମର ଶିକ୍ଷାର୍ଥୀ ବାହିନୀଙ୍କ ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସେ ସମର ଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିବା ସହ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଏନସିସି ୟୁନିଟ ଓଡ଼ିଶାର ସର୍ବପୁରାତନ ତଥା ପ୍ରଥମ ସ୍ଥାପିତ ୟୁନିଟ ବୋଲି ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଯୋଗଦେଇ ଦେଶ ଗଠନ, ଶୃଙ୍ଖଳିତ ଆଚରଣ ଓ ଉଚ୍ଚାରଣରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଥିବା ଅଗ୍ରଗଣ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦିଲ୍ଲୀ ଠାରେ ଅନୁଷ୍ଠିତ ସର୍ବ ଭାରତୀୟ ସ୍ଥଳ ସୈନିକ କ୍ୟାମ୍ପରେ ଓଡ଼ିଶା ନିର୍ଦ୍ଦେଶାଳୟ ତରଫରୁ ଆମ ବିଶ୍ୱବିଦ୍ୟାଳୟର ସମର ଶିକ୍ଷାର୍ଥୀ ଆୟୁଷ୍ମାନ ସ୍ୱାଇଁ, ବିନାୟକ ସାବତ, ଦେବୀଶ୍ରିତା ପ୍ରିୟଦର୍ଶିନୀ, ରିତୁ କୁମାରୀ ଦଳାଇ, ମାମାଲି ସେଠୀ, ଶୁଭମ ଦାଶ, ଦେବକୀ ବେହେରା ପ୍ରମୁଖ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟ ପାଇଁ ସୁନାମ ଆଣିଥିବାରୁ ପୁରସ୍କୃତ କରାଯାଇଥିଲା। ଏହା ସହ ଏନ. ସି. ସି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ମଧ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶ୍ରୀ ଶ୍ରୀ ଠାକୁର ନିଗମନନ୍ଦଙ୍କ ୨୨ତମ ବାର୍ଷିକ ଉତ୍ସବ



**ରାଜନଗର,୨୩।୧୧ (ସଂଚାର ବ୍ୟୁରୋ):** କଳିଯୁଗର ଅନ୍ୟତମ ଯୁଗ ପୁରୁଷ ଆଧାତ୍ମିକ ଜଗତର ମହାପୁରୁଷ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ରାଜନଗର ନୀଳାଚଳ ସାରସ୍ୱତ ସଂଘର ୨୨ତମ ବାର୍ଷିକ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ନୀଳାଚଳ ସାରସ୍ୱତୀ ସଂଘର ସଭାପତି ବିଜୟ କୁମାର ପରିଜାଙ୍କ ପୌରେହିତରେ ଆୟୋଜିତ ଭବ୍ୟ ଦିବ୍ୟ ସମାବେଶରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଦିବ୍ୟବାଣୀ ଉପରେ ଆଲୋଚନା କରଯାଇଥିଲା। ପୁରୀ ନୀଳାଚଳ ସଂଘର ଗଞ୍ଜାମ, ବ୍ରହ୍ମପୁର, ତାଳଚେର ଜଗନ୍ନାଥପୁର, ବହାରଣା ସଂଘର କର୍ମକର୍ତ୍ତା ସମେତ ରାଜନଗର ପଟ୍ଟାମୁଣ୍ଡାଇ ସମେତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨ଶହ ଭକ୍ତ ଅଂଶ ଗ୍ରହଣ କରିଥଲେ। ଉତ୍ସବରେ ବୟୋଜ୍ୟେଷ୍ଠ ପିତା ମାତା ଏବଂ ସୁଶାନ୍ତ ମହାପାତ୍ରଙ୍କ କନ୍ୟା ଚଳିତ ଓଏଏସ ପରୀକ୍ଷାରେ ସଫଳତା ପାଇଥିବା ସାସ୍ୱତୀ ମହାପାତ୍ରଙ୍କୁ ସମ୍ମାନିତ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନୀଳମଣି ପ୍ରଧାନ, ଚନ୍ଦ୍ରମଣି ରାଉତ, ଅଦିତ୍ୟ ମଲ୍ଲିକ, ନକୁଳ ପଢ଼ିହାରି ପ୍ରମୁଖ ପରିଚାଳନା କରିଥଲେ।

## ଘରର ତାଲା ଭାଙ୍ଗି ଲୁଟିନେଲେ ୪ ଲକ୍ଷର ସୁନାଗହଣା ସମେତ ୨୦ ହଜାର ଟଙ୍କା



**ନୀଳଗିରି,୨୩।୧୧ (ସଂଚାର ବ୍ୟୁରୋ):** ମହୋତ୍ସବ ଚୋରଙ୍କ ପାଇଁ ଚାନ୍ଦିନୀ ରାତି ପାଲଟିଲା। ବରହମପୁର ମହୋତ୍ସବ ବୁଲିବାକୁ ଯାଇଥିବା ସମୟରେ ତାଲା ଭାଙ୍ଗି ତିନି ଘରୁ ସିରିଜ୍ ଚୋରି। ଲୁଟିନେଲେ ୪ ଲକ୍ଷ ଟଙ୍କାର ସୁନାଗହଣା ସମେତ ୨୦ ହଜାର ଟଙ୍କା। ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଅଞ୍ଚଳରେ ମେଳା ମହୋତ୍ସବ ଆସିଲେ ସକ୍ରିୟ ହେଉଛନ୍ତି ଚୋର। ସୂଚନା ବରହମପୁର ମହୋତ୍ସବ ନୀଳଗିରି ନିର୍ବାଚନ ମଣ୍ଡଳୀର ରାଜ ବରହମପୁର ଠାରେ ଗତ ଶନିବାର ରାତ୍ରୀରେ ବରହମପୁର ମହୋତ୍ସବ ଚାଲିଥିବା ବେଳା ଏହାର ସୁଯୋଗ ନେଇ ପୁନାସିଆ ଗ୍ରାମର ଅକ୍ଷୟ ମହାପାତ୍ରଙ୍କ ଘରୁ ଚୋରି ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଓ ବରହମପୁରର ଶଙ୍କର୍ଷଣ ପଶାଙ୍କ ଘରୁ ଗତ ରାତ୍ରିରେ ଚୋରି ପାଇଁ ଉଦ୍ୟମ କରୁଥିଲା ବେଳେ ସଫଳ ହୋଇପାରି ନଥିଲେ। ବର୍ତ୍ତମାନ ବରହମପୁର ମହୋତ୍ସବ ଚାଲୁଥିବା ବେଳେ ଗତ ରାତ୍ରିରେ ମହୋତ୍ସବ ଦେଖିବାକୁ ଏହି ତିନି ପରିବାର ଲୋକ ସମ୍ପର୍କୀୟଙ୍କ ସହିତ ଘରେ ଚାବି ଦେଇ ମହୋତ୍ସବ ଦେଖିବାକୁ ଯାଇଥିଲେ। ବରହମପୁର ଥାନାରେ ଲିଖିତ ଅଭିଯୋଗ ପରେ ବରହମପୁର ପୋଲିସ ସାଇଣ୍ଟିଫିକ ଟିମ୍ ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏନେଇ ବରହମପୁର ଥାନାରେ ୧୫୫/୨୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରେମଦା ନାୟକ ସୂଚନା ଦେଇଛନ୍ତି।

## ସମର ଶିକ୍ଷାର୍ଥ ବାହିନୀ ଦିବସ ପାଳିତ



**ସୁନ୍ଦରଗଡ଼,୨୩।୧୧ (ସଂଚାର ବ୍ୟୁରୋ):** ନଭେମ୍ବର ୨୩ ତାରିଖ ସ୍ଥାନୀୟ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ବାଳିକା ବିଭାଗ ପରିସରରେ ସମର ଶିକ୍ଷାର୍ଥ ବାହିନୀ ଦିବସ ଅନୁଷ୍ଠିତ ହୋଇ ଯାଇଛି। ସୁନ୍ଦରଗଡ଼ ଟ୍ରେନିଂ କୋତର ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ସ୍ୱାଧିମେରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଉଜ୍ଜଳପୁର ଓ ଲହଣ୍ଡାବୁଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୦ କ୍ୟାଡେଟ୍ ମାନଙ୍କୁ ନେଇ ମିଳିତ ଭାବେ ସମର ଶିକ୍ଷାର୍ଥ ବାହିନୀର ୭୮ତମ ପ୍ରତିଷ୍ଠା ଦିବସ ପାଳନ ହୋଇ ଯାଇଛି। ଅବସର ପ୍ରାପ୍ତ ଏନ୍‌ସିସି ଅଧିକାରୀ ସୁଧାଂଶୁ କୁମାର ଚୌଧୁରୀ ସବୁଜ ପତାକା ଦେଖାଇ ସାଇକେଲ ରାଲିକୁ ଉଦ୍‌ଘାଟନ କରିଥିଲେ। ସାଇକେଲ ରାଲି ସହର ପରିକ୍ରମା କରିଥିଲା। ପରେ ବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଚୌଧୁରୀ ଯୋଗଦାନ କରି ସମର ଶିକ୍ଷାର୍ଥ ବାହିନୀ ଦିବସ ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ। କ୍ୟାଡେଟ୍‌ମାନେ ବିଭିନ୍ନ ସାଂସ୍କୃତିକ ଜରିଆରେ ସାଇବର ଠକେଇରୁ ଦୂରେଇ ରହିବା ଏବଂ ଟୋଲ ଫ୍ରି ନମ୍ବର ବ୍ୟବହାର କରିବାର ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଶ୍ରେଷ୍ଠ କ୍ୟାଡେଟ୍ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ୧୪ ଡିସେମ୍ବରରେ ଓଡ଼ିଶା ଅମଲା ସଂଘ ନିର୍ବାଚନ



**ବୋରିଗୁମ୍ମା,୨୩।୧୧ (ସଂଚାର ବ୍ୟୁରୋ):** ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ସଭାପତି ଶଶୀଭୂଷଣ ଦାଶଙ୍କ ଦ୍ୱାରା ଜୟପୁର ଯାଦବ ଭବନ ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚିତ କମିଟି ୦୫.୦୨.୨୦୨୩ରେ ହୋଇଥିବା ସ୍ଥଳେ ୦୫.୦୨.୨୦୨୬ରେ କାର୍ଯ୍ୟକାଳ ସରୁଥିବାରୁ ଏକ ମାସ ପୂର୍ବରୁ ଓଡ଼ିଶା ଅମଲା ସଂଘର ନିର୍ବାଚନ କରିବା ନିମନ୍ତେ ପୂର୍ବ ବୈଠକରେ ସ୍ଥିର କରାଯାଇ ରାଜ୍ୟ ସଂଘକୁ ଅବଗତ କରାଯାଇଥିଲା। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହୋଇଥିଲା।

ଏ ନେଇ ଆଜି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ବିଘଟନ କରାଯାଇଥିବା ଶ୍ରୀ ଦାଶ୍ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି। ତା ୩୦.୧୧.୨୦୨୫ ରିଖ ଦିନ ଜୟପୁର ଯାଦବ ଭବନ ଠାରେ ଓଡ଼ିଶା ଅମଲା ସଂଘର ସଦସ୍ୟ ବିଭିନ୍ନ ପଦ ପଦବୀ ନିମନ୍ତେ ପ୍ରାର୍ଥିପତ୍ର ଦାଖଲ କରିବା ନିମନ୍ତେ ସ୍ଥିର କରାଯାଇଛି। ଉକ୍ତ ଦିନ ପ୍ରାର୍ଥିପତ୍ର ଯାଞ୍ଚ କରି ଚୁଡାନ୍ତ ପ୍ରାର୍ଥୀ ତାଲିକା ଘୋଷିତ କରାଯିବ। ୧୪.୧୨.୨୦୨୫ ତାରିଖ ଦିନ ଜୟପୁର ଯାଦବ ଭବନ ଠାରେ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖାର ନିର୍ବାଚନ ହେବା ନିମନ୍ତେ ସ୍ଥିର କରାଯାଇଛି। ନରେନ୍ଦ୍ର ନାଥ ତ୍ରିପାଠୀ ନିର୍ବାଚନ ଅଧିକ୍ଷ, ସୁନାକର ରାଉତ, କାହ୍ନୁଚରଣ ନାୟକ, ଲକ୍ଷ୍ମୀକାନ୍ତ ଦାଶ୍, ସୁଦର୍ଶନ ସାହୁଙ୍କୁ ନିର୍ବାଚନ ଅଧିକାରୀ ରୂପେ ଚୟନ କରାଯାଇଛି।

# ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



**ବୈଶିଙ୍ଗା,୨୩।୧୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ବୈଶିଙ୍ଗା ରୟାଲ ବଗିଚା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଅରୁଣ କୁମାର ଓତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ ଗୋଛାୟତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ସୌରଭ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଖବର ସଂଗ୍ରହ କରିବା ସମୟରେ ସାମ୍ବାଦିକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ତାଙ୍କୁ କୁଚକ୍ରାନ୍ତ କରି ମିଛ ମାମଲା କରାଇବା ଘଟଣା ଚିନ୍ତାଜନକ ବୋଲି ବରିଷ୍ଠ ସାମ୍ବାଦିକ ଶ୍ରୀ ନାୟକ ନିଜ ବକ୍ତବ୍ୟରେ କହିଥିଲେ। ସଂଘର ସମ୍ପାଦକ ସଞ୍ଜୟ ଅଗ୍ରୱାଲା ସମ୍ପାଦକୀୟ ପାଠ କରିବା ସହିତ ସାମ୍ବାଦିକ ଙ୍କ ସୁରକ୍ଷା ଦିଗରେ ଯତ୍ନ ବାନ ହେବା ପ୍ରଶାସନ ନିକଟରେ ଦାବୀ ରଖିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପରିଡା ନିଜର ସୁଲଭ ସ୍ୱଭାବ ଢ଼ଙ୍ଗରେ ସାମ୍ବାଦିକ ମାନେ ସମାଜରେ କେତେ ଅବହେଳିତ ତାହାକୁ ପରିସ୍ଫୁଟିତ କରିଥିଲେ। ଅନୁଧାନ ସମ୍ବାଦପତ୍ରର ପ୍ରତିଷ୍ଠାତା ବିକାଶ ଚନ୍ଦ୍ର ସେଠୀ ନିଜ ବକ୍ତବ୍ୟରେ ସମସ୍ତ ସାମ୍ବାଦିକ ଙ୍କ ଉଦେଶ୍ୟରେ ଭାଇଚାରା ନେଇ କାର୍ଯ୍ୟ କରିବାକୁ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ସାରା ଜିଲ୍ଲାରୁ ଶତାଧିକ ସାମ୍ବାଦିକ ଭାଇ / ଭଉଣୀ ଉପସ୍ଥିତ ରହିଥିଲେ । ବିନୋରୀ ସଙ୍ଗୀତ ଏକାଡେମୀ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ବଙ୍କିମ୍ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସାମ୍ବାଦିକା ତଥା ଉଦଳା ଏନଏସି ର ଚେୟାରମ୍ୟାନ ପ୍ରମିଳା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



**ଭେଡେନ,୨୩।୧୧ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ରବିବାର ଦିନ ଭେଡେନ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାକୁ ବିଚାରପତି ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ସପ୍ତମ, ଅଷ୍ଟମ, ନବମ ଦଶମ ଶ୍ରେଣୀର ୫୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପରେ ସମସ୍ତ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ପଞ୍ଚାୟତସ୍ତରୀୟ ସାଂସଦ କ୍ରୀଡ଼ା ମହୋତ୍ସବ



**କନ୍ଧମାଳ,୨୩।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ପଞ୍ଚାୟତ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମଟି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ କରାଯାଇଥିବା ବେଳେ ଦଳପଡା ପଞ୍ଚାୟତ ଅଞ୍ଚଳର ମେଡୁ, ଲମ୍ବାବାଡି, ନଗଲେଜୁ, ଦଳପଡା, ଡାଞ୍ଜୁ ସମେତ ବିଭିନ୍ନ ବିଦ୍ୟାଳୟରୁ ୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଏଥିରେ କବାଡି, ଫୁଟବଲ, ଖୋଖୋ, କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ, ଚେସ ପରି ଖେଳ ପ୍ରତିଯୋଗିତା କରାଯାଇଥିଲା। ଖେଳ ପରିଚାଳନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ପ୍ରଧାନ କରିଥିବା ବେଳେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁପ୍ରଭା ଦାଶ ତଦାରଖ କରିଥିଲେ । ଅପରାହ୍ନ ୪ ଘଣ୍ଟିକା ସମୟରେ ଉଦଯାପନୀ ହୋଇଥିଲା ।




# ସକାଳ ଜଳଖିଆ ସ୍ୱାସ୍ଥ୍ୟ ପାଇଁ ସ୍ୱାସ୍ଥ୍ୟକର



ଭୁବନେଶ୍ୱର: ସକାଳ ସମୟରେ ଆମେ କ'ଣ ଏବଂ କିପରି ଖାଉ ତାହା ସାରା ଦିନ ଆମର ସ୍ୱାସ୍ଥ୍ୟ, ଶକ୍ତି ଏବଂ ପାଚନକୁ ପ୍ରଭାବିତ କରିଥାଏ। ବିଶେଷକରି ସକାଳ ସମୟରେ ଆମ ପେଟ ଖାଲିଥାଏ। ଏହି ସମୟରେ କ'ଣ ଖାଇବା ଉଚିତ କ'ଣ ଖାଇବା ଅନୁଚିତ ତାହାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ଆସନ୍ତୁ ଜାଣିବା ସକାଳ ସମୟରେ କେଉଁ ଖାଦ୍ୟ ଖାଇବା ଉଚିତ।

**ସକାଳ ସମୟରେ କଣ ଖାଇବା:** ଖାଲି ପେଟରେ କଫି, ଚା, କିମ୍ବା ସାଇଟ୍ରସ୍ ଫଳ ଖାଇବା ଦ୍ୱାରା ଏହା ଆମ ଶରୀରରେ ସମସ୍ୟା ସୃଷ୍ଟି କରିପାରେ। ସକାଳେ ପ୍ରଥମେ ଏକ ଗ୍ଲାସ୍ ଉଷୁମ ପାଣି ପିଇବା ଦ୍ୱାରା ପେଟ ବିଷମୁକ୍ତ ହୁଏ। ଏଥିରେ ଅଳ୍ପ ଲେମ୍ବୁ ମିଶାଇ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହିତ ମେଟାବୋଲିଜିମ୍ ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହା ପାଚନ ତନ୍ତ୍ରକୁ ହାଲୁକା ଏବଂ ସକ୍ରିୟ ରଖେ। ଯାହା ଆପଣଙ୍କୁ ଦିନସାରା କାମ କରିବା ପାଇଁ ଶକ୍ତି ଯୋଗାଇଥାଏ।

**ସକାଳେ ଏସବୁ ଖାଆନ୍ତୁନି:** ସକାଳେ ଖାଲି ପେଟରେ ତେଲ କିମ୍ବା ଭାରି ଖାଦ୍ୟ ଖାଇବା ଦ୍ୱାରା ଗ୍ୟାସ୍ ବଢ଼ିପାରେ। ଏହି କ୍ଷେତ୍ରରେ ଓଟ୍ସ ଭଳି ହାଲୁକା ଖାଦ୍ୟ ଖାଇବା ହେଉଛି ସର୍ବୋତ୍ତମ ବିକଳ୍ପ। ଏଭଳି ଖାଦ୍ୟରେ ଫାଇବର ପ୍ରଚୁର ପରିମାଣରେ ରହିଥାଏ। ଯାହାକି ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଯଦି ଆପଣ ସକାଳ ସମୟରେ କିଛି ହାଲୁକା ଏବଂ ଶୀଘ୍ର ଖାଇବାକୁ ଚାହୁଁଛନ୍ତି ତେବେ କଦଳୀ, ସେଓ କିମ୍ବା ଅମୃତଭଣ୍ଡା ଖାଇ ପାରିବେ।

ଏହି ଫଳଗୁଡ଼ିକ ସହଜରେ ହଜମ ହୁଏ ଏବଂ ପେଟକୁ ଥଣ୍ଡା ରଖିଥାଏ। ଖାଲିପେଟରେ ପଇଡ଼ ପାଣି ବି ପିଇ ପାରିବେ। ସକାଳେ ଖାଲି ପେଟରେ ରାତିସାରା ଭିଜା ହୋଇଥିବା କିସମିସ୍, ବାଦାମ କିମ୍ବା ଅଖରୋଟ ଖାଇବା ଅତ୍ୟନ୍ତ ଲାଭଦାୟକ। ଏହା କେବଳ ହଜମକୁ ସମର୍ଥନ କରେ ନାହିଁ ବରଂ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବା ସହିତ ପେଟ ସମସ୍ୟାକୁ ଦୂର କରିଥାଏ।

# ଶୀତରେ ତ୍ୱଚାର ଯତ୍ନ



ଶୀତଦିନରେ ଚର୍ମ ଶୁଖିଲା ହୋଇଯାଏ। ଏହି ସମୟରେ ତ୍ୱଚାଠାରୁ ଆରମ୍ଭ କରି କେଶ, ନଖ ପ୍ରଭୃତିର ଯତ୍ନ ନେବା ନିହାତି ଦରକାର। ଶୀତଦିନରେ ପାଦ ଫାଟିବା ,ଓଠ ଫାଟିବା ଓ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଫାଟିବା ଭଳି ଅନେକ ସମସ୍ୟା ଦେଖାଦିଏ। ଏହି ସମସ୍ୟାକୁ ଦୂର କରିବା ପାଇଁ ଆମକୁ କିଛି ସରଳ ଉପାୟ ଅବଲମ୍ବନ କରିବାକୁ ପଡ଼ିବ। ରୋଷେଇ ଘରର କିଛି ଓ ବାଡ଼ିବଗିଚାରୁ କିଛି ସରଞ୍ଜାମକୁ ବ୍ୟବହାର କରି ଆମେ ଶରୀର ତ୍ୱଚାକୁ କୋମଳ ରଖିପାରିବା।

ଯଦି ଆପଣ ସାବୁନ ବ୍ୟବହାର କରୁଛନ୍ତି ତେବେ ଏହା ଶୀତ ଦିନେ ବନ୍ଦ କରିଦିଅନ୍ତୁ। କାରଣ ସାବୁନରେ ରହୁଥିବା କାଷ୍ଟିକ ସୋଡ଼ା ତ୍ୱଚାକୁ କଳା ପକାଇବା ସହ ଏହାକୁ ଶୁଖିଲା କରେଇ ଦେଇଥାଏ। ଏହା ବଦଳରେ ଆପଣ ଘରେ ଥିବା ଦେଶୀ ଗାଈର କ୍ଷୀର ୫୦ ଗ୍ରାମକୁ ଶରୀରରେ ମାଲିସ୍ କରନ୍ତୁ ଓ ଅଧଘଣ୍ଟା ଛାଡ଼ିଦିଅନ୍ତୁ। ଏହାପରେ ଗାଧାନ୍ତୁ। ଦେଖିବେ ଆପଣଙ୍କ ଶରୀର ସପୂର୍ଣ୍ଣ ସଫା ହେଇଯିବ।

ଥଣ୍ଡା ଦିନେ ବାଦାମ ତେଲ ତ୍ୱଚା ପାଇଁ ଖୁବ୍ ଲାଭଦାୟକ ଅଟେ। କୋମଳ ତ୍ୱଚା ପାଇଁ ରାତିରେ ଶୋଇବା ପୂର୍ବରୁ ବାଦାମତେଲ ମାଲିସ୍ କରି ଶୁଅନ୍ତୁ। ଗାଧୋଇବା ପରେ ନଡ଼ିଆ ତେଲ କିମ୍ବା ବଡିଲୋସନ୍କୁ ତ୍ୱଚାରେ ଭଲ ଭାବେ ମାଲିସ କରନ୍ତୁ। ଏହାଁ ଦ୍ୱାରା ତ୍ୱଚାରେ ଶୁଷ୍କତା ଦେଖାଯାଏ ନାହିଁ। ଚେହେରା ଧୋଇବା ସମୟରେ ଅଧିକ ଥଣ୍ଡା କିମ୍ବା ଗରମ ପାଣି ବ୍ୟବହାର କରନ୍ତୁ ନାହିଁ।

ଓଠ ଫଟା ଓ ଶୁଖିଲା ତ୍ୱଚା ପାଇଁ ସବୁଦିନ ଶୋଇବା ପୂର୍ବର୍ରୁ ମଲେଇ, ଗୋଲାପ ଜଳ ଓ ଲେମ୍ବୁ ରସକୁ ଭଲ ଭାବେ ମିଶାଇ ମାଲିସ୍ କରନ୍ତୁ। ଗ୍ଲିସେରିନ୍, ଗୋଲାପ ଜଳ ଓ ଲେମ୍ବୁ ରସର ମିଶ୍ରଣ ଚେହେରାରେ ଲଗାଇବା ଦ୍ୱାରା ତ୍ୱଚା କୋମଳ ଏବଂ ଗୋରା ଦେଖାଯାଏ। ଶୀତଦିନେ ସକାଳ ସମୟରେ ଖରାରେ ନିଶ୍ଚୟ ବସନ୍ତୁ। ତେବେ ଏହାପୂର୍ବରୁ ସନସ୍କ୍ରିନ ନିଶ୍ଚୟ ଲଗାନ୍ତୁ। ଦହିକୁ ପ୍ରାକୃତିକ ମଇଶ୍ଚରାଇଜର କୁହାଯାଏ। ତେଣୁ ସପ୍ତାହକୁ ୨ ରୁ ୩ ଥର ଦହିକୁ ମୁହଁରେ ଲଗାଇ ମାଲିସ କରନ୍ତୁ। ଏହାପରେ ମୁହଁ ଧୋଇ ଦିଅନ୍ତୁ।

# ସାରୁପତ୍ରରେ ତିଆରି କରନ୍ତୁ ସ୍ୱାଦିଷ୍ଟ ବ୍ୟଞ୍ଜନ



କୋବିପତ୍ର, ମୂଳାପତ୍ର, ସଜନାପତ୍ର, ପାଳଙ୍ଗଶାଗ, କୋଶିଳା ଶାଗର ପତ୍ରର ପକୁଡ଼ି ବା ତରକାରୀ ନିଶ୍ଚିତ ଭାବେ ଖାଇଥିବେ। କେବେ ସାରୁପତ୍ରରେ ବ୍ୟଞ୍ଜନ ପ୍ରସ୍ତୁତ କରିଛନ୍ତି କି। ଖୁବ କମ ଲୋକେ ଜାଣିଥିବେ ସାରୁପତ୍ରରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ ହୋଇପାରେ। ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ପ୍ରଣାଳୀ।

**ସାରୁପତ୍ର ବରା**

ଆବଶ୍ୟକ ସାମଗ୍ରୀ: ୫ଟି ସାରୁପତ୍ର,୧୫୦ ଗ୍ରାମ ବେସନ,୧୦୦ଗ୍ରାମ ତେନ୍ତୁଳି ମଣ୍ଡ ,୨୦ ଗ୍ରାମ ଲଙ୍କା ଗୁଣ୍ଡ,୫ ଗ୍ରାମ ହଳଦୀ ପାଉଡର, ୨ ଗ୍ରାମ ହିଂ, ୨ଗ୍ରାମ ଭଜା ଜିରା, ୨୦ ଗ୍ରାମ ଚିନି, ୨୦ ମିଲି ତେଲ, ସ୍ୱାଦ ଅନୁସାରେ ଲୁଣ।

ମୁଖ୍ୟ ପ୍ରସ୍ତୁତି ପ୍ରଣାଳୀ: ସାରୁ ପତ୍ରକୁ ଭଲଭାବେ ସଫା କରନ୍ତୁ। ଉପରୋକ୍ତ ଉପାଦାନଗୁଡ଼ିକୁ ମିଶ୍ରଣ କରି ଏକ ଘନ ବ୍ୟାଟର ପ୍ରସ୍ତୁତ କରନ୍ତୁ।

**ନିଜେ ଖାଆନ୍ତୁ ଅନ୍ୟକୁ ବି ଖୁଆନ୍ତୁ:** ପ୍ରଥମେ ଗୋଟିଏ ପତ୍ରକୁ ବିଛାଇ ପ୍ରସ୍ତୁତ କରି ରଖିଥିବା ବ୍ୟାଟରର ଏକ ପତଳା ସ୍ତର ଲଗାନ୍ତୁ। ଉପରେ ଆଉ ଏକ ପତ୍ର ରଖନ୍ତୁ। ସେହିପରି ସମ୍ପୂର୍ଣ୍ଣ ବ୍ୟାଟରକୁ ବାକି ପତ୍ର ଉପରେ ଲଗାନ୍ତୁ। ୫ଟି ପତ୍ରକୁ ପରସ୍ତ ପରସ୍ତ କରି ବ୍ୟାଟର ସହିତ ରଖନ୍ତୁ। ଏହାପରେ ଏହାକୁ ରୋଲଭଳି ଗୁଡ଼ାଇ ଏକ ସୂତା ସାହାଯ୍ୟରେ ବାନ୍ଧି ଇଡ଼ିଲି ଛାଞ୍ଚରେ ସିଝିବା ପାଇଁ ଛାଡ଼ି ଦିଅନ୍ତୁ। ସିଝିବା ପାଇଁ ପାଖାପାଖି ୨୦ମିନିଟର ସମୟ ଲାଗିବ। ସିଝିଗଲା ପରେ ଉକ୍ତ ରୋଲକୁ ଗୋଲ ଗୋଲ କରି କାଟି ଦିଅନ୍ତୁ। ଏହାପରେ ଏକ ପ୍ୟାନରେ ତେଲ ଗରମ କରି ଗୋଟେ ପରେ ଗୋଟେ ସାରୁପତ୍ରକୁ ଛାଣନ୍ତୁ। ଏହାକୁ ଧନିଆ, ପୋଦିନା କିମ୍ବା ଟମାଟୋ ଚଟୁଣୀ ସହିତ ପରଷନ୍ତୁ।

# କାଜୁ ଖାଇଲେ ଜବରଦସ୍ତ ଫାଇଦା ମିଳେ



ସୁସ୍ଥ ଶରୀର ପାଇଁ କିଏ ବା ନଚାହେଁ। କାହିଁକିନା ସ୍ୱାସ୍ଥ୍ୟକୁ ସମ୍ପଦ ବୋଲି କୁହାଯାଏ। ସମୟ ବଦଳିବା ସହିତ ମଣିଷମାନେ ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ଖାଇବା ପିଇବାକୁ ନେଇ ଅନେକ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳୁଛି। ଅଧିକାଂଶ ଲୋକେ ଏବେ ସକାଳୁ ସକାଳୁ ଡ୍ରାଏଫ୍ରୁଟସ୍ ଖାଉଛନ୍ତି। ସେଥି ମଧ୍ୟରୁ କାଜୁ ଅନ୍ୟତମ। ସାଧା ଖାଦ୍ୟରେ ସ୍ୱାଦ ବଢ଼ାଇବା ପାଇଁ ରୋଷେଇରେ କାଜୁକୁ ବ୍ୟବହାର କରାଯାଇଥାଏ । ତେଣୁ କାଜୁର ଅଧିକ ଚାହିଦା ରହିଛି। ଏହା ଆମକୁ ସ୍ୱାଦିଷ୍ଟ ଲାଗିବା ସହିତ ଶରୀର ପାଇଁ ମଧ୍ୟ ଲାଭପ୍ରଦ ହୋଇଥାଏ। ଯାହା ଲମ୍ବା ସମୟ ଧରି ପେଟକୁ ଭାରି କରି ରଖିଥାଏ। ଲୋକେ ସେମାନଙ୍କ ଡାଏଟ୍ ପ୍ଲାନରେ କାଜୁକୁ ସାମିଲ କରୁଛନ୍ତି।

କାଜୁରେ ଓମେଗା -୩ ଫ୍ୟାଟି ଏସିଡ୍, ବାୟୋଟିନ୍, ଭିଟାମିନ୍ ଇ, ଜିଙ୍କ୍ ଏବଂ ପ୍ରୋଟିନ ଭଳି ଅନେକ ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ରହିଛି । ଫଳରେ କାଜୁକୁ ଶରୀର ପାଇଁ ବେଷ୍ଟ ହୋଇଥାଏ। ଯାହା ଖାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ଦେଇଥାଏ। ଯାହା ଅନେକ ରୋଗରୁ ମୁକ୍ତି ଦେଇଥାଏ। ସଠିକ୍ ଉପାୟରେ କାଜୁକୁ ଖାଇବା ଦ୍ୱାରା ଏହା ଶରୀରରେ ଉପରେ ଅଧିକ ଭଲ ପ୍ରଭାବ ପକାଇଥାଏ। ଯାହା ଆମ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ତେଣୁ ପ୍ରତିଦିନ କାଜୁ ଖାଇବା ଦ୍ୱାରା ଆମ ଶରୀରରେ ପରିବର୍ତ୍ତନ ଆଣିଥାଏ। ତେବେ ଆସନ୍ତୁ କାଜୁ ଆମ ସ୍ୱାସ୍ଥ୍ୟ ଉପରେ କେଉଁ ସବୁ ପ୍ରଭାବ ପକାଏ ସେ ସମ୍ପର୍କରେ ଜାଣିବା।

**ହାର୍ଟ:** କାଜୁ ହାର୍ଟ ସମସ୍ୟାରେ ଉନ୍ନତି ଆଣିଥାଏ। ଏହା ନିୟମିତ ଖାଇବା ଦ୍ୱାରା ବ୍ଲଡପ୍ରେସର କମାଇ ହାର୍ଟ ସମସ୍ୟାରୁ ରକ୍ଷା କରିଥାଏ। ଖରାପ କୋଲେଷ୍ଟ୍ରୋଲକୁ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

**ଓଜନ ହ୍ରାସ :** କାଜୁରେ ଫାଇବର, ପ୍ରୋଟିନ ଥିବାରୁ ଓଜନ ହ୍ରାସ କରିବାରେ ସହାୟକ କରିଥାଏ। କାଜୁ ଖାଇବା ଦ୍ୱାରା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ତେଣୁ ଓଜନ ହ୍ରାସ ଯାତ୍ରାକୁ ସହଜ କରିଥାଏ।

**ଡାଇବେଟିସ କଣ୍ଟ୍ରୋଲ:** ଡାଇବେଟିସ ରୋଗୀଙ୍କ ପାଇଁ କାଜୁ ପ୍ରଭାବଶାଳୀ। ଏଥିରେ ଥିବା ମ୍ୟାଗ୍ନେସିୟମ ବ୍ଲଡ୍ ଲେବଲକୁ କମାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

ଇମ୍ୟୁନିଟି ସିଷ୍ଟମରେ ବୃଦ୍ଧି : କାଜୁରେ ଭିଟାମିନ ଓ ଜିଙ୍କର ଗୁଣ ରହିଛି। ଯାହା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିବା ସହିତ ଶରୀରରେ ଥିବା ରୋଗ ସହିତ ଲଢେଇ କରିଥାଏ।

**ସ୍କିନ୍ ଓ ଚୁଟି ପାଇଁ ଲାଭକାରୀ:** ଏତିକି ନୁହେଁ ବରଂ ଓମେଗା-୩ ଏବଂ ଭିଟାମିନ୍ ଇ ଥିବାରୁ ଏହା ଚୁଟି ଓ ସ୍କିନ୍ ପାଇଁ ଫଳପ୍ରଦ। ଯାହା ଖାଇବା ଦ୍ୱାରା ତ୍ୱଚାରେ ଚମକ ଆଣିବା ସହିତ ଚୁଟିକୁ ମଜବୁତ କରି ରଖିଥାଏ।

**ବ୍ରେନ୍ :** କାଜୁ ସ୍ମରଣ ଶକ୍ତି ବଢାଇବାରେ ବଡ ଦାୟିତ୍ୱ ବହନ କରିଥାଏ। ମ୍ୟାଗ୍ନେସିୟମର ଗୁଣ କାରଣରୁ ବ୍ରେନକୁ ସୁସ୍ଥ ରଖିଥାଏ।

**ହାଡକୁ ମଜବୁତ କରେ :** କ୍ୟାଲସିୟମ ଆମ ହାଡ ଗଣ୍ଠିକୁ ମଜବୁତ କରି ରଖିଥାଏ। ଯାହା ଦ୍ୱାରା ହାଡଗଣ୍ଠି ସମସ୍ୟାରୁ ମୁକ୍ତି ଦେଇଥାଏ। କାଜୁକୁ ଖାଇବା ଫଳରେ ଶରୀରକୁ ଆବଶ୍ୟକ ଅନୁସାରେ ସଠିକ୍ ପୋଷଣ ଆମକୁ ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇଥାଏ। ଶରୀରରେ ଥିବା ସମସ୍ୟାକୁ ଦୂର କରିଥାଏ। ଏହା କେବଳ ଶାରୀରିକ ସମସ୍ୟାକୁ ନୁହେଁ ବରଂ ମାନସିକ ସମସ୍ୟାକୁ ମଧ୍ୟ ଦୂର କରିବା ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ। ତେଣୁ କାଜୁ ନିୟମିତ ଖାଇବା ଉଚିତ୍।

## ଜିଲ୍ଲା ନ୍ୟାୟାଳୟ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା



**ସୁବର୍ଣ୍ଣପୁର,୨୩।୧୧ (ସଂଚାର ବ୍ୟୁରୋ):** ଓଡିଶା ଉଚ୍ଚ ନ୍ୟାୟାଳୟ କଟକ ଙ୍କ ଆଦେଶ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକ ଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ଙ୍କ ତତ୍ତ୍ୱାବଧାନ ରେ ଆଜି ଜିଲ୍ଲା ନ୍ୟାୟାଳୟ ପରିସର ସୋନପୁର ଠାରେ ଶିଶୁ ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଚିତ୍ରାଙ୍କନ ପ୍ରତିଯୋଗିତା ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ଅଧୀନରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ରୁ ୭୪ ଜଣ ଛାତ୍ରୀ ଛାତ୍ର ଯୋଗଦାନ କରିଥିଲେ। ପ୍ରତିଯୋଗିତା ଶେଷ ରେ ସମସ୍ତ ଛାତ୍ରୀ ଛାତ୍ର ଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରା ଯାଇଥିଲା ।

### ମୋନା ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କର ଜୟନ୍ତୀ ପାଳିତ

# ପରିବାରକୁ ନିଶାମୁକ୍ତ କରିବା ପାଇଁ ଆହ୍ୱାନ

**ବାଲିଆପାଳ,୨୩।୧୧ (ସଂଚାର ବ୍ୟୁରୋ):** ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ମୋନା ପକ୍ଷରୁ ରବିବାର ଅପରାହ୍ନରେ ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ଅଫିସ୍ ସଭାଗୃହରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କର ୧୨୫ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋନାର ରାଜ୍ୟ ସଂଯୋଜକ ତପସ୍ୱିନୀ କରଙ୍କର ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବାଲିକୁଟି ସରପଞ୍ଚ ଯଶୋଦା ମଣି ଧଳ, ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ,ମିଳିତ ଓଡ଼ିଶା ନିଶା ନିବାରଣର ଜିଲ୍ଲା ସଂମ୍ପାଦକ ପିତାମ୍ବର ଭୂୟାଁ , ସଭାନେତ୍ରୀ ବ୍ରିଜେଶ୍ୱରୀ ପାଳ ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରୁ ନିଶାମୁକ୍ତ କରିବା ପାଇଁ ପ୍ରତ୍ୟେକ ପରିବାରରୁ ସ୍ୱର ଉଠାଇବା ଏବଂ ଚୋରା ମଦକୁ ବିରୋଧ କରିବା,ନିଜ ପରିବାରକୁ ନିଶା ମୁକ୍ତ କରିବା, ରାଜସ୍ୱ ନାଁରେ ସରକାର ମଦକୁ ପ୍ରୋତ୍ସାହନ ଯୋଗାଇବା ପରି ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଥିଲେ। ଏହା ବ୍ୟତିତ ସରକାର ମଦ ମୁକ୍ତ ଓଡିଶା ଗଠନ ଦିଗରେ ନିଶାର ମୂଳ ଉତ୍ପାଟନ କରି ଖଣିଜ ପଦାର୍ଥ ଉପରେ ଅଧିକ ରୋୟାଲଟି ଲଗାଇ ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ନିଶା ମୁକ୍ତ ଓଡିଶା ଗଠନ ପାଇଁ ଆହ୍ୱାନ ଦେଇଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ସେହି କଥାଟିକୁ ସରକାର କାର୍ଯ୍ୟକାରୀ କରୁନଥିବାରୁ ମୋନା ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା।



## ରାଜ୍ୟସ୍ତରୀୟ ପାୱାର ଲିଫଟିଙ୍ଗ ପ୍ରତିଯୋଗିତାରେ ଯାଜପୁର ଟିମର ସଫଳତା



**ଯାଜପୁର ରୋଡ୍,୨୩।୧୧(ସଂଚାର ବ୍ୟୁରୋ):** ମାଲକାନଗିରି ଠାରେ ଅନୁଷ୍ଠିତ ୬୨ତମ ରାଜ୍ୟ ସ୍ତରୀୟ ପାୱାର ଲିଫଟିଙ୍ଗ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ବ୍ୟାସନଗରରୁ ଆଠ ଜଣ କୃତି ପ୍ରତିଯୋଗୀ ସଫଳତା ଅର୍ଜନ କରିଥିବା ଦେଖିବାକୁ ମିଳିଛି। ଏଥିପାଇଁ ତାଙ୍କୁ ୧୩ଗୋଟି ମେଡାଲ ମିଳିଥିବା ନେଇ ସୂଚନା ଅବଗତ ହୋଇଛି। ବ୍ୟାସନଗର ରାଜୀବଗାନ୍ଧୀ ଷ୍ଟାଡିୟମରେ ଅବସ୍ଥାପିତ ମଲ୍ଟି ପରପସ ଇଣ୍ଡୋର ଷ୍ଟାଡିୟମରେ ଅଭ୍ୟାସରତ ଥିବା ଏହି ସମସ୍ତ ପ୍ରତିଯୋଗୀ ମାନେ ନିଜକୁ ଗୌରବାନ୍ୱିତ ମନେକରିବା ସହ ଆୟୋଜନ କରିଥିବା ଅଲ ଓଡିଶା ପାୱାର ଲିଫଟିଙ୍ଗ ଟିମକୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଟିମର ମୁଖ୍ୟ ନରେଶ ଆମରୋଜିଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିଥିବା ବେଦିବର୍ତ୍ତ ଦୁଇଟି ସ୍ୱର୍ଣ୍ଣପଦକ, ମୋହିତ ମଙ୍ଗଳମ ଗୋଟିଏ ସ୍ୱର୍ଣ୍ଣ, ଚିନ୍ମୟ ଦାସ ଗୋଟେ ସ୍ୱର୍ଣ୍ଣ ଏବଂ ଗୋଟେ ରୋପ୍ୟ, ଚନ୍ଦ୍ର ନାଥ ବିଦଦାସ ଗୋଟେ ରୋପ୍ୟ ଓ ଗୋଟେ ବ୍ରୋଞ୍ଚ,ପ୍ରିୟଙ୍କା ନାୟକ ଦୁଇଟି ରୋପ୍ୟ, ଅଫଜାଲ ଖାନ ଦୁଇଟି ରୋପ୍ୟ, ନରେଶ ଆମରୋଜି ଦୁଇଟି ରୋପ୍ୟ ପାଇଥିବା ଯାଜପୁର ଟିମ ମୁଖ୍ୟ ଆମୋରୋଜି କହିଛନ୍ତି। ସରକାରଙ୍କ କ୍ରୀଡା ବିଭାଗ ତରଫରୁ ଯଦି ଏମାନଙ୍କୁ କିଛି ସାହାଯ୍ୟ କରାଯାଏ ତେବେ ସେମାନେ କ୍ରୀଡା କ୍ଷେତ୍ରରେ ଆହୁରି ଆଗକୁ ବଢିବା ସହିତ ସାରା ଦେଶରେ ନାଁ କରିପାରିବେ ନେଇ ଆଶା ରଖିଥିବା କହିଛନ୍ତି।

# ନାଳିଆ-ବାଉଁଶ ହସ୍ତଶିଳ୍ପ ସମବାୟ ସମିତିର ବୈଠକ

**ରାଜନଗର,୨୩।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଜୁଣୁପଙ୍ଗରା ଠାରେ ନାଳିଆ-ବାଉଁଶ ହସ୍ତଶିଳ୍ପ ସମବାୟ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତିର ସଭାପତି ବାମନଚରଣ ଯେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣକୁମାର ସାହୁ, ମୁଖ୍ୟବକ୍ତା ଭାବେ ଯୁବନେତା ସନ୍ତୋଷକୁମାର ରାଉତ ଯୋଗଦେଇ ସମିତିର ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ୧୯୮୩ ମସିହାରୁ ଗଠିତ ଏହି ସମବାୟ ସମିତିରେ ୧୧ଟି ପଚାଂୟତର ପ୍ରାୟ ଦୁଇଶହ ନାଳିଆ-ବାଉଁଶ



କାରିଗର ସାମିଲ ଅଛନ୍ତି । ଭିତରକନିକା ଅଭୟାରଣ୍ୟ ଓ ପରେ ଜାତୀୟ ଉଦ୍ୟାନ ଘୋଷଣା ହେବା ପରେ ମୁଖ୍ୟ କଂଚାମାଲ ନାଳିଆ ବନବିଭାଗର କଟକଣା ଯୋଗୁଁ ସଂଗ୍ରହ କରି ପାରିଲେନାହିଁ। ଯାହାଫଳରେ ସେମାନଙ୍କ ପାଇଁ ଜୀବିକା ଅର୍ଜନ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଏହାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ସହିତ ବିଧାୟକଙ୍କ ସହଯୋଗ ନିଆଯିବ ବୋଲି ନିଷ୍ପତି ନିଆଯାଇଥିଲା । ପ୍ରଶାନ୍ତକୁମାର ଯେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ରାଜକିଶୋର ମୁଦୁଲି, ରାଜକିଶୋର ଯେନା, ପୂର୍ଣ୍ଣଚନ୍ଦ୍ର ଯେନା, ନକୁଳ ଯେନା, କେଶବ ଯେନା ପ୍ରମୁଖ ସମିତିର ବିଭିନ୍ନ ସମସ୍ୟା ଓ ଏହାର ଉନ୍ନତି ପାଇଁ ମତାମତ ପ୍ରଦାନ କରିଥିଲେ ।

# ଧୂମାତ ମଠରେ ଶ୍ରୀରାମଚରିତ ମାନସ ପାରାୟଣ ଉଦଘାଟିତ

**କେନ୍ଦ୍ରାପଡ଼ା,୨୩।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଧୂମାତ ଗ୍ରାମରେ ଶ୍ରୀରାମଚରିତ ମାନସ ,ନବାହ୍ନ ପାରାୟଣ ଓ ନବଦିନାତ୍ମକ ପ୍ରବଚନ କାର୍ଯ୍ୟକ୍ରମକୁ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିଛନ୍ତି । ଦୀର୍ଘ ୪୦ବର୍ଷ ଧରି ଚାଲିଥିବା ଏହି ଅନୁଷ୍ଠାନର ସ୍ଥାୟୀ ସଭାପତି ଶ୍ରୀମା ଉଦଘାଟନ ଅବସରରେ କହିଛନ୍ତି ମର୍ଯ୍ୟାଦାପୁରୁଷୋମ ପ୍ରଭୁ ଶ୍ରୀରାମଚନ୍ଦ୍ର ସମାଜରେ ବଡଭାଇର ସ୍ନେହ, ମମତା ଓ ଭାତୃତ୍ୱ ଭାବ କିପରି ବଜାୟ ରହିବ ସେ ସମ୍ପର୍କରେ ଭାରତବର୍ଷର ଜନସାଧାରଣଙ୍କୁ ଶିକ୍ଷା ଦେଇଯାଇଛନ୍ତି । ସୂର୍ଯ୍ୟବଂଶର ଗାରିମା ଓ ବଂଶ ପରମ୍ପରାକୁ କିପରି ପ୍ରଭୁ ଶ୍ରୀରାମ ଶେଷ ପର୍ଯ୍ୟନ୍ତ ବଜାୟ ରଖିଥିଲେ ସେଥିରୁ ଆମେ କିଛି ଶିଖିବା ଉଚିତ । ପ୍ରଭୁ ଶ୍ରୀରାମଙ୍କ ଆଚରଣ ଓ ଉଚାରଣ ମଧ ଆମ ମାନଙ୍କୁ ଶିକ୍ଷା ଦେଇଥାଏ ବୋଲି ଶ୍ରୀମା କହିଥିଲେ । ପ୍ରଥମ ଦିବସରେ ନାମ ମହାତ୍ମ୍ୟ, ସତସଙ୍ଗ ମହାତ୍ମ୍ୟ, ନାମନାମି ଏକାକାର, ସତସଙ୍ଗ ଜୀବନଦର୍ଶନ ପ୍ରଭୃତି ଉପରେ ଆଲୋକପାତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଡ. କାଳୀପ୍ରସନ୍ନ ଶତପଥୀ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ମହେନ୍ଦ୍ରସୁନ୍ଦର ରାଉତ, ବିନୟ ବୋଷ, ଦିଲ୍ଲିପ ରାଉତ, ଶିବୁ ହାଜରା, ରମାକାନ୍ତ ଦାସ, ପର୍ଶୁରାମ ଦାସ, ଶୁଭଲକ୍ଷ୍ମୀ ଦାସ, ପିତାମ୍ବର ଦାସ, ସୁଷମା ରାଉତ, ପୁନମ ନାୟକ ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଶୀତ କବିତା ଆସର



**ବାଲିଆପାଳ,୨୩।୧୧(ସଂଚାର ବ୍ୟୁରୋ):** ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥା ପରିସରରେ ପୂଜ୍ୟପୂଜା ସଂସଦ ବାଲିଆପାଳ ପକ୍ଷରୁ ଶୀତ କବିତା ଆସର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂଜ୍ୟପୂଜା ସଂସଦର ଝାଡେଶ୍ୱର ପ୍ରଧାନ ପୌରହିତ୍ୟ କରିଥିବା ବେଳେ ଡ.କାଳିପଦ ପଣ୍ଡା ଉଦଘାଟକ ଭାବରେ ଯୋଗ ଦେଇଥିଲେ। କବି ନଳିନୀକାନ୍ତ ପାଢ଼ୀ ସ୍ୱାଗତ ଭାଷଣ, କବିତାର ଉତପତି କ୍ରମବିକାଶ ଏବଂ ଆଗତ ସ୍ଥିତି ସମ୍ବନ୍ଧରେ ଆଲୋଚନା କରି କବିତା ନିଜକୁ ଅନୁଷ୍ଠାନ ନ ଭାବି ଅନୁଷ୍ଠାନର ଭାବିଲେ ସାହିତ୍ୟ ନୂତନ ଦିଗନ୍ତ ପ୍ରାପ୍ତ ହେବ ବୋଲି ବରେଣ୍ୟ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ବ୍ୟଙ୍ଗ କବି ଅର୍ଦ୍ଧେନ୍ଦୁ ପାଣୀଗ୍ରାହୀ, ନାରୀ କବି ସୁଜାତା ରଣା, ବରିଷ୍ଠ କବି ବୀରମାଧବ ଦାସ, ମୀନକେତନ ସେଠୀ, ପ୍ରଭାକର ସାମଲ, ସରୋଜ କୁମାର ଦାସ, ସେହ୍ନଲତା ନାୟକ, ବିଦ୍ୟୁତ ପ୍ରଭାସସାମଲ, ସଙ୍ଗୀତଜ୍ଞ ଗିରିଧାରୀଭୂୟାଁ, ନାଟ୍ୟକାର ପ୍ରଫୁଲ ବାଗ, ଶିଶୁ କବୀ ତୃପ୍ତି ସୂଚୀରେଖା ଗିରି, ଜଗନ୍ନାଥ ପ୍ରଧାନ, ନଳିନୀକାନ୍ତ ପାଢ଼ୀ, ପଙ୍କଜ କୁମାର ସାହୁ, ଉମାକାନ୍ତ ନାୟକ ପ୍ରମୁଖ କବିତା ପାଠ କରିଥିଲେ। ସୁଜାତା ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ବୈଠକ

**ରାଜନଗର,୨୩।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସଦର ମହକୁମା ସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ବ୍ଲକ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି ।ମଞ୍ଚର ସଭାପତି ବସନ୍ତ କୁମାର ହାତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚର ସାଂଗଠନିକ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କୁ ପ୍ରଦତ୍ତ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ବରିଷ୍ଠ ନାଗରିକଙ୍କୁ ସଚେତନତା କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେବାକୁ ସ୍ଥିର ହୋଇଥିଲା।ଆସନ୍ତା ବୈଠକରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।ଏହି ବୈଠକରେ ଉପଦେଷ୍ଟା ନିରଞ୍ଜନ ଶତପଥୀ,ଅଭିରାମ ସାହୁ,କୃପାସିନ୍ଧୁ ସାମଲ,ସୁକାନ୍ତ କୁମାର ତ୍ରିପାଠୀ,ଅନିଲ କୁମାର ରାଉତ, ଅମର କୁମାର ସ୍ୱାଇଁ,ରବୀନ୍ଦ୍ରନାଥ ମହାନ୍ତି,ବଳରାମ ତ୍ରିପାଠୀ, ସୁକାନ୍ତ କୁମାର ବେହେରା,ବିଜୟ କୁମାର ବେହେରା,କିଶୋର ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ସୋନପୁର କଲେଜଠାରେ ସଫେଇ ଅଭିଯାନ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର,୨୩।୧୧ (ସଂଚାର ବ୍ୟୁରୋ):** ସୋନପୁର ମହାବିଦ୍ୟାଳୟ ଠାରେ ଦୁଇ ଦିନ ଧରି ଏକ ସଫେଇ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟରେ ନୂତନ ପ୍ରିନ୍ସିପାଲ ଭାବରେ ପ୍ର. ରାଧାକାନ୍ତ ନାୟକ ଯୋଗ ଦେବା ପରେ କଲେଜ ରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇ ତାହାର ତ୍ୱରିତ ସମାଧାନ ଦିଗରେ ବିଭିନ୍ନ ପଦକ୍ଷେପ ନେଉଥିବା ଦେଖାଯାଇଛି। ଦୀର୍ଘ ବର୍ଷ ହେବ କଲେଜ ପରିସରରେ ଥିବା ବଗିଚା ଏବଂ ଅନାବନା ବୃକ୍ଷ କଲେଜ ପରିସରକୁ କବଳିତ କରିଥିବା ବେଳେ ପ୍ର. ଶ୍ରୀ ନାୟକ ଙ୍କ ଉଦ୍ୟମରେ ଏବଂ କଲେଜ ଆଲୁମିନୀ ସଂଘ କର୍ମକର୍ତ୍ତାଙ୍କ ସହଯୋଗରେ ଦୁଇ ଦିନ ଧରି ସଫେଇ କାର୍ଯକ୍ରମ ହୋଇଯାଇଛି ।

ଏହି ସଫେଇ ଅଭିଯାନ ରେ ଆଲୁମିନୀ ସଂଘ କୁ ପ୍ରତ୍ୟକ୍ଷ ସହଯୋଗ କରିଥିଲେ ଭୂର୍ଷାପାଲି ଓ ଲୁପୁରସିଂହା ଯୁବ ଗୋଷ୍ଠୀ । ବିନା ପାରିଶ୍ରମିକ ନେଇ ସେବା ମନୋବୃତି



ନେଇ ପ୍ରଥମ ଦିନ ୭ ଜଣ ଓ ଦ୍ୱିତୀୟ ଦିନ ୧୩ ଜଣ ଯୁବଗୋଷ୍ଠୀ ଟାଙ୍ଗିଆ , ତିନି ଗୋଟି ଗ୍ରାସ କଟର୍ ମେସିନ, ଗୋଟିଏ ଗଛ କଟା ମେସିନ କେବଳ ତେଲ ଖର୍ଚ୍ଚ ନେଇ ଆଲୁମିନୀ ସଂଘ କୁ ସହଯୋଗ କରିଥିଲେ। ଏହି ସଫେଇ ଅଭିଯାନ ରେ ଭୂର୍ଷାପାଲି ଓ ଲୁପୁରସିଂହା ଗ୍ରାମର ଆଲୁମିନୀ ସଂଘ ର କର୍ମକର୍ତ୍ତା ବଳଦେବ ଦେହେରୀ ଙ୍କ ସହ ବ୍ୟାସଦେବ ମହାକୁଡ, ରାଧାକାନ୍ତ ମହଲିଙ୍ଗ, ରାଜୀବ ବସ୍ତିଆ, ଝାଣ୍ଟୁ ବରିହା, ସଂଗ୍ରାମ ଦାସ, ଜଗନ୍ନାଥ ମେଲ୍ଲୀ ଓ ରଜତ ମେଲ୍ଲୀ ପ୍ରମୁଖଙ୍କ ସହ ୧୩ ଜଣ ଯୁବଗୋଷ୍ଠୀ ସାମିଲ ହୋଇଥିଲେ ।

କଲେଜ ର ପ୍ରିନ୍ସିପାଲ୍ ପ୍ର. ରାଧାକାନ୍ତ ନାୟକ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯକ୍ରମରେ କଲେଜ ଏନସିସି ର ଲେଫ୍ଟେନାଣ୍ଟ ଆଶିଷ ଅଗ୍ରୱାଲ, ଦୁର୍ଜନି ସାହୁ, ଉମାକାନ୍ତ ନାଗ ଏବଂ ଆଲୁମିନୀ ସଂଘ ର ସମ୍ପାଦକ ଭାରତ ଭୂଷଣ ଦାଶ, ବିଶ୍ୱବୀର ମିଶ୍ର, ସୁଧିର ପଣ୍ଡା, ରାଜ କିଶୋର ତ୍ରିପାଠୀ ଙ୍କ ଉପସ୍ଥିତିରେ ସଫେଇ କାର୍ଯକ୍ରମ ସୁରୁଖୁରୁରେ ଅନୁଷ୍ଠିତ ହୋଇଯାଇଛି ।

କ୍ୟାମ୍ପସ ର ଏଇ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମକୁ ସହରର ବୁଦ୍ଧିଜୀବି ପ୍ରଶଂସା କରିଥିବା ବେଳେ ଆଗକୁ ଏଇ କଲେଜର ଶିକ୍ଷା ସହ ସ୍ୱଚ୍ଛତା ଓ ସମଗ୍ର ପରିବେଶର ସଂସ୍କାର ଆଣିବାର ନୂତନ କଲେଜ ଅଧ୍ୟକ୍ଷ ଓ ଆଲୁମିନି କମିଟି ର ଏଇ ପ୍ରାୟସ ଓ ଉଦ୍ୟମ କୁ ସାଧୁବାଦ୍ ଜଣାଇଛନ୍ତି। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ମଧ୍ୟ ଦକ୍ଷତା, ସ୍ୱଚ୍ଛତା ଓ ନିରପେକ୍ଷତା ର ସହ ନିଜ ନିଜ ର ଅଧ୍ୟାପନା ଓ ସମସ୍ତ କାର୍ଯ୍ୟ ସମ୍ପାଦନ କରି ସର୍ବ ପୁରାତନ ଏଇ କଲେଜର ସୁନାମ ବଜାୟ ରଖିବାକୁ ବୁଦ୍ଧିଜୀବି ଦୃଢ଼ ଆଶା ବିଶ୍ୱାସ ରଖି ଛନ୍ତି ।

## ଶିଶୁ ଦିବସ ପାଳନ



**ବାଲିଅନ୍ତା,୨୩।୧୧(ସଂଚାର ବ୍ୟୁରୋ):** ଶୈଳବାଳା ଫାଉଣ୍ଡେସନ୍, ବେବି ବବଲ୍ସ ସ୍କୁଲ ସହଯୋଗରେ, ୨୩ ନଭେମ୍ବର ୨୦୨୫ ରବିବାର ଦିନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜସୁଆପୁର ଗ୍ରାମରେ ଶିଶୁ ଦିବସ ଉପଲକ୍ଷେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ୬୦ ରୁ ଅଧିକ ପିଲା ଉତ୍ସାହର ସହିତ ବଲ୍ ଖେଳ, ସଂଗୀତ ଚେୟାର, ଗଣିତ ଖେଳ, ଫ୍ୟାନ୍ସି ଡ୍ରେସ୍ ଏବଂ ନୃତ୍ୟ ପ୍ରତିଯୋଗିତା ସମେତ ମଜାଦାର ଏବଂ ଦକ୍ଷତା-ଭିତ୍ତିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରୁଥିବା ପିଲାମାନଙ୍କୁ ଆୟୋଜକ ଏବଂ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ଏବଂ ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ପିଲାମାନଙ୍କର ଆଭ୍ୟନ୍ତରୀଣ ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେମାନଙ୍କ ଆତ୍ମବିଶ୍ୱାସ ଦୃଢ଼ କରିବା ଏବଂ ଭବିଷ୍ୟତର ସଫଳ କଳାକାର ହେବାକୁ ଆକାଂକ୍ଷା କରିବା ପାଇଁ ଏକ ପସୁଯୋଗ ପ୍ରଦାନ କରିବା।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଚିକାନ୍ତ ପ୍ରଧାନ, ସାମାଜିକ କର୍ମୀ, ଦିନବନ୍ଧୁ ଭୋଇ, ପ୍ରକୃତି ମିତ୍ର, ରଞ୍ଜନ ମହାପାତ୍ର, ସମିତି ସଭ୍ୟା ଏବଂ ସମାଜସେବୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ପ୍ରମୁଖ ଯୋଗଦାନକାରୀଙ୍କ ମଧ୍ୟରେ ଥିଲେ ଶୈଳବାଳା ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶୀକା ବେବି ନାୟକ, ବେବି ବବଲ୍ସ ସ୍କୁଲର, ଅଧ୍ୟକ୍ଷା ସାବିତ୍ରୀ ନାୟକ, ସମ୍ଭବ ପାଠାଗାର ହୀରାପୁରର ମୁଖ୍ୟ ପରିଚାଳକ ପ୍ରଦୀପ କୁମାର ପ୍ରଧାନଙ୍କ ସହଯୋଗ ପ୍ରୟାସ ଏହି କାର୍ଯ୍ୟକ୍ରମକୁ ଜସୁଆପୁରର ପିଲାମାନଙ୍କ ପାଇଁ ଏକ ସ୍ମରଣୀୟ ଏବଂ ପ୍ରେରଣାଦାୟକ ଅବସର କରିଥିଲା।

# କପାଳେଶ୍ୱର ପଞ୍ଚାୟତରେ ସାଂସଦ କ୍ରୀଡ଼ା ମହୋତ୍ସବ

**କେନ୍ଦ୍ରାପଡା,୨୩।୧୧(ସଂଚାର ବ୍ୟୁରୋ):** ପିଏମଶ୍ରୀ କପାଳେଶ୍ୱର ପଞ୍ଚାୟତ ଅଧୀନରେ ଥିବା ବିଦ୍ୟାଳୟର ଜୋନ ସ୍ତରୀୟ ସାଂସଦ କ୍ରୀଡା ମହୋତ୍ସବ ଉଦଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ , କେନ୍ଦ୍ରାପଡ଼ା ବିଧାନ ସଭା ପାର୍ଥିନି ଗୀତାଞ୍ଜଳି ସେଠୀ, ଜୋନ ୮ର ମଣ୍ଡଳ ସଭାପତି ବାସୁଦେବ ତ୍ରିପାଠୀ,ଗଗନ ସାହୁ, କପାଳେଶ୍ୱର ସରପଞ୍ଚଙ୍କ ଉପସ୍ଥିତି ଓ ବିଦ୍ୟାଳୟର ଶିକ୍ଷକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କ୍ରୀଡା ମହୋତ୍ସବରେ ଉଦଘାଟକ ଭାବରେ ଯୋଗଦେଇ କ୍ରୀଡା ମହୋତ୍ସବକୁ ଉଦଘାଟନ କରିଥିଲେ ।



ଦୁଇଦିନ ଧରି ଚାଲିବାକୁ ଥିବା ଏଇ କ୍ରୀଡାରେ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିବାକୁ ପଞ୍ଚାୟତରୁ ସ୍କୁଲ ର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ସାଂସଦଙ୍କ ଅଧୀନରେ ହେଉଥିବା ସାଂସଦ ଖେଳର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋଚନା କରିବା ସହ କିପରି ଭାରତର ଯୁବଶକ୍ତିକୁ ସୁସ୍ଥ ଓ ଫିଟ କରିପାରିବ ଓ ସୁସ୍ଥ ଶରୀର କିପରି ବିକଶିତ ଭାରତ ଗଠନରେ ସହାୟକ ହେବ ତାହା ଅତିଥିମାନେ ପିଲାମାନଙ୍କୁ ଦିଗଦର୍ଶନ ଦେଇଥିଲେ । ପ୍ରତିଯୋଗିତା ମନୋଭାବ ନନେଇ ବା ଜିତିବାର ଆଶା ନରଖି ଖେଳ କିପରି ନିଜ ଶରୀରକୁ ନିରୋଗ ରଖିବାରେ ସହାୟକ ହେବ ସେମିତି ବିଷୟରେ ମତ ଦେଇଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା କ୍ରୀଡା ମହୋତ୍ସବରେ କବାଡି, ଭଲିବଲ,୧୦୦ ମିଟର ରେସ,୪୦୦ମିଟର ରେସ,ଲଙ୍ଗ ଜମ୍ପ,ହାଇ ଜମ୍ପ,ରିଲେ ରେସ, ସଟ ଫୁଟ ଖେଳରେ ପିଲାମାନେ ତାଙ୍କ କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଖେଳ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜୋନରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶାରୀରିକ ଶିକ୍ଷକମାନେ ଖେଳକୁ ପରିଚାଳନା କରିବା ସହ ବିଦ୍ୟାଳୟର ସମସ୍ତ ଶିକ୍ଷକମାନେ ସହଯୋଗ କରିଥିଲେ ।

## ପଲ୍ଲୀସାହିସ୍ଥ ମହିଳା ମହାବିଦ୍ୟାଳୟରେ ଅନ୍ତଃଜିଲ୍ଲା ଖେଳକୁଦ୍ ପ୍ରତିଯୋଗିତା




**ମାହାଙ୍ଗା,୨୩।୧୧ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ପଲ୍ଲୀସାହି ସ୍ଥିତ ମାହାଙ୍ଗା ମହିଳା ମହାବିଦ୍ୟାଳୟରେ ରମାଦେବୀ ବିଶ୍ୱବିଦ୍ୟାଳୟର ଅଷ୍ଟମ ବାର୍ଷିକ ଅନ୍ତଃଜିଲ୍ଲା ଖେଳକୁଦ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କ୍ରୀଡ଼ା ପରିଦର୍ଶକ ନିର୍ଦ୍ଦେଶିକା ଡ଼.ଇତିଶ୍ରୀ ଷଡଙ୍ଗୀ ଓ ସମ୍ମାନୀତ ଅତିଥି ଭାବେ ସାଲେପୁର ଏସଡ଼ିପିଓ ବିରଞ୍ଚି ନାରାୟଣ ପତି ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଆଜିର ଛାତ୍ରୀ ଆସନ୍ତା କାଲିର ଭବିଷ୍ୟତ ତେଣୁ ସେମାନଙ୍କ ସର୍ବାଙ୍ଗୀନ ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ସମ୍ଭବ ବୋଲି ମତପ୍ରକାଶ କରିଥିଲେ। ଏହି ପ୍ରତିଯୋଗିତାରେ ୮ଟି ଜିଲ୍ଲାର ୧୯ଟି ମହାବିଦ୍ୟାଳୟରୁ ୧୩୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଦଳଗତ ଭାବେ ଜଗତସିଂହପୁର ଜିଲ୍ଲା ଡ଼ିହସାହି ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିବା ବେଳେ ପୁରୀ ଜିଲ୍ଲା ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ରନର୍ସଅପ୍ ହୋଇଥିଲା। ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ରାନୀ ପ୍ରଧାନ ଚାମ୍ପିଅନ ହୋଇଥିଲେ। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତା କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ପ୍ରଶାନ୍ତ କୁମାର ସିଂଙ୍କ ସମେତ ସମସ୍ତ ଅଧାପକ ଅଧାପିକା, କାର୍ଯ୍ୟାଳୟ କର୍ମଚାରୀ ଓ ଛାତ୍ର ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଜୟନ୍ତୀ ପାଳିତ



**ବୋରିଗୁମ୍ମା,୨୩।୧୧ (ସଂଚାର ବ୍ୟୁରୋ):** ଆଜି ହେଉଛି ଭଗବାନ ସତ୍ୟସାଇ ବାବା ଙ୍କ ୧୦୦ ତମ ଜନ୍ମ ଜୟନ୍ତୀ।ଏହି ପରିପ୍ରେକ୍ଷୀରେ ଶ୍ରୀ ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଶ୍ରୀ ସତ୍ୟସାଇ ବାବା ଙ୍କ ମନ୍ଦିର ରେ ବଡ଼ ଧୁମଧାମରେ ସତ୍ୟସାଇ ବାବା ଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା।ଆଜି ଭୋର ରୁ ଓଁକାରମ,ସୁପ୍ରଭାତମ ଓ ନଗର ସଂକୀର୍ତ୍ତନ କରାଯାଇଥିଲା।ପରେ ସତ୍ୟସାଇ ବାବା ଙ୍କ ଫୋଟ ଚିତ୍ର ସତ୍ୟସାଇ ମନ୍ଦିର ରୁ ବାହାରି ସହର ପରିକ୍ରମା କରାଯାଇଥିଲା।ପରେ ସତ୍ୟସାଇ ବାବା ଙ୍କ ମନ୍ଦିର ପ୍ରାଙ୍ଗଣ ରେ ଷୋଡଶ ଉପଚାର, ନାରାୟଣ ସେବା କରାଯାଇଥିଲା।ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଗରୀବ ଲୋକଙ୍କୁ ରାସନ ସାମଗ୍ରୀ, କମ୍ବଳ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା।ସନ୍ଧ୍ୟାରେ ୧୦୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ମନ୍ଦିର ପରିସରରେ ୧୦୦ ଟି ଦ୍ୱୀପ ପ୍ରଜ୍ୱଳନ କରାଯାଇ ବେଦ ପାଠ ଓ ଭଜନ ପରିବେଷଣ କରାଯାଇଥିଲା।ଶେଷରେ ବୋରିଗୁମ୍ମା ଭଜନ ମଣ୍ଡଳୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷକ ପ୍ରହଲ୍ଲାଦ ରାଉତଙ୍କ ସ୍ମୃତିସଭା

**ଆଳି,୨୩।୧୧(ସଂଚାର ବ୍ୟୁରୋ):** ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତର ଶିକ୍ଷକ ପ୍ରହଲ୍ଲାଦ ରାଉତଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିସଭା ସ୍ୱର୍ଗତ ରାଉତ ବାସଭୱନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଜି ତାଙ୍କର ଏକାଦଶାହ ଅବସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭାର ସଂଯୋଜକ ଅନନ୍ତ କୁମାର ଦାସଙ୍କ ପୌରହିତ୍ୟରେ ବାପୁଜୀ ବିଦ୍ୟାଶ୍ରମର ଶିକ୍ଷକ ଗଣ ଙ୍କ ସହିତ ବିଭିନ୍ନ ସ୍କୁଲ ର ଶିକ୍ଷକ ବନ୍ଧୁ ଏବଂ ବହୁ ଶିକ୍ଷାବିତ, ଛାତ୍ର ଛାତ୍ରୀ ଯୋଗ ଦେବା ସହ ପଟ୍ଟାମୁଣ୍ଡାଇ ରାଜନଗର ରାଜକନିକାରୁ ବହୁ ଶୁଭେଚ୍ଛୁ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିବା ସହ ସ୍ମୃତି ଚାରଣ କରିଥିଲେ ।



ଶ୍ରୀ ରାଉତ ବାପୁଜୀ ବିଦ୍ୟାଶ୍ରମ ବଳଭଦ୍ରପୁର ରେ ଦୀର୍ଘ ବର୍ଷ ଶିକ୍ଷଦାନ ପରେ ନିକଟ ଅତୀତ ରେ ଅବସର ଗ୍ରହଣ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରି ଭଲ ମଣିଷ ତିଆରି କରିବାର ସେ ଥିଲେ ପାରଙ୍ଗମ।

# ମାଇଁ ଏନ୍‌ସିସି ଆଲୁମନି ଆସୋସିଏସନ୍‌ର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,୨୩।୧୧(ସଂଚାର ବ୍ୟୁରୋ):** ମାଇଁ ଏନ.ସି.ସି. ଆଲୁମନି ଆସୋସିଏସନ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଏନ.ସି.ସି. ଦିବସ ଅବସରରେ ପ୍ରତ୍ୟେକ ବର୍ଷ ଏହି ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା କଲେଜର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ମେଜର ପୀତବାସ ମହାନ୍ତି ଯୋଗ ଦେବା ସହ ଅନ୍ୟ ବରେଣ୍ୟ ଅତିଥି ଭାବେ ପୂର୍ବତନ ବାଳିକା ବିଭାଗ ଏ.ଏନ. ଓ. ପ୍ରଫେସର ଜ୍ୟୋତ୍ସ୍ନାମୟୀ ସାହୁ, ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପୂର୍ବତନ ପ୍ରାଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ସୁଆର,




ବର୍ତ୍ତମାନର ବାଳିକା ବିଭାଗ ଏ.ଏନ.ଓ. କ୍ୟାପଟେନ ସୀମା ମହାନ୍ତି ଓ ବାଳକ ବିଭାଗ ଏ.ଏନ.ଓ. ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରେଖିଥିଲେ। ଏହି ବାର୍ଷିକ ଉତ୍ସବରେ କେନ୍ଦ୍ରାପଡ଼ା କଲେଜ ପାଇଁ ଅନବରତ ସେବା ଯୋଗାଇ ଆସୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ କ୍ଷୀରୋଦ କୁମାର ପରିଡାଙ୍କୁ 'ଆଦର୍ଶ ସେବକ' ଉପାଧିରେ ସମ୍ମାନିତ କରାଯାଇଥିଲା। ପ୍ରତି ବର୍ଷ ପରି କେନ୍ଦ୍ରାପଡ଼ା କଲେଜର ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ପ୍ରତିଭାମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ମାଇଁ ଏନ.ସି.ସି ଆଲୁମନି ଆସୋସିଏସନ ପକ୍ଷରୁ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ମେଗା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସ୍ୱର୍ଗତ ଏଲିନା ଜତି, ଅବନ୍ତୀ ସାହୁ, ସଂଯୁକ୍ତା ଜେନା, ଦିବାକର ଲେଙ୍କା, କେଶବ ଚନ୍ଦ୍ର ପଲାଇ, ସୁନାକାର ବିଶ୍ୱାଳ, ରବୀନ୍ଦ୍ର ନାଥ ଖୁିଆ, ନଟବର ପ୍ରଧାନ, ସସ୍ମିତା ପ୍ରଧାନ, ମହମ୍ମଦ ମନୱାର ଖାନ୍, ଡ. ପ୍ରଭାସିନୀ ମହାପାତ୍ର, ନିର୍ମଳ ଚନ୍ଦ୍ର ବାରିକ, କସ୍ତୁରୀ ଚରଣ ଦାସ, ନରେନ୍ଦ୍ର ନାଥ ବିଶ୍ୱାଳ ସ୍ମୃତି ସମ୍ମାନ ବିତରଣ କରା ଯାଇଥିଲା।